ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୬ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 DECEMBER 2021
Vol.No. 32 ■ No. 321 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମାଲେମାଲ କନିଷ୍ଠ ଯନ୍ତ୍ରୀ : ହୋଟେଲରେ ଚାଲୁଛି ଅଫିସ କାମ

ବଲାଙ୍ଗିର, ୧୫/୧୨ (ନି.ପ୍ର): ସରକାରୀ କାର୍ଯ୍ୟାଳୟ ନୁହେଁ, ଏକ ହୋଟେଲର ରୁମ୍ ନଂ-୧୦୨ ପାଲଟିଛି ଜୈନିକ କନିଷ୍ଠ ଯନ୍ତ୍ରୀଙ୍କ ଠିକଣା । ହୋଟେଲ ବେଡ ଉପରେ ଗଦା ହୋଇଛି ହିତାଧିକାରୀଙ୍କ କାଗଜପତ୍ର । ଏପରିକି ବହୁ ବିଲ୍ ବି ବେଡ ଉପରେ ଏଣେତେଣେ ପଡ଼ିଛି । ତେଣୁ ଏଠାରେ କେଉଁ ଧରଣର ହରିଲୁଟ ଚାଲିଥିଲା, ତାହା ସମସ୍ତଙ୍କୁ ଜଣା । ଏପରି ଦୃଶ୍ୟ ବଲାଙ୍ଗିରର ଏକ ହୋଟେଲରେ ଦେଖିବାକୁ ମିଳିଥିବା ବେଳେ ଉକ୍ତ ରୁମ୍‌କୁ ଗତ ୨ ଦିନ ହେଲାଣି ସିଲ୍ କରି ଦିଆଯାଇଛି । ଏପରିକି ଗତ ୨ ଦିନ ଧରି ଉପଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀ ଉକ୍ତ ରୁମ୍‌ରେ ଥିବା କାଗଜପତ୍ରର ତଲାସୀ କରୁଛନ୍ତି । ବଲାଙ୍ଗିର ଜିଲ୍ଲା ପୁଇଣ୍ଟତଲା ବ୍ଲକରେ ସ୍ୱଚ୍ଛ ଭାରତ ଯୋଜନାରେ କନିଷ୍ଠ ଯନ୍ତ୍ରୀ ମାଲେମାଲ ହୋଇଛନ୍ତି । ଏପରିକି ନିଜ ଠିକାଦାରଙ୍କୁ ନିୟୋଜିତ କରି ଧୁମ୍ ଲୁଟି ଚାଲିଛନ୍ତି । ଏପରିକି ସରକାରୀ କାମକୁ ହୋଟେଲ ଭଡ଼ା ନେଇ କରୁଛନ୍ତି । ଯେଉଁ କାଗଜପତ୍ର ବିଡିଓଙ୍କ ଅଫିସରେ ରହିବା କଥା, ତାହା ଏଠାରେ ହୋଟେଲରେ ପଡ଼ିଛି । ବହୁ କାଗଜ, ସିଲ୍ ବି ମିଳିଛି । ଉପଜିଲ୍ଲାପାଳ କହିଛନ୍ତି, ଏନେଇ ଖବର ପାଇବା ପରେ ଏଠାରେ ଚଢ଼ାଉ କରିଛୁ । ବହୁ କାଗଜପତ୍ର ପାଇଛୁ । ତାହାକୁ ତଦନ୍ତ ପରିସରଭୁକ୍ତ କରିଛୁ । ଜେଇଙ୍କ ଘରେ କାଗଜପତ୍ର ରହିବା କଥା ନୁହେଁ । ଏହା ଅଫିସରେ ରହିବା କଥା ବୋଲି କହିଛନ୍ତି ବିଭାଗୀୟ ଅଧିକାରୀ ।

## ଓଡ଼ିଶାକୁ ବଢୁଛି ଓମିକ୍ରନ ଚିନ୍ତା

ଭୁବନେଶ୍ୱର, ୧୫/୧୨(ନି.ପ୍ର): ଓମିକ୍ରନର ଭୟ ଭିତରେ ପଡୋଶୀ ରାଜ୍ୟରୁ ଆକ୍ରାନ୍ତ ଚିହ୍ନଟ ହେବା ଓଡିଶାର ଚିନ୍ତା ବଢାଇ ଦେଇଛି । ପୂର୍ବରୁ ଆନ୍ଧ୍ରରୁ ଆଉ ଏବେ ପଶ୍ଚିମବଙ୍ଗରୁ ଜଣେ ନାବାଳକ ପଜିଟିଭ ଚିହ୍ନଟ ହୋଇଛନ୍ତି । ପଡୋଶୀଙ୍କ ଠାରୁ ଦ୍ରୁତ ସଂକ୍ରାମକ କରୋନାର ଏହି ନୂଆ ପ୍ରଜାତି ରାଜ୍ୟକୁ ପଶି ଆସିବା ଆଶଙ୍କା ଦେଖାଦେଇଛି । ତେଣୁ ସୀମାନ୍ତ ଅଞ୍ଚଳରେ ନଜର ରଖିବା ରାଜ୍ୟ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପଡିଛି । ଅନ୍ୟପଟେ ଜାନୁୟାରୀ କିମ୍ବା ଫେବୃୟାରୀରୁ ଓମିକ୍ରନ ସଂକ୍ରମଣ ବଢିବ ବୋଲି କହିଛନ୍ତି କେନ୍ଦ୍ର ସରକାର ।

# ଭୋଟର କାର୍ଡ ସହ ସଂଯୋଗ ହେବ ଆଧାର କାର୍ଡ




ନୂଆଦିଲ୍ଲୀ, ୧୫/୧୨: ଭୋଟର ଆଇଡି କାର୍ଡ ସହ ସଂଯୋଗ ହେବ ଆଧାର କାର୍ଡ । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଏପରି ସୁଧାର ଆଣିଛନ୍ତି କେନ୍ଦ୍ର ସରକାର । ନିର୍ବାଚନ ଆୟୋଗର ସୁପାରିସ କ୍ରମେ ସରକାର ଏପରି ବଡ ପରିବର୍ତ୍ତନ କରିବାକୁ ନିଷ୍ପତି ନେଇଛନ୍ତି । ଆଉ ଏକ ପ୍ରସ୍ତାବ ଅନୁସାରରେ ପ୍ରଥମ ଥର ଭୋଟର ପଞ୍ଜିକରଣ କରିବାକୁ ଚାରିଥର ସୁଯୋଗ ମିଳିବ । ସୁପ୍ରିମକୋର୍ଟଙ୍କ ରାଇଟ ଟୁ ଜଜମେଂଟ ଓ ଟେଷ୍ଟ ଅଫ ପ୍ରପୋସଲାଲିଟିକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାକୃତ ଭିତିରେ କରାଯାଇଛି । ନିର୍ବାଚନ ଆୟୋଗଙ୍କ ଅନୁପାୟୀ ଏହା ଦ୍ୱାରା ପରିଚାଳିତ ପାଇଲଟ ପ୍ରକଳ୍ପଗୁଡିକ ସଫଳ ହୋଇଛି । ଏହା ସହ ନିର୍ବାଚନ ପ୍ରକ୍ରିୟାରେ ନକଲ ପ୍ରକିୟାକୁ ମଧ ରୋକିବାରେ ସହାୟକ ହୋଇବ । ସରକାର ଏହି ପ୍ରମୁଖ ନିବାଚନୀ ସୁଧାରକୁ ଚଳିତ ଶୀତକାଳୀନ ଅଧିବେଶନରେ ଉପସ୍ଥାପନ କରିବେ ।

## କଲିକତାରେ ୭ ବର୍ଷର ପିଲା ଓମିକ୍ରୋନ ସଂକ୍ରମିତ




କୋଲକାତା, ୧୫/୧୨ (ନି.ପ୍ର): ଓଡ଼ିଶାର ଆଉ ଏକ ପଡୋଶୀ ରାଜ୍ୟରେ ପଶିଲା ଓମିକ୍ରନ୍ । ଆନ୍ଧ୍ରପ୍ରଦେଶ ପରେ ପଶ୍ଚିମବଙ୍ଗରେ ଚିହ୍ନଟ ହେଲା କରୋନାର ମାରାତ୍ମକ ଭାରିଏଣ୍ଟ । ଏଠାରେ ଓମିକ୍ରନ୍ ?ର ପ୍ରଥମ ମାମଲା ଚିହ୍ନଟ ହୋଇଛି । ମୁର୍ଶିଦାବାଦର ଜଣେ ୭ ବର୍ଷୀୟ ଛୁଆ ଏହି ମହାମାରୀରେ ଆକ୍ରାନ୍ତ ହୋଇଛି । ୧୦ ଡିସେମ୍ବରରେ ସଂକ୍ରମିତ ହୋଇଥିବା ଛୁଆ ପରିବାର ଲୋକଙ୍କ ସହ ଆବୁଧାବିରୁ ହାଇଦ୍ରାବାଦ ଫେରିଥିଲା । ସଂକ୍ରମିତ ୭ ବର୍ଷୀୟ ଛୁଆକୁ ଚିକିତ୍ସା ପାଇଁ ଏବେ ମୁର୍ଶିଦାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉକ୍ତ ଛୁଆର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ଆବୁଧାବିରୁ ପରିବାର ସହ ଭାରତ ଫେରିବା ପରେ ଉକ୍ତ ୭ ବର୍ଷୀୟ ବାଳକଟିକ ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଥିଲା । ଏଥିରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା । ଏହାପରେ ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା । ଏଥିରେ ସେ ଓମିକ୍ରନ୍‌ରେ ଆକ୍ରାନ୍ତ ହୋଇଥିବା ନେଇ ଜଣାପଡିଛି । ବର୍ତ୍ତମାନ ଯାଏଁ ଭାରତର ୧୦ଟି ରାଜ୍ୟରୁ ମୋଟ ୬୫ଟି ଓମିକ୍ରନ୍ ମାମଲା ସାମ୍ନାକୁ ଆସିଛି । ବୁଧବାର ଦିନ ତେଲେଙ୍ଗାନାରୁ ୩ଟି ଓ ପଶ୍ଚିମବଙ୍ଗରୁ ▶▶ପୃଷ୍ଠା ୭

## ଚାଲିଗଲେ ଗ୍ରୁପ କ୍ୟାପଟେନ ବରୁଣ ସିଂହ



ନୂଆଦିଲ୍ଲୀ, ୧୫/୧୨: ତାମିଲନାଡୁ ହେଲିକପ୍ଟର କ୍ରାଶ ଘଟଣାରେ ଅଳ୍ପକେ ବର୍ତ୍ତି ଯାଇଥିବା ଗ୍ରୁପ କ୍ୟାପଟେନ ବରୁଣ ସିଂହ ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି । ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି । ବେଙ୍ଗାଲୁରୁର ସେନା ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଡିସେମ୍ବର ୮ରେ କୁନ୍ନୁର ଠାରେ ଘଟିଥିବା ଭୟଙ୍କର ହେଲିକପ୍ଟର କ୍ରାଶ ଘଟଣାରେ ସିଡିଏସ୍ ? ବିପିନ ରାୱତଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା । ଘଟଣା ସ୍ଥଳରୁ ଗ୍ରୁପ କ୍ୟାପଟେନ ବରୁଣ ସିଂହ ଏକମାତ୍ର ଜୀବିତ ବ୍ୟକ୍ତି ଭାବେ ଉଦ୍ଧାର ହୋଇଥିଲେ । ପ୍ରଥମେ ତାଙ୍କୁ ୱେଲିଂଟନ ପରେ ବେଙ୍ଗାଲୁରୁକୁ ଏୟାରଲିଫ୍ଟ କରାଯାଇଥିଲା । ବେଙ୍ଗାଲୁରୁରେ ସବୁ ପ୍ରକାରର ଚିକିତ୍ସା ସୁବିଧା ସତ୍ତ୍ୱେ କ୍ୟାପଟେନ ବରୁଣ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି । ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ବୁଧବାର ସିଡିଏସ୍ ଜେନେରାଲ ବିପିନ ରାୱତ, ତାଙ୍କ ପତ୍ନୀ ମଧୁଲିକାଙ୍କ ସହ ମୋଟ ୧୪ ଜଣ ସୁଲୁର ଏୟାରବେସ୍‌କୁ ୱେଲିଂଟନ ଯାଉଥିଲେ । ହେଲେ ଲ୍ୟାଣ୍ଡ କରିବାର ୭ ମିନିଟ ପୂର୍ବରୁ ହେଲିକପ୍ଟର କ୍ରାଶ କରି ଯାଇଥିଲା । ଏଥିରେ ସିଡିଏସଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କେବଳ କ୍ୟାପଟେନ ବରୁଣଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସେଠାରୁ ▶▶ପୃଷ୍ଠା ୭

## ଇକୋ ରିଟ୍ରିଟ୍‌ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୧୨(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ମୋଟ ୭ ଟି ସ୍ଥାନରେ ଇକୋ ରିଟ୍ରିଟର ଉଦଘାଟନ କରିଛନ୍ତି । ଗତବର୍ଷ ପରି ୫ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆୟୋଜିତ ହୋଇଥିବା ବେଳେ ଚଳିତ ବର୍ଷ ପ୍ରଥମ କରି କୋରାପୁଟ ଓ ଗଞ୍ଜାମରେ ଇକୋ ରିଟ୍ରିଟ୍ ର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ପର୍ଯ୍ୟଟକମାନେ କୋଣାର୍କ, ଦାରିଙ୍ଗବାଡ଼ି, ଭିତରକନିକା, ସମ୍ବଲପୁର, ସାତକୋଶିଆ ସମେତ କୋରାପୁଟ ଓ ଗଞ୍ଜାମରେ ଏହି ନିଆରା ଉତ୍ସବର ମଜା ନେଇ ପାରିବେ । ଇକୋ ରିଟ୍ରିଟ୍ ଗୁଡିକରେ ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ପର୍ଯ୍ୟଟକଙ୍କ ପାଇଁ କଟେଜ୍ ସହିତ ବିଳାସପୂର୍ଣ୍ଣ ଟେଂଟ, ଖେଳ ସହ ଭଳିକି ଭଳି ଦେଶୀ, ବିଦେଶୀ ଖାଦ୍ୟ ଏବଂ ମନୋରଞ୍ଜନ ପାଇଁ ଭରପୂର କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ଏହି ଇକୋ ରିଟ୍ରିଟ୍ ତିନି ମାସ ପର୍ଯ୍ୟନ୍ତ ଚାଲିବ । ପ୍ରାକୃତିକ ପରିବେଶରେ ଅନନ୍ୟ ଅନୁଭୂତି ନେବେ ପର୍ଯ୍ୟଟକ ।

## ତାମିଲନାଡୁରେ ପଶିଲା ଓମିକ୍ରନ୍

ଚେନ୍ନାଇ, ୧୫/୧୨ (ନି.ପ୍ର): ତାମିଲନାଡୁରେ ପଶିଲା ଓମିକ୍ରନ୍ । ଜଣେ ନାଇଜେରିଆର ଫେରନ୍ତା ଓମିକ୍ରନ୍ ଭ୍ୟାରିଆଣ୍ଟରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ତାମିଲନାଡୁରେ ଏହା ହେଉଛି ପ୍ରଥମ ମାମଲା । ସମ୍ପୃକ୍ତ ବ୍ୟକ୍ତି ଏବଂ ତାଙ୍କ ସହ ଆସିଥିବା ୭ ଜଣ ଗୁଇଣ୍ଡି କିଙ୍ଗ ଇନଷ୍ଟିଚ୍ୟୁଟରେ ଅଛନ୍ତି । ଏନେଇ ତାମିଲନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ▶▶ପୃଷ୍ଠା ୭

# ସୁନୀଲ ବଂଶଲ ନୂଆ ପୋଲିସ୍ ଡିଜି



ଭୁବନେଶ୍ୱର, ୧୫/୧୨ (ନି.ପ୍ର): ବରିଷ୍ଠ ଆଇପିଏସ ସୁନୀଲ ବଂଶଲ ହେବେ ଓଡିଶାର ନୂଆ ପୋଲିସ୍ ମହାନିର୍ଦ୍ଦେଶକ । ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । କେନ୍ଦ୍ରୀୟ ଡେପୁଟେସନ୍ ରେ ଥିବା ୧୯୮୭ ବ୍ୟାଚର ବରିଷ୍ଠ ଆଇପିଏସ ସୁନୀଲ ବଂଶଲ ନୂଆ ବର୍ଷରେ ଦାୟିତ୍ୱ ଗ୍ରହଣ କରିବେ । ବର୍ତ୍ତମାନ ସେ ଦିଲ୍ଲୀ ଠାରେ ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଛନ୍ତି । ଓଡ଼ିଶା ପୋଲିସ୍ ପକ୍ଷରୁ ଏ ନେଇ ଟ୍ୱିଟ୍ ଯୋଗେ ସୂଚନା ଦିଆଯାଇଛି । ନୂଆ ଡିଜିପି ଭାବେ ବଂଶଲଙ୍କୁ ସ୍ୱାଗତ କରାଯିବା ସହ ତାଙ୍କ ନେତୃତ୍ୱରେ କାମ କରିବାକୁ ଓଡ଼ିଶା ପୋଲିସ୍ ଉତ୍ସାହିତ ଥିବା ଟ୍ୱିଟ କରାଯାଇଛି । ବର୍ତ୍ତମାନର ଡିଜିପି ଅଭୟ ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିବେ । ଅଭୟଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଜୁନ ମାସରେ ଶେଷ ହେଉଥିଲା, ହେଲେ ପରେ ଏହାକୁ ୬ ମାସ ବୃଦ୍ଧି କରାଯାଇଥିଲା । ଅଭୟଙ୍କ ପରେ କିଏ ପରବର୍ତ୍ତୀ ଡିଜିପି ରେସ୍ ରେ ପ୍ରଦୀପ କପୁର, ମନୋଜ ଛାବ୍ରା, ସୁନୀଲ ବଂଶଲ ଓ ସନ୍ତୋଷ ଉପାଧାୟଙ୍କ ନାଁ ରହିଥିଲା ।

## ଚିତ୍ତରଞ୍ଜନଙ୍କ ମୃତ୍ୟୁର ତଦନ୍ତ କରିବ କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର, ୧୫/୧୨(ନି.ପ୍ର): ସଂଜୟଙ୍କ ସହଯୋଗୀଙ୍କ ମୃତ୍ୟୁ ରହସ୍ୟର ପରଦା ହଟାଇବ କ୍ରାଇମବ୍ରାଞ୍ଚ । ଡିଜିପିଙ୍କ ନିର୍ଦ୍ଦେଶ ପରେ ଗଠନ ହୋଇଛି ୪ ଜଣିଆ ଟିମ୍ । କଲ ଡିଟେଲସ ରେକର୍ଡ ଆଧାରରେ ଚିତରଂଜନଙ୍କ ମୃତ୍ୟୁର ମୂଳରେ ପହଞ୍ଚିବାକୁ ଆରମ୍ଭ ହୋଇଛି ଚେଷ୍ଟା । ସେପଟେ ଜଗନ୍ନାଥ ବାରମ୍ବାର ବୟାନ ବଦଳାଇବା ତଦନ୍ତକୁ ଭିନ୍ନ ଦିଗ ଦେଇ ଚାଲିଛି । ସତରେ ନିଶାରେ ସେ କିଛି ଜାଣିପାରିନଥିଲା ନା ପୁଲିସକୁ କିଛି କଥା ଲୁଚାଉଛି ତାକୁ ନେଇ ଚର୍ଚ୍ଚା ବଢିଛି । କେମିତି ହେଲା ଚିତରଞ୍ଜନଙ୍କ ମୃତ୍ୟୁ ? କାରଣ ଖୋଜିବ କ୍ରାଇମବ୍ରାଞ୍ଚ ? ସଞ୍ଜୟ ଦାସବର୍ମାଙ୍କ ସହଯୋଗୀ ଚିତରଞ୍ଜନ ପଲେଇଙ୍କର ମୃତ୍ୟୁକୁ ନେଇ ରହସ୍ୟ ବଢୁଥିବାବେଳେ, କେମିତି ହେଲା ମୃତ୍ୟୁ ? କାରଣ ଖୋଜିବା ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ । ଡିଜିପିଙ୍କ ନିର୍ଦ୍ଦେଶ ପରେ ଗଠନ ହୋଇଥିବା ୫ଜଣିଆ ଟିମ୍ ତଦନ୍ତ ପାଇଁ ପୁରୀ ଯାଇଛନ୍ତି । ଯେଉଁଠୁ ଚିତରଞ୍ଜନଙ୍କ ମୃତ ଦେହ ମିଳିଥିଲା, ଯେଉଁଠି ସେଦିନ ଭୋଜି କରିଥିଲେ ସବୁ ସ୍ଥାନକୁ ଯାଇ ତଦନ୍ତ କରିବ ଏହି ଟିମ୍ । ଏଥିସହ ଯେଉଁମାନେ ସନ୍ଦେହ ଘେରରେ ଅଛନ୍ତି ସମସ୍ତଙ୍କୁ ପଚରାଉଚୁରା କରିବେ । ପୋଲିସ ଖୋଜୁଛି ଚିତରଞ୍ଜନଙ୍କ ଫୋନ କଲ ? ଫୋନ କଲ ଡିଟେଲ୍ସ ଖୋଲିପାରେ ମୃତ୍ୟୁ ରହସ୍ୟ ? ଚିତରଞ୍ଜନଙ୍କର ମୃତ୍ୟୁ ମାମଲାରେ ସନ୍ଦେହ ଘେରରେ ଥିବା ଜଗନ୍ନାଥ ବାରମ୍ବାର ବୟାନ ବଦଳାଉଥିବାରୁ ଏହା ଏକ ଦୁର୍ଘଟଣା ଜନିତ ମୃତ୍ୟୁ ନା ହତ୍ୟାକାଣ୍ଡ ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ତେଣୁ ମୃତ୍ୟୁ ପୂର୍ବରୁ ଚିତରଞ୍ଜନ କାହାକୁ ଫୋନ କରିଥିଲେ ? ▶▶ପୃଷ୍ଠା ୭

# ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାର ସମ୍ପ୍ରସାରଣକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାକୁ ଆର୍ଥିକ ବର୍ଷ ୨୦୨୫-୨୬ ପର୍ଯ୍ୟନ୍ତ ଜାରୀ ରଖିବା ନିଷ୍ପତିକୁ ଅନୁମୋଦନ ଦେବା ଦ୍ୱାରା ଓଡ଼ିଶା ସମେତ ଦେଶର ୨୨ ଲକ୍ଷ ଚାଷୀ ଲାଭ ପାଇବେ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଚାଷୀଙ୍କ କଲ୍ୟାଣ ଦୃଷ୍ଟିରେ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାକୁ ଆର୍ଥିକ ବର୍ଷ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ଜାରୀ ରଖିବା ପାଇଁ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଐତିହାସିକ ନିଷ୍ପତି ଦ୍ୱାରା ଦେଶର ୨.୫ ଲକ୍ଷ ଅନୁସୂଚିତ ଜାତି ଏବଂ ୨ ଲକ୍ଷ ଅନୁସୂଚିତ ଜନଜାତି ବର୍ଗର ଚାଷୀଙ୍କ ସମେତ ୨୨ ଲକ୍ଷ ଚାଷୀ ଲାଭ ପାଇବେ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କ୍ୟାବିନେଟର ଅନ୍ୟ ଏକ ନିଷ୍ପତି ନେଇ ଟ୍ୱିଟ୍ କରିଛନ୍ତି କେନ୍ଦ୍ର କ୍ୟାବିନେଟ ଦେଶରେ ସେମିକଣ୍ଡକ୍ଟର୍ସ ଏବଂ ଡ଼ିସପ୍ଲେ ମ୍ୟାନୁଫ୍ୟାକ୍ଚରିଂର ଏକ ଇକୋସିଷ୍ଟମ ତିଆରି କରିବା ପାଇଁ ଏକ ମହତ୍ୱକାଂକ୍ଷୀ ଯୋଜନାକୁ ମଞ୍ଜୁର ଦେଇଛନ୍ତି । ▶▶ପୃଷ୍ଠା ୭

# ରାଜ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନୀତି ଆୟୋଗ ଉପାଧକ୍ଷଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦାବି

ଭୁବନେଶ୍ୱର, ୧୫/୧୨(ନି.ପ୍ର): ଗତ ଦୁଇ ଦଶନ୍ଧି ହେବ ଉଭୟ ଅର୍ଥ ଏବଂ ସାମାଜିକ-ଅର୍ଥନୈତିକ ସ୍ତରରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଓଡିଶା ଗସ୍ତରେ ଆସିଥିବା ନୀତି ଆୟୋଗର ଉପାଧକ୍ଷ ଡକ୍ଟର୍ ରାଜୀବ କୁମାର ଏବଂ ତାଙ୍କ ଟିମ୍ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଡ. ରାଜୀବ କୁମାର ଏବଂ ତାଙ୍କ ଟିମ୍‌କୁ ସ୍ୱାଗତ କରି ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ଉପାଧକ୍ଷଙ୍କ ନିକଟରେ ଦାବି କରିଛନ୍ତି । ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସହ ତାଳ ରଖି ନୀତି ଆୟୋଗ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ରଖିଥିବା କହିଛନ୍ତି । ଏହି ପ୍ଲାଟ୍‌ଫର୍ମ ବିକାଶ ନିମନ୍ତେ ଅଭିନବ ନୂତନ ଚିନ୍ତାଧାରା ବିନିମୟ କରିବାରେ ସହାୟକ ହେବ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଅବସରରେ ନୀତି ଆୟୋଗ ଏବଂ ଭାରତ ସରକାରଙ୍କ ସହାୟତା ପାଇଁ ଦୀର୍ଘ ଦିନରୁ ରହିଥିବା ଏବଂ ନୂଆକରି ମୁଣ୍ଡଟେକୁଥିବା କେତେକ ଉନ୍ନତିମୂଳକ ସମସ୍ୟା ଉପସ୍ଥାପନ କରିବୁ । ସେପଟେ ପ୍ରତ୍ୟେକ ରାଜ୍ୟର ନିଜର ପ୍ରାଥମିକତା ଏବଂ ନିର୍ଦ୍ଦିଷ୍ଟତା ରହିଛି । ନିର୍ଦ୍ଦିଷ୍ଟ ବିକାଶ ବ୍ଲୁପ୍ରିଂଟ ପ୍ରସ୍ତୁତ କରିବା ପାଇଁ ନୀତି ଆୟୋଗ ଓଡିଶା ସହ ସହଭାଗୀ ହେବାକୁ ଆଗ୍ରହୀ ଥିବା କହିଛନ୍ତି ରାଜୀବ କୁମାର । ଏଥିସହ ରାଜ୍ୟର ମୁଣ୍ଡପିଛା ଆୟ ବୃଦ୍ଧି, କୃଷି ଏବଂ ଖଣିରେ ଉନ୍ନତି ସହିତ ଆର୍ଥିକ ନିଅଂଟକୁ ପାଂଚ ପ୍ରତିଶତରୁ କମ୍ ପରିଚାଳନା ପାଇଁ ନୀତି ଆୟୋଗ ଉପାଅଧକ୍ଷ ଡକ୍ଟର ରାଜୀବ କୁମାର ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଖଣିଜ ଉତ୍ପାଦନକୁ ଏକ ପ୍ରତିଶତରୁ ଦୁଇ ପ୍ରତିଶତରୁ ଅଧିକ କରିବାକୁ ରାଜ୍ୟକୁ ପରାମର୍ଶ ଦେଇଛନ୍ତି । ଏହାସହ ଏସଡିଜି ମନିଟରିଂ ୟୁନିଟ୍ ଗଠନ କରିବାକୁ ରାଜ୍ୟକୁ ପ୍ରସ୍ତାବ ଦେଇଛନ୍ତି । ରାଜ୍ୟରେ ରାସାୟନମୁକ୍ତ କୃଷିର ବହୁଳ ପ୍ରବର୍ତ୍ତନ ପାଇଁ ସେ ପରାମର୍ଶ ଦେଇଛନ୍ତି ।

## ୫୧୧ କୋଟିର ୭ଟି ପ୍ରକଳ୍ପକୁ ସିଙ୍ଗଲ୍ ୱିଣ୍ଡୋ ମଂଜୁରୀ : ୬୪୦୨ ନିଯୁକ୍ତି ସୃଷ୍ଟି

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ବସିଥିବା ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବୈଠକରେ ୭ଟି ପ୍ରସ୍ତାବିତ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ୫୧୧.୧୯ କୋଟି ମୂଲ୍ୟର ୭ଟି ପ୍ରକଳ୍ପରେ ୬ ହଜାର ୪୦୨ ଜଣଙ୍କୁ କର୍ମ ନିଯୁକ୍ତି ମିଳିବ । ଗତ ୨୩ ଦିନ ମଧରେ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବୈଠକରେ ୨,୩୮୩.୩୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଥିବା ବେଳେ ୯ ହଜାର ୮୬୩ ଜଣ ନିଯୁକ୍ତି ପାଇବେ । ଖୋର୍ଦ୍ଧାର ଚନ୍ଦକାରେ ଆମ୍ବାଟୁର୍ ଫ୍ୟାସନ ମ୍ୟାନୁଫାକଚରିଂ ୟୁନିଟ୍ ୫୧ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରିବ । ଏଥିରେ ୪ ହଜାର ୭୦୦ ଜଣଙ୍କୁ କର୍ମ ନିଯୁକ୍ତି ମିଳିବ । ସେହିଭଳି ଖୋର୍ଦ୍ଧାର ଛତାବରରେ ୱାଇଲ୍ଡ ଲୋଟସ୍ ଫାସନ ଗାର୍ମେଣ୍ଟ ମାନୁଫ୍ୟାକଚରିଂ ୟୁନିଟ୍ ୫୨, ୬୨ କୋଟି ଟଙ୍କା ବ୍ୟରରେ ପ୍ରତିଷ୍ଠା କରିବ । ଏହି ପ୍ରକଳ୍ପରେ ନିଯୁକ୍ତି ପାଇବେ ୫୬୦ ଜଣ । ବାଲେଶ୍ୱରରେ ଶ୍ରୀ ବଂଶୀ ଲକ୍ଷ୍ମୀ ପ୍ରା.ଲି. ନୂଆ କ୍ରାଫ୍ଟ ପେପର ୟୁନିଟ୍ ସ୍ଥାପନ କରିବ । ଦୈନିକ ୩୦୦ ଟନ୍ ପେପର କ୍ଷମତା ବିଶିଷ୍ଟ ପେପର ୟୁନିଟ୍ ପାଇଁ ୧୨୦ କୋଟି ଟଙ୍କା ଖର୍ଚ୍ଚ ହେବ । ଯେଉଁଥିରେ ୭୫୦ ଜଣଙ୍କୁ ନିଯୁକ୍ତି ମିଳିବ । ବୌଦ୍ଧରେ ଆଇଓସିଏଲ୍ ପକ୍ଷରୁ ୧୦ ଏମଡବ୍ଲୁ ୱାଟର ସୋଲାର ପାୱାର ପ୍ଲାଂଟ ୫୨.୨୮ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ । ଏହି ପ୍ରକଳ୍ପରେ ୬୫ ଜଣଙ୍କୁ ନିଯୁକ୍ତି ମିଳିବ । ସେହିଭଳି ଖୋର୍ଦ୍ଧାରେ ପ୍ରାଚୀ ରିସର୍ଟ ୪ ତାରକା ହୋଟେଲ ୬୩.୩୦ କୋଟି ଟଙ୍କାରେ ପ୍ରତିଷ୍ଠା କରିବ । ଏହି ପ୍ରକଳ୍ପରେ ୮୫ ଜଣଙ୍କୁ ନିଯୁକ୍ତି ମିଳିବ । ସମ୍ବଲପୁରରେ ସିଗମା ଟ୍ୟୁବ୍ସ ଆଣ୍ଡ ପାଇପ୍ସ ପକ୍ଷରୁ ୫୧.୯୯ କୋଟି ଟଙ୍କାରେ ଟ୍ୟୁବ୍ ଆଣ୍ଡ ପାଇପ୍ସ କାରଖାନା ହେବ । ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ମିଳିବ । କେନ୍ଦୁଝରର ବଡ଼ବିଲରେ ପିଟିସିଏଲ୍ ଇନଫ୍ରାଷ୍ଟକଚର ଲିମିଟେଡ୍ ଆଇରନ୍ ଓର୍ ବେନିଫିକେସନ୍ ପ୍ଲାଂଟର ସମ୍ପ୍ରସାରଣ ୧୨୦ କୋଟି ଟଙ୍କା ବିନିଯୋଗରେ କରିବ । ଏଥିରେ ୧୮୨ ଜଣ ନିଯୁକ୍ତି ପାଇବେ ।

# ସଙ୍କୁଳସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର

ମାଲକାନଗିରି,୧୫/୧୨ (ନି.ପ୍ର): ମାଲକାନଗିରି ଜିଲା ଏମ୍.ଭି. ୭୯ ସରକାରୀ ( ଏସ୍.ଏସ୍.ଡି ) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଙ୍କୁଳସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ରେଡକ୍ରସ ସମ୍ପାଦକ ଆବାହକ ଡଃ. ରଞ୍ଜନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ଏମ୍.ଭି.୭୯ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଭାସିନି ମହାପାତ୍ର ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ସାହୁ ସଭାପତି ଭାବେ ଯୋଗ ଦେଇଥିଲେ । ଯୁବ ରେଡକ୍ରସ ପରାମର୍ଶଦାତା ଅଲୋକ କୁମାର ନନ୍ଦ ଏବଂ ୮ଟି ମହାବିଦ୍ୟାଳୟର ସମସ୍ତ ପରାମର୍ଶଦାତା ଉପସ୍ଥିତ ଥିଲେ । ଯୁବ ରେଡକ୍ରସର ଇତିହାସ ଏବଂ ସ୍ୱେଚ୍ଛାସେବୀଙ୍କ କର୍ତବ୍ୟ ବିଷୟରେ ପ୍ରଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ ଏବଂ ଫାଷ୍ଟଏଡ ବିଷୟରେ ପ୍ରଶିକ୍ଷକ ଅଲୋକ କୁମାର ନନ୍ଦ ବକ୍ତବ୍ୟ ରଖିଥିଲେ । ପରିଶେଷରେ ଅନୁଷ୍ଠାନର ଯୁବ ପରାମର୍ଶଦାତା ଆଲୋକ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ତାରିଣୀ ଚରଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର , ପ୍ରସନ୍ନଜିତ୍ ସୁବର୍ଣ୍ଣକାର, ସୁଜଳ ପାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ମୌଳିକ ସୁବିଧାରୁ ବଂଚିତ ବେହେରା ଗାଁ : ଭୋଟ ବର୍ଜନ ନିଷ୍ପତ୍ତି

କନ୍ଧମାଳ ,୧୫/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ଅନ୍ତର୍ଗତ ବେହେରା ଗାଁ ଠାରେ ବେହେରା ଗାଁ ଗ୍ରାମ ପଂଚାୟତ ଯୁବମଂଚର ସଭାପତି ଅନନ୍ତ ଦିଗାଲଙ୍କ ସଭପତିତ୍ୱରେ ଶତାଧିକ ଗ୍ରାମବାସୀ ପୁରୁଷ ମହିଳା ଏକତ୍ରିତ ହୋଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଗ୍ରାମର ବୁଦ୍ଧିଜୀବୀ ମାନଙ୍କ ଜରିଆରେ ନିଷ୍ପତ୍ତି ନିଆଯାଇଛି ଯେ ଆଗାମୀ ପଂଚାୟତ ନିର୍ବାଚନ ସମ୍ପୂର୍ଣ୍ଣ ଭୋଟ ବର୍ଜନ କରିବେ ୨୮୦୦ ଭୋଟର ଯାହାକି ୧୩ଟି ୱାର୍ଡକୁ ନେଇ ଗଠିତ ଏହି ଅଂଚଳ ।ସୂଚନାଯୋଗ୍ୟ ଯେ ନେତା ରାଜନେତା ଠାରୁ ଆରମ୍ଭ କରି ପ୍ରଶାସନକୁ ଦରଖାସ୍ତ ଦେଇ ଦେଇ ଗୁହାରି କରି ମଧ୍ୟ କିଛି ଲାଭ ହେଲାନି ଶେଷରେ ନିଷ୍ପତ୍ତି ନେଲେ ଏପରି । ଏହାର କାରଣ ବେହେରାଗାଁ ଗ୍ରାମ ପଂଚାୟତ ଟିକାବାଲି ପଂଚାୟତ ସମିତିରେ ଥିଲା ଆଜିକୁ ୧୨ ବର୍ଷ ହେବ ଚକାପାଦ ସମିତିରେ ମିଶିବା ପରେ ମଧ ବେହେରାଗାଁ ଗ୍ରାମ ପଂଚାୟତବାସୀ ବର୍ତ୍ତମାନ ଟିକାବାଲି ପଂଚାୟତ ସମିତିର ଅଧୀନରେ ଚାଲୁଅଛି । ଏହି ଗାଁ ଚକାପାଦ ପଂଚାୟତରେ ମିଶିବାଠାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମ ବାସୀ । ବେହେରାଗାଁ ଗ୍ରାମ ପଂଚାୟତବାସୀ ଚାହୁଁଛନ୍ତି ପୁନର୍ବାର ବେହେରାଗାଁ ପଂଚାୟତକୁ ଟିକାବାଲି ପଂଚାୟତ ସମିତିରେ ସାମିଲ କରିବା ପାଇଁ । ପ୍ରଶାସନ ମଧ ବେହେରାଗାଁ ଗ୍ରାମ ପଂଚାୟତ ସମସ୍ତ ଜନସାଧାରଣଙ୍କର ବିନା ଅନୁମତିରେ ସଭା ସମିତି ନକରେଇ ବେହେରାଗାଁ ଗ୍ରାମ ପଂଚାୟତକୁ ଟିକାବାଲି ପଂଚାୟତ ସମିତିରୁ ବାଦ ଦେଇ ଚକାପାଦ ପଂଚାୟତ ସମିତିରେ ସାମିଲ କରାଯାଇଅଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ବେହେରାଗାଁ ଗ୍ରାମବାସୀ ଜନସାଧାରଣ ବିଶେଷ ଭାବରେ ଡାକ୍ତରଖାନା ତହସିଲ କାର୍ଯ୍ୟାଳୟ,ଘୁ.ଉଦୟଗିରି ବିଧାନ ମଣ୍ଡଳରେ ବିଶେଷ ଅସୁବିଧା ସୃଷ୍ଟି ହେଉଅଛି । ତେଣୁ ବେହେରାଗ୍ରାମ ପଂଚାୟତକୁ ଟିକାବାଲି ପଂଚାୟତ ସମିତି ସାମିଲ କରାଯାଉ ।

# ବାତ୍ୟା କ୍ଷୟକ୍ଷତିର ସଠିକ ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ

ପଟ୍ଟାମୁଣ୍ଡାଇ ,୧୫/୧୨ (ନି.ପ୍ର): ସାମୁଦ୍ରିକ ବାତ୍ୟା 'ଜୱାଦ' ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ପଟ୍ଟାମୁଣ୍ଡାଇ-ରାଜନଗର ଅଂଚଳ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଧାନ କ୍ଷେତରୁ ପାଣି ଖସୁନଥିବା ବେଳେ ସୁନାର ଫସଲ ଏବେ ଗଜା ହୋଇଯାଇଛି, ଯାହାକି ଗତକାଲି କେନ୍ଦ୍ରୀୟ ଟିମ ଗସ୍ତ ସମୟରେ ଚାଷୀ ନିଜର ଫସଲ ଦେଖାଇ ଦୁଃଖ ବଖାଣିଛନ୍ତି । ପାଖିପାଖି ୮୦ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୪୦ ପ୍ରତିଶତ ଧାନ ବର୍ଷା ଯୋଗୁ ନଷ୍ଟ ହୋଇଯାଇଛି । ବିଲରେ ପାଣି ବୁଡି ରହିବା ଯୋଗୁ ପାଚିଲା ଧାନ ଗଜା ହୋଇଯାଇଛି । ଭାଗ ଚାଷୀମାନେ ଋଣ କରି ଚାଷ କରିଥିବା ଏବେ କିପରି ଋଣ ସୁଝିବେ ସେ ଚିନ୍ତାରେ ପଡିଛନ୍ତି । ବାତ୍ୟା ପ୍ରଭାବରେ ପଟ୍ଟାମୁଣ୍ଡାଇ-ରାଜନଗର ଅଂଚଳର ଚାଷୀଭାଇମାନେ ନାହିଁ ନଥିବା କ୍ଷତିର ସମ୍ମୁଖୀନ ହୋଇଛନ୍ତି । ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା, ସହାୟତା ଯୋଗାଇ ଦେବାକୁ ଆଜି ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ କହିଛନ୍ତି ବିକାଶ ପରିଷଦ ପ୍ରତିଷ୍ଠାତା ଶ୍ରୀ ସ୍ୱାଇଁ କହିଛନ୍ତି ଯେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ବାତ୍ୟା 'ଜୱାଦ' ଓଡିଶାର ସ୍ଥଳ ଭାଗ ଛୁଇଁ ନାହିଁ ସତ, କିନ୍ତୁ ଏହି ବାତ୍ୟା ଓ ଲଗାଣ ବର୍ଷା ଜନିତ କ୍ଷୟକ୍ଷତି କୃଷକ ପରିବାର ବର୍ଷକର ଦାନା ହରାଇ ହତାସ ହୋଇପଡିଛନ୍ତି । ଦୈବୀ ଦୁର୍ବିପାକ କାହା ହାତର କଥା ନୁହେଁ । ତେଣୁ, ଏଥିପାଇଁ କାହାକୁ ଦାୟୀ କରିହେବ ନାହିଁ । କିନ୍ତୁ ଦୁର୍ବିପାକ ପୂର୍ବ ଓ ପରବତୀ ପ୍ରସଙ୍ଗର ସୁପରିଚାଳନା ଦାୟିତ୍ୱ ସରକାରଙ୍କର । ଏଥିରେ ସାମାନ୍ୟ ଅଦୂରଦର୍ଶିତା ବା ଦାୟିତ୍ୱହୀନତା ରହିଲେ ତାହା ଦୁର୍ବିପାକର ଦୁଃଖଠାରୁ ଅଧିକ ହୋଇଯାଏ । ଆମ ଅଂଚଳରେ ଚାଷୀମାନେ ସାଧାରଣତଃ ଲମ୍ବା ଧାନ ଚାଷ କରନ୍ତି । ଏହି ଧାନ କଟା ଡିସେମ୍ବର ମାସରୁ ଆରମ୍ଭ ହୁଏ ।

# ସଂରକ୍ଷିତ ଜଙ୍ଗଲରେ ଗଞ୍ଜେଇ ଚାଷ: ବନ ବିଭାଗ ନିରବ

ମାଲକାନଗିରି,୧୫/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାର ଆଭ୍ୟନ୍ତରୀଣ ବନାଂଚଳରେ ବ୍ୟାପକ ଭାବରେ ଗଞ୍ଜେଇ ଚାଷ କରାଯାଉଛି । ଗଞ୍ଜେଇ ଚୋରା ଚାଲାଣ ବେଳେ ଜିଲ୍ଲାର ମାଫିଆମାନେ ବିଭିନ୍ନ ସ୍ଥାନରେ ଧରା ପଡୁଛନ୍ତି । ଆନ୍ଧ୍ର, ଛତିଶଗଡ଼, ତେଲେଙ୍ଗାନା, ମହାରାଷ୍ଟ୍ର ଓ ଓଡ଼ିଶାର ବିଭିନ୍ନ ଥାନା ଅଂଚଳରେ ଧରା ପଡୁଥିବା ଗଞ୍ଜେଇ ଓ ମାଫିଆଙ୍କ ମାଲକାନଗିରି ଜିଲ୍ଲା ସହ ଲିଙ୍କ୍ ଥିବା ନଜରକୁ ଆସୁଛି । ଏଥିଯୋଗୁଁ ଜିଲ୍ଲା ବଦନାମ ହେଉଛି । ଏହି କାରବାର ଜିଲ୍ଲାର ମୁଖ୍ୟ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ପୁଲିସ ଓ ଅବକାରୀ ବିଭାଗକୁ ଗଞ୍ଜେଇ ଚାଷରେ ରୋକ୍ ଲଗାଇବା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ପୁଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରି ଥରକୁ ଶତାଧିକ ଏକର ଜମିରୁ ଗଞ୍ଜେଇ ଗଛ କାଟି ନଷ୍ଟ କରୁଛନ୍ତି । ପୁଲିସ ମହାନିର୍ଦ୍ଦେଶକ ମାଓ ଦମନକୁ ନେଇ ସମୀକ୍ଷା କଲାବେଳେ ଜିଲ୍ଲାରେ ଗଞ୍ଜେଇ ଚାଷ ଓ ଗଞ୍ଜେଇ ଚୋରା ଚାଲାଣ ରୋକିବା ନେଇ ମଧ ସମୀକ୍ଷା କରୁଛନ୍ତି । ତେବେ ଅଧିକାଂଶ ଚାଷ ଜଙ୍ଗଲ ଅଂଚଳରେ ହେଉଥିବାରୁ ବନ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଦିନକୁ ଦିନ ମାଲକାନଗିରି ଜିଲ୍ଲାରେ ଗଞ୍ଜେଇ କାରବାର ବଢ଼ି ଚାଲିଛି । ଅଳ୍ପ ପରିଶ୍ରମରେ ଅଧିକ ଟଙ୍କା ଉପାର୍ଜନ କରିବା ନିଶାରେ କଲେଜ ଛାତ୍ର, ପୋଲିସ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ଏହି କାରବାରରେ ଧରାପଡ଼ି ଜେଲ୍ ଯାଇଛନ୍ତି । ମାଫିଆଙ୍କ ପୃଷ୍ଠପୋଷକତାରେ ସ୍ଥାନୀୟ ଲୋକେ ଜଙ୍ଗଲ କାଟି ଗଞ୍ଜେଇ ଚାଷ କରୁଛନ୍ତି । ଜଙ୍ଗଲର ଦୁର୍ଗମ ସ୍ଥାନରେ ଥିବା ସମତଳ ଭୂମିକୁ ସଫା କରି ଚାଷ କରାଯାଉଛି । ଏଥିପାଇଁ ହଜାର ହଜାର ମୂଲ୍ୟବାନ ଗଛ ବଳି ପଡୁଛନ୍ତି । ବିଭିନ୍ନ ସମୟରେ ଅବକାରୀ ଓ ପୁଲିସ ସଂରକ୍ଷିତ ଜଙ୍ଗଲରେ ଥିବା ଗଞ୍ଜେଇ ଚାଷ ନଷ୍ଟ କରୁଛନ୍ତି । ହେଲେ ନିଜ ଜଙ୍ଗଲରେ ହେଉଥିବା ଅବୈଧ ଚାଷ ବିଷୟରେ ବନ ବିଭାଗ କିପରି ଜାଣି ପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ରହିଛି । ଅଂଚଳ ଭାଗ କରି ଜିଲ୍ଲାର ସମସ୍ତ ବନାଂଚଳ ଦାୟିତ୍ୱରେ କର୍ମଚାରୀ ଓ ବନ ସୁରକ୍ଷା ସମିତି ରହିଛନ୍ତି । କେଉଁ ଅଂଚଳରେ କି ଗଛ ରହିଛି, କେତେଟା ପାହାଡ଼ ଅଛି, କେତେ ସମତଳ ଭୂମି ରହିଛି ସବୁ ହିସାବ କର୍ମଚାରୀଙ୍କ ପାଖରେ ରହିବା ସ୍ୱାଭାବିକ । ସେହି ଅଂଚଳରେ ବନ୍ୟପ୍ରାଣୀଙ୍କ ଶିକାର ଓ ଗଛକଟା ରୋକିବା ହିଁ ଏମାନଙ୍କ ଦାୟିତ୍ୱ । ତେବେ ସେହି ବନାଂଚଳରେ ଗଞ୍ଜେଇ ଚାଷ ଠାବ କରି ଅବକାରୀ ଓ ପୁଲିସ ବିଭାଗ ନଷ୍ଟ କରୁଛନ୍ତି । ନିଜ ଅଂଚଳରେ ଗଛ କାଟି ଗଞ୍ଜେଇ ଚାଷ କରାଯାଉଥିବା ବିଷୟ ବିଭାଗୀୟ କର୍ମଚାରୀ ଜାଣି ପାରୁନଥିବା ପରିବେଶବିତ୍ମାନେ ସହଜେ ଗ୍ରହଣ କରି ପାରୁନାହାନ୍ତି । ବିଭାଗୀୟ କର୍ମଚାରୀଙ୍କ ଜାଣତରେ ଗଞ୍ଜେଇ ଚାଷ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଯଦି ଅଭିଯୋଗ ସତ୍ୟ ହୁଏ ତେବେ ସାଂଘାତିକ ବନ ବିଭାଗ ନ ଚାହିଁଲେ ଜଙ୍ଗଲରେ ଗଞ୍ଜେଇ ଚାଷ ରୋକାଯାଇ ପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖା କର୍ମକର୍ତ୍ତା ଚୟନ ଏବଂ ଭାରତର ସର୍ବୋଚ୍ଚ ସେନାଧକ୍ଷ ସ୍ୱର୍ଗତ ଜେନେରାଲ ବିପିନ୍ ରାଓ୍ୱତଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର,୧୫/୧୨ (ନି.ପ୍ର): ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖାର ସାଧାରଣ ସଭା ସଭାପତି ଡ଼ଃ. ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରସ୍ତାବ ଆଗତ କରିଥିଲେ । ପ୍ରସ୍ତାବ କ୍ରମରେ ଭାରତର ସର୍ବୋଚ୍ଚ ସେନାଧକ୍ଷ ଜେନେରାଲ ବିପିନ୍ ରାଓ୍ୱତ୍ ଏବଂ ତାଙ୍କ ପତ୍ନୀଙ୍କ ସମେତ ଅନ୍ୟ ସେନାଅଧିକାରୀ ମାନଙ୍କ ହେଲିକପ୍ଟର ଦୁର୍ଘଟଣାଜନିତ ମୃତ୍ୟୁ ଯୋଗୁଁ ଗଭୀର ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଏବଂ ସ୍ୱର୍ଗତ ରାଓ୍ୱତଙ୍କ ଦେଶ ପାଇଁ ସମର୍ପିତ କାର୍ଯ୍ୟଦକ୍ଷତାର ଆଲୋଚନା କରାଯାଇଥିଲା । ପରବର୍ତୀ ସମୟରେ ସଭାପତି ଡ଼ଃ. ସୁବ୍ରତ କୁମାର ସାହୁ ସମ୍ମିଳନୀ ଶାଖାର କର୍ମକର୍ତା ଚୟନ କରିବା ପାଇଁ ସମ୍ମିଳନୀର ରାଜ୍ୟ କେନ୍ଦ୍ରୀୟ କମିଟି ପତ୍ର ପ୍ରଦାନ କରିଥିବା ବିଷୟ ସଭାକୁ ଅବଗତ କରାଇଥିଲେ । ସଭାରେ ଉପସ୍ଥିତ ସମସ୍ତ କର୍ମକର୍ତା ଏବଂ ସଦସ୍ୟ ସଦସ୍ୟା ସର୍ବସମ୍ମତି ସମର୍ଥନ ଜଣାଇ ସଭାପତି ଭାବରେ ଡ଼ଃ. ସୁବ୍ରତ କୁମାର ସାହୁଙ୍କ ସମେତ ପୂର୍ବ କର୍ମକର୍ତା କମିଟି ପୁନର୍ବାର କାର୍ଯ୍ୟ କରିବା ପାଇଁ ମତ ପ୍ରକାଶ କରି ଗୃହୀତ କରିଥିଲେ । ଏବଂ ଖାଲିଥିବା ଅନ୍ୟତମ ଉପସଭାପତି ପଦବୀରେ ଡ଼ଃ. ବନମାଳୀ ପାଣିଗ୍ରାହୀଙ୍କୁ ଓ ଜିଲ୍ଲା ପ୍ରତିନିଧି ପଦବୀରେ ରାଧାଚରଣ ନାୟକଙ୍କୁ ମନୋନୀତ କରାଯାଇ ଗୃହୀତ କରାଯାଇଥିଲା । କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀ ଦୀର୍ଘଦିନ ହେଲା ଅସୁସ୍ଥ ଥିବାରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଅନ୍ୟ ଜଣେ କୋଷାଧ୍ୟକ୍ଷଙ୍କୁ ପରବର୍ତୀ ସମୟରେ ଚୟନ କରାଯିବା ପାଇଁ ସ୍ଥିର କରାଯାଇଥିଲା । ଶାଖାର କର୍ମକର୍ତାଙ୍କୁ ଚୟନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତି ହୋଇଥିବା ସମ୍ମିଳନୀର ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଟେଲିଫୋନ ମାଧ୍ୟମରେ ସର୍ବସମ୍ମତି କ୍ରମେ ଗୃହୀତ କର୍ମକର୍ତା ଚୟନକୁ ଅନୁମୋଦନ କରିଛନ୍ତି । ଅନୁଷ୍ଠିତ ସଭାରେ ସୂର୍ଯ୍ୟକାନ୍ତ ପାତ୍ର, ନବୀନ କୁମାର ପଟ୍ଟନାୟକ, ରାଧାଚରଣ ନାୟକ, ଡଃ. ବନମାଳୀ ପାଣିଗ୍ରାହୀ, ଗୋପାଳ କୃଷ୍ଣ ପାଢ଼ୀ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ମହମ୍ମଦ ଆସଲାମ୍, ଭବାନୀ ଶଙ୍କର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ହାଡିବନ୍ଧୁ ମାଳି, ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ସମ୍ପାଦକ ଶ୍ରୀପଲ୍ଲବ ସମ୍ମିଳନୀର ବିଗତ ଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରି ଆସିଥିବାରୁ ସମସ୍ତ କର୍ମକର୍ତା ଏବଂ ସଦସ୍ୟ ସଦସ୍ୟା ମାନଙ୍କୁ ଧନ୍ୟବାଦ ଅର୍ପଣ କରି ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀର କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥାନ ନିରୂପଣ ପ୍ରକ୍ରିୟା ଆରମ୍ଭ

ବଲାଙ୍ଗୀର,୧୫/୧୨ (ନି.ପ୍ର): ପାଟଣାଗଡ଼ ଠାରେ ଆଗାମୀ ଦିନରେ ସ୍ଥାପନ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ଆଜି ପାଟଣାଗଡ଼ ପହଂଚି ସ୍ଥାନ ନିରୂପଣ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି । କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ କେନ୍ଦ୍ରୀୟ ବିଦ୍ୟାଳୟ ଅତିରିକ୍ତ ସଚିବ ଜ୍ୟୋତି କୁମାର, କେନ୍ଦ୍ରୀୟ ନିର୍ବାହ ଯନ୍ତ୍ରୀ ବି. ନାଏକ, ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଆର.କେ. ପାଣିଗ୍ରାହୀ ଓ ପାଟଣାଗଡ଼ ତହସିଲଦାର ଡ଼. ପୁଷ୍ପାଞ୍ଜଳି ପଣ୍ଡା କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳଙ୍କ ସହ ଉପସ୍ଥିତ ରହି ଆଜି ପାଟଣାଗଡ଼ ପହଂଚି ଉଲବା ଓ କଉଡିଆ ଯିବା ରାସ୍ତାରେ ପାଖରେ ଥିବା ଦୁଇ ତିନୋଟି ସ୍ଥାନ ନିରୂପଣ କରିଥିବା ଜଣାପଡିଛି । ପରେ ଏନେଇ ତହସିଲ କାର୍ଯ୍ୟାଳୟକୁ ଯାଇ ସବିଶେଷ ଆଲୋଚନା କରାଯାଇଥିବା ବେଳେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯିବ ବୋଲି ବଲାଙ୍ଗିର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଆର.କେ. ପାଣିଗ୍ରାହୀଙ୍କଠାରୁ ପ୍ରକାଶ । ପାଟଣାଗଡ ଅଂଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦୀର୍ଘ ଦିନରୁ ଦାବୀ ହୋଇ ଆସୁଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଥିବାରୁ ପାଟଣାଗଡ଼ ଅଂଚଳବାସୀଙ୍କ ବହୁ ଦିନ ପରେ ଦାବୀ ପୂରଣ ହେବାକୁ ଯାଉଛି । ଅନ୍ୟପକ୍ଷରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହୋଇ କୋଠା ନିର୍ମାଣ ପୂର୍ବରୁ ପାଟଣାଗଡ଼ରେ ଅସ୍ଥାୟୀ ଭାବରେ କେନ୍ଦ୍ରୀୟ ବିଦ୍ୟାଳୟ ଚାଲୁରହିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।

# ମାଲକାନଗିରି ବିଜେପି ପକ୍ଷରୁ କାଳିମେଳାଠାରେ ଆଗାମୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି,୧୫/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜେପି ସଭାପତି ନିମାଇଁ ଚନ୍ଦ୍ର ପାଲଙ୍କ ସଭାପତିତ୍ୱରେ କାଳିମେଳା ଠାରେ ଦଳ ତରଫରୁ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟପନ୍ଥା ଗୁଡିକ କିପରି ଭାବେ ସଫଳତାର ସହ କରାଯିବ ସେନେଇ ଏକ ପ୍ରସ୍ତୁତି ବୈଠକ କରାଯାଇଥିଲା । ଏହି ବୈଠକରେ ଆଗାମୀ ୧୮ ଓ ୧୯ ତାରିଖରେ ବିଜେପି ଜିଲ୍ଲା ପ୍ରଶିକ୍ଷଣ ଶିବିର ଓ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ପୋଟେରୁ ଠାରେ କରାଯିବ । ବର୍ତମାନ ସୁଦ୍ଧା ଧାନ ମଣ୍ଡି ଆରମ୍ଭ ହୋଇପାରିଲା ନାହିଁ, ତେଣୁ ଏହି ସପ୍ତାହକ ଭିତରେ ଯଦି ମାଲକାନଗିରି ଜିଲ୍ଲାରେ ଧାନ ମଣ୍ଡି ଆରମ୍ଭ ନ ହୁଏ ତେବେ ମାଲକାନଗିରି ବିଜେପି ରାଜରାସ୍ତାକୁ ଓହ୍ଲାଇବ । ଜିଲ୍ଲାରେ ବିଭିନ୍ନ ପ୍ରକାରର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ତୁରନ୍ତ ଆରମ୍ଭ କରାଯାଉ । ଆଗାମୀ ପଚାଂୟତ ନିର୍ବାଚନରେ ପ୍ରତି ୱାର୍ଡରୁ ଆରମ୍ଭ କରି ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ବିଜେପି ପ୍ରାର୍ଥୀ ଚୟନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ କାଳିମେଳା ବ୍ଲକର ୩ ଜିଲ୍ଲା ପରିଷଦ ସଭ୍ୟ ସମୀର ମିସ୍ତ୍ରୀ, ଉତମ ରାୟ, ପ୍ରମିଳା ଦାସ, ଗଙ୍ଗାଧର ସୋଡ଼ି, ରତ୍ନାକର ପାଣିଗ୍ରାହୀ, ସପନ ରାୟ, ପ୍ରହଲ୍ଲାଦ ବୋସୁ, ନରହରି ପ୍ରଧାନ, ନିଖିଲ ଦାସ, ନିତାଇ ସରକାର, ରାମଚନ୍ଦ୍ର ମାଡ଼ି, ବିଶିକେଶନ ଦାଶ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ କାଳିମେଳା ବ୍ଲକ ବିଧାୟକ ପ୍ରତିନିଧି ତଥା ଯୁବ ବିଜେପି ସଭାପତି ଭବାନୀ ଶଙ୍କର ମୁଖାର୍ଜୀ ପରିଚାଳନା କରିଥିଲେ ।

# ପିଲାବେଳ ଗପ ପୁସ୍ତକ ଉନ୍ମୋଚିତ

ପଟ୍ଟାମୁଣ୍ଡାଇ,୧୫/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଓଡିଆ ମୁଖ୍ୟପ୍ରାଧ୍ୟାପକ ବରିଷ୍ଠ ସାହିତ୍ୟକ ଡ. ନୀଳମଣି ଲେଙ୍କାଙ୍କ ସ୍ୱରଚିତ ପୁସ୍ତକ ପିଲାବେଳଗପ ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ ବିଶିଷ୍ଟ ସଂଗୀତଗୁରୁ ରବିନ୍ଦ୍ର ନାଥ ମିଶ୍ରଙ୍କ ପୌରହିତ୍ୟରେ ସ୍ଥାନୀୟ ହରପାର୍ବତୀ ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ଗାନ୍ଧିକା ପ୍ରଫେସର ଡ. ବୀଣାପାଣି ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସାହିତ୍ୟ ସମାଜର ଦର୍ପଣ ହୋଇଥିବାରୁ କାଳଜୟୀ ସାହିତ୍ୟ ସୃଷ୍ଟି ପାଇଁ ସାହିତ୍ୟକମାନଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ରତ୍ନାକର ନାୟକ ମୁଖ୍ୟବକ୍ତା ଓ ପ୍ରାଧ୍ୟାପକ ଡ. ଫକୀର ଚରଣ ପ୍ରଧାନ, ଡା. ମନୋରଞ୍ଜନ ଦାଶ, ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ । ଗବେଷକ ପ୍ରାଧ୍ୟାପକ ଡ. ଲକ୍ଷ୍ମଣ କୁମାର ଦାଶ ପୁସ୍ତକ ସମୀକ୍ଷା କରିଥିଲେ । ଅଧ୍ୟାପିକା ଚିତ୍ରାକାନ୍ତୀ ସେଠୀ, ଅଧ୍ୟାପକ ଦିଲ୍ଲୀପ କୁମାର ମହାପାତ୍ର, ପ୍ରାଧ୍ୟାପିକା ଡ. ଅଞ୍ଜଳୀ ଦାଶ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ମଳିକ, ପଲକ ପତ୍ରିକା ସଂପାଦକ ସଚିକାନ୍ତ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ମନୋରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ରାଜପଥରେ ଟ୍ରକ୍ ଚାପରେ ପାଗେଳୀର ମୃତ୍ୟୁ

କୋରେଇ,୧୫/୧୨ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଦକ୍ଷିଣ ପାର୍ଶ୍ୱ ପାଣିକୋଇଲି ଗୋଲେଇ ଛକ ଉପରେ ଆଜି ମଧ୍ୟାହ୍ନରେ ଟ୍ରକ୍ ଚକ ତଳେ ଚାପି ହୋଇ ପାଗେଳୀର ମୃତ୍ୟୁ ଘଟିଛି । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ଓ ଆମେ ବିପଦରେ ସାଥି ସଦସ୍ୟ ମନମୋହନ ବାରିକ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛନ୍ତି । ପ୍ରକାଶଯେ ଆଜି ମଧ୍ୟାହ୍ନରେ ଏକ ୧୨ ଚକିଆ ଟ୍ରକ୍ ନଂ (ଓଆର୦୧ଏସ ୨୮୪୭) ଓଭରବ୍ରିଜ ତଳୁ ବାହାରୁଥିବା ବେଳେ ଗୋଲେଇ ଉପରେ ବଜାରରେ ବୁଲିଥିବା ଏକ ପାଗେଳୀ ସହ ଧକ୍କା ହୋଇଥିଲା । ପାଗେଳୀଟି ତଳେ ପଡିଯିବା ପରେ ଟ୍ରକଟି ତାର ଜଙ୍ଘ ଉପରେ ଚଢି ପଳାଇଥିଲା । ଫଳରେ ପାଗେଳୀର ଗୋଡ ଦୁଇଟି ଭାଙ୍ଗିଯିବା ସହ ଅନ୍ତବୁଜୁଳା ବାହାରି ପଡିଥିଲା । ଟ୍ରକ ଡ୍ରାଇଭର ଗାଡିଟିକୁ ରାସ୍ତା କଡରେ ଥୋଇ ଫେରାର ହୋଇଯାଇଥିଲା । ଉକ୍ତ ପାଗେଳୀ ଜଣକ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଂଚାୟତର ସୋତି ଗ୍ରାମର ବୋଲି ଜଣାପଡିଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଓସିଏ ଭିଜନ -୨୪ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

କୋରେଇ,୧୫/୧୨ (ନି.ପ୍ର): କ୍ରୀଡ଼ା କ୍ଷେତ୍ରରେ ଗ୍ରାମାଂଚଳରେ ଲୁଚି ରହିଥିବା ପ୍ରତିଭା ଅନ୍ୱେଷଣରେ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଜିଲ୍ଲା କ୍ରିକେଟ ଆସୋସିଏସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପାଣିକୋଇଲି କଲେଜ ପଡିଆରେ ୧୦ ଦିନିଆ ଇଂଟ୍ରାକ୍ଲବ ସିନିଅର କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଘାଟିତ ହୋଇଛି । ଆଜି ପ୍ରଥମ ବା ଉଦଘାଟନୀ ମ୍ୟାଚ ବିସିସି ପାଣିକୋଇଲି ଓ ଏମଟିଏସ ଗୁଲଜାର ପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ବିସିସି ବିଜୟୀ ହୋଇଛି । ଏମଟିଏସ ପ୍ରଥମେ ଟସ୍ ଜିଣି ବ୍ୟାଟିଙ୍ଗ କରିବାର ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୩୭.୫ ଓଭରରେ ସମସ୍ତ ୱିକେଟ ହରାଇ ୨୭୩ ରନ ସଂଗ୍ରହ କରିଥିଲା । ଏମଟିଏସ ପକ୍ଷରୁ ସାୱାନ ପହରିଆ ୮୩ ବଲରେ ୧୧୪ ରନ ସଂଗ୍ରହ କରିଥିବା ବେଳେ ଜଗନ ମହାପାତ୍ର ୨୫ ବଲରେ ୩୭ ରନ କରିଥିଲେ । ବିସିସିର ଅନିସ ଖାଁନ ୫ ଓଭର ବୋଲିଙ୍ଗ କରି ୨୫ ରନ ଦେବା ସହ ୩ ୱିକେଟ ନେଇଥିଲେ । ସେହିପରି ବିଶ୍ୱଜିତ୍ ମହାପାତ୍ର ୫ ଓଭରରେ ୩୨ ରନ ଦେଇ ୩ ୱିକେଟ ନେଇଥିଲେ । ଦିତୀୟାର୍ଦ୍ଧରେ ବିସିସି ବ୍ୟାଟିଙ୍ଗ କରି ୩୯.୩ ଓଭରରେ ୬ ୱିକେଟ ହରାଇ ୨୭୯ ରନ ସଂଗ୍ରହ କରି ମ୍ୟାଚ ଜିତିଥିଲା । ବିସିସିର ସତ୍ୟଜିତ ସିଂହ ୭୩ ବଲରେ ୯୩ ରନ କରିଥିବା ବେଳେ ଶୁଭଦୀପ ବେହେରା ୫୭ ବଲରେ ୫୮ ରନ ସଂଗ୍ରହ କରିଥିଲେ । ଏମଟିଏସର ଚିନ୍ମୟ ବେଉରିଆ ୭ ଓଭରରେ ୩୯ରନ ଦେଇ ୨ଟି ୱିକେଟ ହାସଲ କରିଥିଲେ । ଏହି ମ୍ୟାଚକୁ ମାନସ ବେଉରିଆ ଓ ଛାୟାକାନ୍ତ ଦ୍ୱିବେଦୀ ପରିଚାଳନା କରିଥିବା ବେଳେ ସ୍କୋରରଭାବେ ଯଜାତୀ କେଶରୀ ସାମଲ ଓ ସୁମିତ୍ରା ସାହୁ ଯୋଗଦାନ କରିଥିଲେ । ଗୁରୁବାର ସୁକିନ୍ଦା ବନାମ ବାରାଗଡିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ବ୍ରିଲିଆଂଟ କ୍ରିକେଟ କ୍ଲବ ପକ୍ଷରୁ ସେକ ଜହର ଅଲ୍ଲୀ ସୂଚନା ଦେଇଛନ୍ତି ।

# ଷଣ୍ଢପଲ୍ଲୀରେ ଅଭିରାମ ପରମହଂସଙ୍କ ଗୋଷ୍ଠୀପୂଜା ଓ ସତସଙ୍ଗ

ପଟ୍ଟାମୁଣ୍ଡାଇ ,୧୫/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରପରିଷଦର ଷଣ୍ଢପଲ୍ଲୀ ଠାରେ ଜଗତଗୁରୁ ଠାକରୁ ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଦିବ୍ୟ ସନ୍ଦେଶ ପ୍ରଚାର ପ୍ରସାର ତଥା ଆଶ୍ରିତ ଭକ୍ତମାନଙ୍କୁ ନିୟମିତ ପ୍ରେରିତ କରିବା ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ-ରାଜନଗର ଅଂଚଳରେ ଗୋଷ୍ଠୀପୂଜା ତଥା ସତସଙ୍ଗ ଆୟୋଜନ କରାଯାଉଛ । ଏହି କ୍ରମରେ ଷଣ୍ଢପଲ୍ଲୀ ଠାରେ ଗୋଷ୍ଠୀପୂଜା ଓ ସତସଙ୍ଗର ଆୟୋଜନ କରାଯାଇଥିଲା । ବରିଷ୍ଠ ସନ୍ୟାସୀ ଭୀମସେନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜା ଉତ୍ସବରେ ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, କେନ୍ଦ୍ରାପଡା ଅଂଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଭକ୍ତ ଓ ଭକ୍ତପ୍ରାଣ ନରନାରୀ ସାମିଲ ହୋଇ ଶ୍ରୀ ଠାକୁରଙ୍କ ଦର୍ଶନ ଓ ପ୍ରବଚନ ଶ୍ରବଣ କରିଥିଲେ । ଏଇ ଅବସରରେ ଷୋଡଶ ଉପଚାର ପୂଜା, କଳ୍କୀ ଭାଗବତ ପାଠ, ଉଦଣ୍ଡ କୀର୍ତନ ଆଦି ନୀତିକାନ୍ତି ସଂପନ୍ନ କରାଯାଇଥିଲା । ଗୋଷ୍ଠୀ ମୁଖ୍ୟ କୁମନ ଭାଇ, ଶଙ୍କର ଖଟୁଆ, ସଚିଦାନନ୍ଦ ନାଥଶର୍ମା, ପ୍ରସନ୍ନ ପ୍ରଧାନ, ନିରାକର ସୂତାର, ରଞ୍ଜିତ ସାମଲ, କଳ୍ପତରୁ ନାୟକ, ଗୋବିନ୍ଦ ସେଠୀ, ନୟନ ରାଉତ, ଦିଗମ୍ବର ପାଢୀ, ପ୍ରଫୁଲ୍ଲ ପରିଡା ପ୍ରମୁଖ ବହୁ ଭକ୍ତ ଯୋଗ ଦେଇଥିଲେ ।

# ବିଦାୟୀ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ

ମାଲକାନଗିରି,୧୫/୧୨ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଦିଦାୟୀ ଉନ୍ନୟନ କାର୍ଯ୍ୟାଳୟରେ ଦିଦାୟୀ ଜନଜାତିର ଶିଶୁ ମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଅଧ୍ୟକ୍ଷତା କରିଥିବାବେଳେ , ଖଣ୍ଡିୟ ଶ୍ରମ ଆୟୋଗ ମଦନ ମୋହନ ପାଇକ, ଜିଲ୍ଲା ପରାମର୍ଶ ଦାତା ପ୍ରସନ୍ନ ମିଶ୍ର, ଖଇରପୁଟ ଶିଶୁ ବିକାଶ ଅଧିକାରୀ ନିହାରବାଳା ସାହୁ,ଦିଦାୟୀ ପ୍ରକଳ୍ପ ପରିଚାଳକ ସଞ୍ଜୟ କୁମାର ପାତ୍ର, ସାମାଜିକ ସଂଗଠକ ସୁନିଲ କୁମାର ଦୁନା, କୃପାସିନ୍ଧୁ ଆମ୍ବାଗୁଡିଆ, ରାମହରି ବଳ ଓ ରାମଚନ୍ଦ୍ର ପାଙ୍ଗି ପ୍ରମୁଖଙ୍କ ଉପସ୍ଥିତି ରେ କର୍ମଶାଳା ଆରମ୍ଭ ହୋଇଥିଲା । ଏଥିରେ ଦିଦାୟୀ ଅଂଚଳର ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇ ଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଦାସ କହିଥିଲେ ଯେ ଆଗାମୀ ଦିନରେ ସମଗ୍ର ମାଲକାନଗିରି ଜିଲ୍ଲାକୁ ବାଲ୍ୟ ବିବାହ, ଶିଶୁ ଚାଲାଣ ଓ ଶୋଷଣରୁ ମୁକ୍ତ କରି ସମସ୍ତ ପିଲାଙ୍କୁ ବିଦ୍ୟାଳୟ କୁ ଆଣିବା ସହ ପିଲା ଯେମିତି ଆତ୍ମ ନିର୍ଭରଶୀଳ ହୋଇପାରିବ ସେ ଦିଗରେ ତାଲିମ ଓ ପ୍ରୟାସ ଜାରି ରହିଛି । ଆଜିର ଏହି କର୍ମଶାଳାରେ ସମସ୍ତେ ଶିଶୁ ର ଯତ୍ନ ନେବା ସହିତ ଶିଶୁମାନଙ୍କ ସୁରକ୍ଷା ଏବଂ ବାଲ୍ୟ ବିବାହ ବନ୍ଦ କରିବା ପାଇଁ ସଙ୍କଳ୍ପ ନେଇଥିଲେ ।

# ରୁଗୁଡ଼ି ପଡାରେ ନୂତନ ମାଛ ବଜାର ଉଦ୍‌ଘାଟିତ

ବଲାଙ୍ଗିର ,୧୫/୧୨ (ନି.ପ୍ର): ବଲାଙ୍ଗିର ସହରର ରୁଗୁଡିପଡ଼ା ଛକର ନୂତନ ମାଛ ବଜାର ଜିଲ୍ଲାପାଳ ଚଂଚଳ ରାଣାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ରାଣା ପଂଚଦଶ ଅର୍ଥ କମିଶନରୁ ଦଶ ଲକ୍ଷ ବ୍ୟୟ ଅଟକଳରେ ନୂତନ ୨୬ ଗୋଟି ଷ୍ଟଲକୁ ଉଦ୍‌ଘାଟନ କରିଥିଲେ । ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ପୌରାହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ଦିନ ହେଲା ଖୋଲା ଆକାଶ ତଳେ ଏହି ବେପାରୀମାନେ ରାସ୍ତା କଡ଼ରେ ବସି ମାଛ, ମାଂସ ବିକ୍ରି କରି ଆସୁଥିଲେ । ଏହି ଷ୍ଟଲ ଗୁଡିକ ହେବା ଦ୍ୱାରା ବେପାରୀମାନେ ଷ୍ଟଲରେ ନିଜ ଜିନିଷପତ୍ର ସୁରକ୍ଷିତ ଭାବେ ରଖିପାରିବେ ସଡକ ର ପରିଚ୍ଛନ୍ନତା ରହିବ । ଏହା ସହ ବର୍ଷ ତମାମ ବିଭିନ୍ନ ଋତୁରେ ମାଛମାଂସ ବିକ୍ରି କରିବା ପାଇଁ ଯେଉଁ ସମସ୍ୟା ଉପୁଜୁଥିଲା ତାହା ଅନେକ ପରିମାଣରେ ସୁଧାର ଆସିବ ବୋଲି ମତପ୍ରକାଶ ପାଇଛି । କାର୍ଯ୍ୟକ୍ରମ ରେ ପୌର କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଗୋଳକ ବିହାରୀ ସାହୁ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ପୋଷା ପ୍ରାଣୀ ଦ୍ୱାରା ହେଉଥିବା ରୋଗ





କୁକୁର, ବିଲେଇ ଭଳି ପ୍ରାଣୀ ପୋଷିବାକୁ ଅନେକ ଭଲପାଆନ୍ତି। ଏମିତି ବି ଅନେକ ଅଛନ୍ତି, ଯେଉଁମାନେ ପଶୁ ପାଳନ୍ତି, ଅଥଚ ଭଲ ଭାବେ ଯତ୍ନ ନିଅନ୍ତି ନାହିଁ। ପୋଷା ଜନ୍ତୁ ରୁଗ୍ଣ ହେଲେ , ତାହା ଦ୍ୱାରା ମଣିଷ ମଧ୍ୟ ଆକ୍ରାନ୍ତ ହୋଇପାରେ। ପୋଷା ପ୍ରାଣୀଙ୍କ ମାଧ୍ୟମରେ ହେବାର ଆଶଙ୍କା ଥିବା ପାଞ୍ଚଟି ରୋଗ ବାବଦରେ ଜାଣନ୍ତୁ।

**ସାଲମୋନେଲା:** ଏହି ଜୀବାଣୁ ପ୍ରାଣୀଙ୍କ ମାଧ୍ୟମରେ ମଣିଷକୁ ଆକ୍ରାନ୍ତ କରିପାରେ। ପ୍ରାରୀ ସାଲମୋନେଲା



ଦ୍ୱାରା ଆକ୍ରାନ୍ତ ହେଲେ ବି ସୁସ୍ଥ ରହେ, ରୋଗର ଲକ୍ଷଣ ହଠାତ୍ ପ୍ରକାଶ ପାଏନାହିଁ। ତା'ର ଲୋମ ମାଧ୍ୟମରେ ଜୀବାଣୁ ମଣିଷ ଦେହକୁ ଯାଏ। ତେଣୁ, ପୋଷା ଜନ୍ତୁ ସଂସ୍ପର୍ଶରେ ଆସିବା ପରେ ସର୍ବଦା ସାବୁନରେ ହାତ ଧୁଅନ୍ତୁ।

**ରିଙ୍ଗୱର୍ମ:** ଏହା ଏକ ପ୍ରକାରର କବକ ବା ଫଙ୍ଗସ୍।



ପୋଷା ପ୍ରାଣୀ ଏହାଦ୍ୱାରା ଆକ୍ରାନ୍ତ ଥିଲେ ଏବଂ ଚିକିତ୍ସା କରା ନଗଲେ, ଏହା ମଣିଷ ଶରୀରକୁ ଯାଇପାରେ। ଏହା ପ୍ରଭାବରେ ଚର୍ମରେ ନାଲି ରଙ୍ଗର ମୁଦି ଭଳି ଦାଗ ହୁଏ। ଠିକ ସମୟରେ ଚିକିତ୍ସା କରାନଗଲେ ପ୍ରବଳ କଣ୍ଡୁହୁଏ। ଘାଆ ବି ହୋଇପାରେ।

**ବିଲେଇ ଆଞ୍ଚୁଡ଼ା ରୋଗ;** ବିଲେଇ ଆଞ୍ଚୁଡ଼ିଲେ ବେଳେବେଳେ ମାରାତ୍ମକ ରୋଗ ହୋଇପାରେ। ଏହାର ଲକ୍ଷଣସବୁ ସାଧାରଣ ଥଣ୍ଡା ସହ ସମାନ। ତେବେ, ଥଣ୍ଡାଠାରୁ ଭୟଙ୍କର। ତେଣୁ ବିଲେଇ ଆଞ୍ଚୁଡ଼ିଲେ ସଙ୍ଗେ ସଙ୍ଗେ ସାବୁନ ଲଗାଇ, ଉଷୁମ ପାଣିରେ ଧୁଅନ୍ତୁ ଏବଂ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

**ଲାଇମ ଡିଜିଜ୍:** ପୋଷା ଜନ୍ତୁ ଲୋମରେ ହଉଥିବା ପରଜୀବୀ ପୋକ (ଟିକସ) ଦ୍ୱାରା ମଣିଷ ଲାଇମର ଶିକାର ହୋଇପାରେ। ଏହି ରୋଗହେଲେ ଜ୍ୱର ହୁଏ, ଆଣ୍ଠୁ-ଗଣ୍ଠିରେ



ଯନ୍ତ୍ରଣା ହୁଏ।

**ଟକ ସୋପ୍ଲାଜମୋସିସ:** ବିଲେଇ ମାଧ୍ୟମରେ ଏହି ରୋଗ ମଣିଷକୁ ଆକ୍ରାନ୍ତ କରେ। ଗର୍ଭବତୀ ମହିଳା ଏହି ରୋଗର ଶିକାର ହେବା ବିପଜ୍ଜନକ।

# ଘରୋଇ ଉପାୟରେ ରକ୍ତଚାପର ଉପଚାର









- ଅଧିକ ପାଣି ପିଅନ୍ତୁ, ପରିସ୍ରା ଅଧିକ ହେବ। ପରିସ୍ରା ଅଧିକ ହେଲେ ରକ୍ତଚାପ ନିୟନ୍ତ୍ରିତ ରହିବ।
- ନିୟମିତ ଲେମ୍ବୁ ଖାଇଲେ ହାଇ ରକ୍ତଚାପ ମଧ୍ୟ ନିୟନ୍ତ୍ରିତ ରହେ। ଲେମ୍ବୁରେ ହାଇ ରକ୍ତଚାପ ମଧ୍ୟ ନିୟନ୍ତ୍ରିତ ରହେ। ଲେମ୍ବୁର ଏଭଳି ଗୁଣ ଯେ, ଏହା ରକ୍ତବାହୀ ନଳୀର କଠୋରତା ଦୂର କରିଦିଏ। ରକ୍ତବାହୀ ନଳୀ କୋମଳ ହୋଇଯିବା ଫଳରେ ରକ୍ତଚାପ ନିୟନ୍ତ୍ରଣ ରହେ।
- ସପ୍ତାହରେ ଦିନେ ଉପବାସ କରନ୍ତୁ। ଉପବାସ ସମୟରେ ଫଳ ଓ ପନିପରିବାର ଜୁସ୍ ସେବନ କରନ୍ତୁ।
- ଭୋଜନ ପରେ ପାଖୁଡ଼ାଏ କଞ୍ଚା ରସୁଣ ଚୋବାଇ ଦିଅନ୍ତୁ। ପାଣିରେ ୬ ବୁନ୍ଦା ରସୁଣ ରସ ମିଶାଇ ଦିନରେ ତିନି ଚାରିଥର ପିଇଲେ ମଧ୍ୟ ଲାଭ ମିଳିବ।
- ପ୍ରତିଦିନ ଅଁଳା ଖାଇଲେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣରେ ରହିବ।

# ଅଫିସରେ ଶୋଇବା ଯେଉଁଠି ନିୟମ



ପାଠକମାନେ ଭାବୁଥିବେ ଆମ ଦେଶରେ ଲାଗୁ ହୁଅନ୍ତା କି ଏମିତି ନିୟମ ! ଏହି ନିୟମଟି ଲାଗୁ ହୋଇଛି ଜାପାନରେ । ଏବେ ନୁହେଁ, ଦୀର୍ଘ ବର୍ଷ ଧରି ଜାପାନରେ ଏହି ନିୟମ ଚଳି ଆସିଛି । କେବଳ ଅଫିସ ନୁହେଁ, ଘର ବାହାରେ ଯେଉଁଠି ଇଚ୍ଛା ସେଠି ଶୋଇପାରିବେ । କେହି ବିରକ୍ତ ହେବେ ନାହିଁ । ଏମିତି ଶୋଇବାର ନିୟମକୁ ଜାପାନରେ ଇନେମୁରି ବୋଲି କୁହାଯାଏ । ଏହା ଏକ ପ୍ରକାର କଳା । ଏହାର ଅର୍ଥ ଶୋଇଥିଲେ ବି ଉପସ୍ଥିତ ରହିବା । ଏହା ପଛରେ ବି କାରଣ ଅଛି । ଜାପାନର ଲୋକମାନେ ଏତେ କର୍ମଠ ଯେ ସେମାନେ ଦିନରେ ଅତି କମ ସମୟ ଶୋଇବାର ସୁଯୋଗ ପାଆନ୍ତି । ତେଣୁ ନିଦ ଲାଗିବା ସ୍ୱାଭାବିକ । ତେଣୁ ସେଠି ଯେଉଁଠି ବା ଯାହାକୁ ଦିନ ଲାଗିବ ସେ ଆରାମରେ ଶୋଇପାରିବ । ସେଥିରେ କୌଣସି ପ୍ରକାର ବାଧା ନିଷେଧ ନାହିଁ । ଏକ ଅଧ୍ୟୟନ ଅନୁସାରେ ଜାପାନର ଲୋକମାନେ ଦିନକୁ ୬ଘଣ୍ଟାରୁ ବି କମ୍ ଶୋଇବାର ସୁଯୋଗ ପାଆନ୍ତି । ତେଣୁ ଶରୀରକୁ ସୁସ୍ଥ ରଖିବା ପାଇଁ ଯେତେବେଳେ ନିଦ ଲାଗେ ସେତେବେଳେ ଅଳ୍ପ ସମୟ ପାଇଁ ଶୋଇପଡ଼ନ୍ତି ଜାପାନ ଲୋକମାନେ । କେବଳ ଅଫିସ ନୁହେଁ, ପାର୍କ, କଫି ସପ୍, ଲାଇବ୍ରେରୀ ଯେଉଁଠି ବି ଆଖି ପଡ଼ିବ କେହି ନା କେହି ଶୋଇଥିବାର ନଜର ଆସିବେ ।

# ହୃଦଘାତ ପାଇଁ ଟିକା

ବ୍ୟସ୍ତ ବହୁଳ ଜୀବନରେ ହୃଦଘାତ ହେଉଛି ପ୍ରମୁଖ ସମସ୍ୟା । ଏଥିରୁ ରକ୍ଷା ପାଇବା ପାଇଁ ବୈଜ୍ଞାନିକମାନେ ଏକ ନୂଆ ପ୍ରକାରର ଟିକା ଉଦ୍ଭାବନ କରିଛନ୍ତି । ଆସନ୍ତା କିଛି ବର୍ଷ ମଧ୍ୟରେ ଏହି ଟିକା ଉପଲବ୍ଧ




ହେବ । ରକ୍ତ ବାହିନୀରେ ଥିବା କୋଲେଷ୍ଟରଲ୍ ସ୍ତରକୁ ଏହା ନିୟନ୍ତ୍ରିତ କରିଥାଏ । ସ୍ୱିଡେନ୍‌ସ୍ଥିତ ଲୁଣ୍ଡ ବିଶ୍ୱ ବିଦ୍ୟାଳୟର ପ୍ରଫେସରଙ୍କ କହିବା ମୁତାବକ, ହୃଦଘାତରୁ ମୁକ୍ତି ପାଇବା ପାଇଁ ଲୋକେ ସ୍ଥାୟୀ ଓ ସରଳ ଉପାୟ ଖୋଜନ୍ତି । ସବୁଠୁ ଭଲ କଥା ହେଲା ଏହି ଟିକା ନେବା ସହ ହୃଦଘାତ ଭଲ ପାଇଁ ଅନ୍ୟାନ୍ୟ ଔଷଧ ମଧ୍ୟ ଖାଇ ହେବ । ଏହି ଟିକା ଉଦ୍ଭାବନ କରିଥିବା ବିଶେଷଜ୍ଞ ଦଳ ମତରେ, ସର୍ବ ପ୍ରଥମେ ଏହି ଟିକାକୁ ମୂଷା ଉପରେ ମଧ୍ୟୟନ କରାଯାଇଥିଲା । ଏଥିରୁ ଜଣା ପଡ଼ିଥିଲା ଯେ, ଏହି ଟିକା ଖୁବ୍ ସହଜରେ ଶରୀରରୁ ବ୍ୟାଡ୍ କୋଲେଷ୍ଟରଲ୍ ମାତ୍ରା ୬୦-୭୦ ପ୍ରତିଶତ ପର୍ଯ୍ୟନ୍ତ କମାଇ ପାରୁଛି ।

# ପରିବେଶକୁ ସୁହାଇଲା ପରି ଘର



ଶବ୍ଦ ପ୍ରଦୂଷଣ କାରଣରୁ ସମସ୍ତେ ବର୍ତ୍ତମାନ ଚିନ୍ତିତ । ରୋବ୍ୟଧି ବଢ଼ିବା ସହ ପରିବେଶରେ ମଧ୍ୟ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏଣୁ ପ୍ରଦୂଷଣକୁ ଯଥାସମ୍ଭବ ରୋକିବା ନିମନ୍ତେ ସଂଖ୍ୟାଧିକ ପଦକ୍ଷେପ ନିଆଯାଉଛି । ଏଇ ୨ବର୍ଷ ତଳେ ଚୀନର ଏକ ମ୍ପାନୀ 'ଇକୋ - ଫ୍ରେଣ୍ଡଲି ଇଣ୍ଟେରିୟର' ପ୍ରଚଳନ କରାଇଛି । ସମସ୍ତ ପ୍ରକାର ବର୍ଜ୍ୟ ବସ୍ତୁର ବ୍ୟବହାର କରାଯାଇ ପରିବେଶକୁ ସୁହାଇଲା ଭଳି ସମାଗ୍ରୀମାନ କମ୍ପାନୀ ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ଇତ୍ୟାଦି । ପ୍ରାରମ୍ଭରୁ ଲୋକେ ଏହା ପ୍ରତି ସେଭଳି ଆଗ୍ରହ ପ୍ରକାଶ କରିନଥିଲେ । ତେବେ ଅଭିଜ୍ଞ ଲୋକେ ଏସବୁ ବ୍ୟବହାର କରିବା ପରେ ସେମାନଙ୍କ ମତାମତକୁ ବିଭିନ୍ନ ସୋସିଆଲ ସାଇଟରେ ଉଲ୍ଲେଖ କରିଥିଲେ । ପରେ ଅନ୍ୟ ବର୍ଗର ଲୋକେ ମଧ ଏଇ ଇକୋ-ଫ୍ରେଣ୍ଡଲି ସମଗ୍ରୀ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । କମ୍ପାନୀର ମୁଖ୍ୟଙ୍କ ମତରେ, ବିଭିନ୍ନ ଘରରର ଇକୋ- ଫ୍ରେଣ୍ଡଲି ସାଜସଜ୍ଜାର ଭିନ୍ନଭିନ୍ନ ବଜେଟ୍ ରହିଛି । ଏବେ ଚୀନର ଏହି କମ୍ପାନୀ ଆମେରିକା କାନାଡାରେ ବ୍ୟବସାୟ ଆରମ୍ଭ କରିବା ସହ ଦିଲ୍ଲୀର କେତେକ ପ୍ରାନ୍ତରେ ମଧ କାମ ଆରମ୍ଭ କରିଛି ।









# ବରଫପାତ ହେଉଥିବା ଅଞ୍ଚଳର ଲୋକଙ୍କ ଜୀବନ ଶୈଳୀ



**ଭାରତର ହିମାଚଳ ପ୍ରଦେଶର କେତେକ ଅଞ୍ଚଳ ତଥା ରୁଷିଆ ଓ ଆମେରିକାର ପ୍ରମୁଖ ସ୍ଥାନରେ ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ବରଫପାତ ହୋଇଥାଏ। ତେବେ ଏହି ବରଫପାତ ପୂର୍ବରୁ ସ୍ଥାନୀୟ ଲୋକେ ନିଜ ଜୀବନଶୈଳୀକୁ ନେଇ ବେଶ୍ ସଚେତନ ହୋଇଥାନ୍ତି।**

ରୁଷିଆର ଯେଉଁ ପ୍ରାନ୍ତରେ ବରଫପାତ ହୁଏ, ସେହି ଅଞ୍ଚଳର ଲୋକେ ୬ ମାସ ପାଇଁ ଖାଦ୍ୟ ସଂଗ୍ରହ କରନ୍ତି। ଶୁଖିଲା ଖାଦ୍ୟ ସହ ଘରେ ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଲୋକେ ମହଜୁଦ୍ ରଖୁଥିବାର ପ୍ରକାଶ।

ଆମେରିକାର ଯେଉଁ ପ୍ରାନ୍ତରେ ବରଫାପାତ ହୁଏ, ସେଠାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ଉପଲବ୍ଧ। ବରଫାପାତ କମ ହେବା ମାତ୍ରେ ଲୋକଙ୍କୁ ସ୍ଥାନୀୟ ମଲ୍ ଓ ଦୋକାନ ଯାଇ କିଣାକିରି କରିବାକୁ ସଙ୍କେତ ଦିଆଯାଏ ।

ଏହି ଅଞ୍ଚଳର ବିଦ୍ୟାଳୟରେ ମଧ୍ୟ ସେହିପରି ଭାବେ ପାଠ୍ୟକ୍ରମର ବ୍ୟବସ୍ଥା ରହିଛି। ବରଫାପାତ ହେବା ପୂର୍ବରୁ ପାଣିପାଗ ବିଭାଗ ସୂଚନା ଦିଏ। ଏହାକୁ ଲକ୍ଷ୍ୟ ରଖି ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ହୋମୱାର୍କ ଅଧିକ ପରିମାଣର ଦିଅନ୍ତି।

ବୟସ୍କ ଲୋକେ ଓ ଛୋଟ ପିଲାଙ୍କ ଶରୀର ଅସୁସ୍ଥ ଏହି ସମୟରେ ସବୁଠୁ ବଡ଼ ଅସୁବିଧା ସୃଷ୍ଟି କରେ ବୋଲି ଅଧିକାଂଶ ମତ ଦେଇଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୬ ଡିସେମ୍ବର ୨୦୨୧, ଗୁରୁବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବ୍ୟାଙ୍କ ଘରୋଇକରଣ କାହା ସ୍ୱାର୍ଥରେ...

ଦେଶରେ ଆର୍ଥିକ ପ୍ରଗତି କିଛି କାଳ ପାଇଁ ବାଧାର ସମ୍ମୁଖୀନ ହୋଇଛି । ସରକାର ବିକାଶକୁ ଅଧିକ ଗତି ଦେବାକୁ ଯାଇ ବିବିଧ ପ୍ରକାର ଯୋଜନା କରିଚାଲିଛନ୍ତି । ଏହି କ୍ରମରେ ଯୋଜନାରେ ସଂଶୋଧନ ଓ ପରିବର୍ଦ୍ଧନ କରାଯାଇ ରୂପରେଖ ବଦଳାଯାଉଛି । ପୂର୍ବ ଦିନଭଳି ଗତାନୁଗତିକ ଧାରା ରହିବା ଆପାତତଃ ସମ୍ଭବ ନୁହେଁ ଏବଂ ବଦଳୁଥିବା ସମୟ ସହ ତାଳ ଦେଇ ଆଗୁସାର ହେବାକୁ ହେଲେ ଯେମିତି ହେଲେ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ ବୋଲି ଦେଶବାସୀଙ୍କୁ ବୁଝାଯାଉଛି । କିଭଳି ନୂତନ ସ୍ଥିତିର ମୁକାବିଲା କରିହେବ, ସେଥି ସକାଶେ ସମସ୍ତଙ୍କୁ ପ୍ରସ୍ତୁତ ହେବା ଲାଗି ମଧ୍ୟ ନେତୃବୃନ୍ଦ ଯଥାଯଥ ପରାମର୍ଶ ଦେବାରେ କେବେ ବି କୁଣ୍ଠା କରିନାହାଁନ୍ତି । କୋଭିଡ-୧୮ର ବିଭିନ୍ନ ରୂପ ଆମର ବିକାଶର ରାସ୍ତାରେ ବାଧକ ହୋଇଥିଲେ ସୁଦ୍ଧା କିଭଳି ଉତ୍ପନ୍ନ ସ୍ଥିତିର ସଫଳ ମୁକାବିଲା କରିହେବ, ସେ ବାବଦରେ ମିଳିଛି ମାର୍ଗଦର୍ଶନ । ଦୁଇ ଦୁଇଟି ଲହର ପରେ ତୃତୀୟ ପାଇଁ ଭୟ ହେତୁ ବିକାଶର ମାର୍ଗରେ ଆସୁଥିବା ସମସ୍ୟା ଏବେ ମଧ୍ୟ ସତେଜ ରହିଛି । ସ୍ୱାଧୀନତା ପରେ କେତେକ ବଛାବଛା ଉଦ୍ୟୋଗକୁ ରାଷ୍ଟ୍ର ପରିଚାଳନାର ବଳିଷ୍ଠ ସ୍ତମ୍ଭ ରୂପେ ଚିହ୍ନିତ କରି ସେମାନଙ୍କର ଅବାଧ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ନୀତିଗତ ସିଦ୍ଧାନ୍ତ ହୋଇଥିଲା । ଇସ୍ପାତ, ତୈଳଗ୍ୟାସ ଭଳି ମୌଳିକ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ଉଦ୍ୟୋଗ ଉପରେ ରାଷ୍ଟ୍ରୀୟ ବିକାଶ ମାର୍ଗକୁ ପ୍ରଶସ୍ତ କରିବା ସହ ସ୍ଥିର କରାଯାଇଥିଲା, ତାହା କେତେ ଅଗ୍ରଗତି କରିଛି, ସେ ନେଇ ସେକ୍ଟର ଗୁଡ଼ିକର ପ୍ରଦର୍ଶନ ଆଶାଜନକ ସଫଳତା ପାଇଲା । ତାହା ହିଁ ରାଷ୍ଟ୍ରୀୟ ପ୍ରଗତିରେ ସହାୟକ ସାବ୍ୟସ୍ତ ହେବା ପରେ ସେଥିରୁ ପ୍ରଦର୍ଶନର ପୃଷ୍ଠଭୂମି ଦେଖି କାହାକୁ ମହାରତ୍ନ, କାହାକୁ ନବରତ୍ନ ଓ ମିନିରତ୍ନ ଉପାଧିରେ ଭୂଷିତ କରାଗଲା । ବଡ଼ ବଡ଼ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ମୁଖ୍ୟ ସ୍ତମ୍ଭ ଏହି ରତ୍ନଗୁଡ଼ିକ ବହୁ ପଞ୍ଚବାର୍ଷିକ ଯୋଜନା ପର୍ଯ୍ୟନ୍ତ ସଫଳତାର ଶୀର୍ଷକୁ ଉଠିବା ଭିତରେ କେତେକ ସଂସ୍ଥା ସହ ଘରୋଇ ଉଦ୍ୟୋଗକୁ ଲଢ଼ାଯିବା ଉଦ୍ୟମ ପ୍ରତିଯୋଗିତାକୁ ଅଧିକ କରିବାରେ ଲାଗିଲା । ପରିଣତିରେ ଦେଖାଗଲା, ସରକାର କୌଣସି ନା କୌଣସି କାରଣରୁ ଘରୋଇ କମ୍ପାନି ଓ ପ୍ରତିଷ୍ଠାନ ଆଡ଼କୁ ଢଳିଲେ । ବଡ଼ ପୁଞ୍ଜିପତିମାନେ ରାଷ୍ଟ୍ରୀୟ ଉଦ୍ୟୋଗଗୁଡ଼ିକର ପ୍ରଦର୍ଶନକୁ ଏକପ୍ରକାର ଭିନ୍ନ ଦୃଷ୍ଟିରେ ଦେଖିବା ଆରମ୍ଭ କରିବାରୁ ପିଏସ୍‌ୟୁ ଭିତରୁ କେତେଗୁଡ଼ିକରେ ଶିଥିଳତା ଗ୍ରାସ କଲା । କର୍ମଚାରୀମାନଙ୍କ ପାଇଁ ଉତ୍ସାହିତ କରାଯିବା ପ୍ରକ୍ରିୟାକୁ ବି ସେତେ ବେଶୀ ଗୁରୁତ୍ୱ ଦିଆଯିବାର ଦେଖାଗଲା ନାହିଁ । ଯେମିତି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଘରୋଇକରଣ ପାଇଁ ଏବେ ସରକାର ସକ୍ରିୟ ଭାବେ ଲାଗି ପଡ଼ିଛନ୍ତି, ସେମିତି ଜାତୀୟ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଲାଗି ଆଗ୍ରହୀ ହୋଇଥିବାର କାରଣ ସ୍ୱରୂପ କୁହାଯାଉଛି କି, ବିକାଶମୂଳକ ଭିତ୍ତିଭୂମିର ଦୃଢ଼ୀକରଣ ଲାଗି ଏହା କରାଯିବା ଦରକାର ପଡୁଛି । ନିକଟରେ କେତେକ ସଂସ୍ଥାରୁ ପୁଞ୍ଜି ପ୍ରତ୍ୟାହାର କରାଯାଇ ସେଗୁଡ଼ିକୁ ସକ୍ରିୟ କରାଯିବାର ଉଦ୍ୟମ ହେଉଥିବାର ସଂସଦରେ ଘୋଷଣା କରାଯାଇଛି । ଏପରିକି ଲାଭ କରୁଥିବା ଏନ୍‌ଟିପିସି, ଏନ୍‌ଏଚ୍‌ଏଆଇ'ର ସମ୍ପତ୍ତି ବିକ୍ରି କରାଯିବାର ସିଦ୍ଧାନ୍ତ ଶୀଘ୍ର ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି । ଜାତୀୟ ମୁଦ୍ରୀକରଣ ପାଇପଲାଇନ୍ ଅଧୀନରେ ଭିତ୍ତିଭୂମିର ଗତି ବଢ଼ାଇବା ସକାଶେ ଏୟାରପୋର୍ଟ ଅଥରିଟି, ଏନଏଲ୍‌ସି, ଆଇଓସିଏଲ୍ ଓ ଏଚ୍‌ପିସିଏଲ୍'ର ସମ୍ପତ୍ତି ବିକ୍ରି ପାଇଁ ଚିହ୍ନଟ ହେଉଛି । କେବଳ ସେତିକି ନୁହେଁ, ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଭିତରେ ଗେଲ୍, ଏଫ୍‌ସିଆଇ, ଆଇଓସିଏଲ୍ ଓ ଅନ୍ୟ ଦଶରୁ ଅଧିକ ସଂସ୍ଥା ଉପରେ ସରକାରଙ୍କ ନଜର ରହିଛି । ସେଗୁଡ଼ିକ ପ୍ରଚୁର ଲାଭାଂଶ ଦେଉଥିବା ସତ୍ତ୍ୱେ କେଜାଣି କାହିଁକି ନିର୍ଦ୍ଦିଷ୍ଟ ମହଲ ସୁନା ଅଣ୍ଡାଦିଆ କୁକୁଡ଼ାର ବେକ ମୋଡ଼ି ଦେବାକୁ ବିଚାରିଛନ୍ତି, ତାହା ତାଙ୍କୁ ହିଁ ଜଣା । ଡିସେମ୍ବର-ଜାନୁଆରୀରେ ପୁଞ୍ଜି ପ୍ରତ୍ୟାହାର ସମ୍ପର୍କିତ ସିଦ୍ଧାନ୍ତ ନିଆଯିବାର କେତେକ ସୂଚନା ମିଳିଛି । ଘରୋଇକରଣ ରାସ୍ତାରେ ସରକାର ଆଗେଇବାର ସଙ୍କେତ ମିଳିଯାଉଥିବାରୁ ସେ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖାଦେବା ଅସ୍ୱାଭାବିକ୍ ନୁହେଁ । ଅଧିକ ସମ୍ପତ୍ତି ଆହରଣ କରିବା ଚିନ୍ତା କରାଯିବା ଅଲଗା କଥା, ଥିବା ସମ୍ପତ୍ତିକୁ ବିକି ଭାଙ୍ଗି ଘର ସମ୍ଭାଳିବା ଅଲଗା କଥା । ଏହି ପ୍ରସଙ୍ଗକୁ କିଏ କିଭଳି ଗ୍ରହଣ କରୁଛନ୍ତି, ତାହା ଦେଖିବାର କଥା ।

## ମହତ୍ତ୍ୱପୂର୍ଣ୍ଣ ମାର୍ଗଶୀର୍ଷ



ଶିବ ପ୍ରସାଦ ବାହିନୀପତି

ହିନ୍ଦୁ ପଞ୍ଜାଙ୍ଗନୁସାରେ କାର୍ତ୍ତିକ ପୂର୍ଣ୍ଣିମା ବାସିଠାରୁ ମାର୍ଗଶିର ମାସର ପ୍ରାରମ୍ଭ । ଭଗବତ୍ ଗୀତାରେ ମାର୍ଗଶୀର ମାସକୁ ଶ୍ରେଷ୍ଠ ମାସ ବୋଲି କୁହାଯାଇଛି । ଏହି ମାସଠାରୁ ସତ୍ୟଯୁଗର ଆରମ୍ଭ ହୋଇଥିବାର ଶାସ୍ତ୍ରବାନୀ ରହିଅଛି । ଏହି ମାସରେ କାଶ୍ୟପ ଋଷି ରଚନା କରିଥିଲେ କାଶ୍ମୀର । ଜପ, ତପ, ବ୍ରତ, ଧ୍ୟାନ ପାଇଁ ମାର୍ଗଶୀର୍ଷ ମାସଟି ପ୍ରକୃଷ୍ଟ ବୋଲି କୁହାଯାଇଥାଏ । ଏ ମାସରେ ପୂତ ପୟୋଧି ଜଳେ ସ୍ନାନ କଲେ ଶୁଭଫଳ ପ୍ରାପ୍ତ ହୁଏ । ଏ ମାସରେ ମଙ୍ଗଳ କାର୍ଯ୍ୟ ବିଶେଷ ଫଳଦାୟୀ ଏବଂ ଭଗବାନ ଶ୍ରୀକୃଷ୍ଣାରଧନା ସର୍ବଶୁଭ ଅଟେ ଏବଂ ଉତ୍ତମ ବରପ୍ରାପ୍ତି ହୁଏ ; ଚନ୍ଦ୍ରମାଠୁ ଅମୃତ ତତ୍ତ୍ୱ ମିଳେ । ତତ୍‌ସହ ଏ ମାସରେ ନାମ ସଂକୀର୍ତ୍ତନକାରୀକୁ ଅମୋଘ ଫଳ ମିଳେ । ଏ ମାସରେ ତୈଳ ମର୍ଦ୍ଦନ ଉତ୍ତମ କିନ୍ତୁ ଜୀରା ସେବନ ଅନୁଚିତ ଯ ମୋଟା ବସ୍ତ୍ର ପରିଧାନ କରିବା ଉଚିତ ମାର୍ଗଶୀର ମାସରେ । ଶାସ୍ତ୍ରରେ ଅଛି ଏ ମାସରେ ନିତ୍ୟ ଗୀତା ପଠନ ସହ ତୁଳସୀପତ୍ରକୁ ଭୋଗ ଲଗାଇ ମହାପ୍ରସାଦ ମଣି ଗ୍ରହଣ କରିବା ଉଚିତ ଏବଂ ଏ ମାସରେ ପ୍ରାୟ ନିରାମିଷାଶୀ ହେବା ଉଚିତ । ହିନ୍ଦୁମାନଙ୍କ ବର୍ଷ ଗଣନାନୁସାରେ ମାର୍ଗଶୀର ମାସଟି ଅଷ୍ଟମ ମାସ ଅଟେ; ଏ ମାସରେ ଉତ୍ତାପ ସମତଳ ଥାଏ ଯାହା ଅତ୍ୟଧିକ ଥଣ୍ଡା କି ଅତ୍ୟଧିକ ଗରମ ଅନୁଭୂତ ହୁଏ ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି:-

'ବୃହତ୍ସାମ ତଥା ସାମ୍ନାଂ
ଗାୟତ୍ରୀ ଛନ୍ଦସାମହମ୍ ।
ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ
କୁସୁମାକରଃ ।'

ଅର୍ଥାତ୍ ସାମବେଦର ସ୍ତୋତ୍ର ମାନଙ୍କ ମଧ୍ୟେ ମୁଁ ଗାୟତ୍ରୀ ମନ୍ତ୍ର । ବାରମାସ ମଧ୍ୟରୁ ମୁଁ ହେଉଛି ମାର୍ଗଶୀର୍ଷ ଏବଂ ଋତୁ ମାନଙ୍କ ମଧ୍ୟେ ମୁଁ ବସନ୍ତ ଋତୁ ଅଟେ । ତେଣୁ ଏ ମାସୁ ଶ୍ରୀକୃଷ୍ଣଙ୍କ ମାସ ବୋଲି କହନ୍ତି । ଦାନପୁଣ୍ୟ ଓ ତିର୍ଥବ୍ରତ କଲେ ଯମଦଣ୍ଡରୁ ରକ୍ଷା ମିଳିବାର ଶାସ୍ତ୍ର ଉଲ୍ଲେଖ । ଏ ମାସକୁ ବି ଅଗହନ ମାସ କୁହାଯାଏ । ମାସର ଅନ୍ତିମ ଦିନ ଯେଉଁ ନକ୍ଷତ୍ର ପଡ଼େ, ସେ ଅନୁସାରେ ମାସର ନାମକରଣ କରାଯାଏ । ମାର୍ଗଶୀର ପୂର୍ଣ୍ଣମୀଟି ମୃଗଶିରା ନକ୍ଷତ୍ର ହେତୁ ଏ ମାସର ନାମ ମାର୍ଗଶୀର । ସ୍ନାନର ମହତ୍ତ୍ୱକୁ ନେଇ ପୁରାଣ କହେ:- ଗୋପୀମାନେ କୃଷ୍ଣ ପ୍ରାପ୍ତ୍ୟର୍ଥେ ଭଗବାନଙ୍କୁ ଧ୍ୟାନ କଲେ । ଭଗବାନ କୃଷ୍ଣ କହିଲେ କି ଯମୁନା ବାରିଧିରେ ସ୍ନାନ କଲେ ମୋତେ ପ୍ରାପ୍ତ କରା ଯାଇପାରେ । ସେବେଠୁ ଏ ମାସରେ ସ୍ନାନର ମହତ୍ତ୍ୱ ବୃଦ୍ଧି । ବିଷ୍ଣୁ ପୁରାଣ ଅନୁସାରେ ସମୁଦ୍ର ମନ୍ଥନ କାଳେ ଚତୁର୍ଦ୍ଦଶ ରତ୍ନ ପ୍ରକଟ ହୋଇଥିଲା, ତନ୍ମଧ୍ୟରୁ ଶଙ୍ଖ ଅନ୍ୟତମ । ପ୍ରତ୍ୟହ ଶଙ୍ଖ ପୂଜନ ଦ୍ୱାରା ଅର୍ଥ ଓ ଧନର ଅଭାବ ନଥାଏ । ଏ ମାସରେ ଯେକୌଣସି ଶଙ୍ଖକୁ ପଞ୍ଚଜନ୍ୟ ଶଙ୍ଖ ମନେକରି ପୂଜା କରିବା ଉଚିତ୍ । ଦକ୍ଷିଣାବର୍ତ୍ତୀ ଶଙ୍ଖ ହେଲେ ଆହୁରି ଭଲ ।

ଏ ମାସ ପର୍ବପର୍ବାଣିର ମାସ ଅଟେ; କେବଳ ଧର୍ମ ହିଁ ଧର୍ମ । ଶ୍ରୀକ୍ଷେତ୍ର ପରିକ୍ରମା, ପ୍ରଥମାଷ୍ଟମୀ, ଦେବଦୀପାବଳି, ମହୋଦଧି ଅମାବାସ୍ୟା, ବସ୍ତ୍ରାଧିବାସ, ପ୍ରାବରଣ ଯାତ୍ରା, ମାଣବସା ଲକ୍ଷ୍ମୀପୂଜା, ପହିଲିଭୋଗ ଆଦି ନାନାପ୍ରକାର ପର୍ବପର୍ବାଣି ଏ ମାସ ପାଇଁ ଉଦ୍ଦିଷ୍ଟ । ମାର୍ଗଶୀର କୃଷ୍ଣପକ୍ଷର ପଞ୍ଚମୀ ତିଥିରେ ପାଳିତ ହୁଏ ଶ୍ରୀକ୍ଷେତ୍ର ପରିକ୍ରମା; ବିଶ୍ୱାସ ଅଛି ଏ କ୍ଷେତ୍ରର ପରିକ୍ରମା କଲେ ସର୍ବ ପାପ, ତାପ ମୋଚନ ହୁଏ । ଏହାର ଅନ୍ୟ ନାମ ପଞ୍ଚତୀର୍ଥ । ଏଦିନ ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱ ପରିକ୍ରମଣ ସହିତ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବାଦେବୀ ମନ୍ଦିର ଦର୍ଶନ, ତୀର୍ଥ ସରୋବରରେ ସ୍ନାନ ଆଦି କରାଯାଏ । ଏହାଦ୍ୱାରା ସମସ୍ତ ରୋଗବ୍ୟାଧି, କଷ୍ଟ ଦୂର ହେବା ସହ ଜଗନ୍ନାଥ ଠାକୁରଙ୍କର ଆଶୀର୍ବାଦ ମିଳେ ବୋଲି ପ୍ରବାଦ ରହିଛି । ଏଦିନ ଶ୍ରୀକ୍ଷେତ୍ରରେ ସସ୍ର ଜନ ସମାଗମ ହୋଇଥାଏ । ଏ ପରିକ୍ରମା ଶ୍ରୀମନ୍ଦିର ସିଂହଦ୍ୱାରରୁ ଆରମ୍ଭ ହୁଏ; ବାଦ୍ୟଘୋଷ ଓ ହରିନାମ କୀର୍ତ୍ତନ ସହ ମନ୍ଦିରର ଚତୁଃଦ୍ୱାର ପ୍ରଦକ୍ଷଣ କରିବା ସହ ମାର୍କଣ୍ଡେୟ , ଇନ୍ଦ୍ରଦ୍ୟୁମ, ଶ୍ୱେତଗଙ୍ଗା, କପାଳମୋଚନ, ଲୋକନାଥ, ଚକ୍ରତୀର୍ଥ ଆଦି ମନ୍ଦିର ଭ୍ରମଣ ସହ ମହୋଦଧି ସ୍ନାନ କରିଥା'ନ୍ତି ଏଇ କୃଷ୍ଣ ପଞ୍ଚମୀ ତିଥି ଦିବସରେ । ପୁରାଣନୁସାରେ ଏ କ୍ଷେତ୍ର ପରିକ୍ରମା ଚତୁର୍ଦ୍ଧାମ ପରିକ୍ରମାର ଫଳ ପ୍ରାପ୍ତି ।

ନିଳାଦ୍ରି ମହୋଦ, ସ୍କନ୍ଦ ପୁରାଣ, ବାମଦେବ ସଂହିତା ଆଦିରେ ଶ୍ରୀକ୍ଷେତ୍ର ପରିକ୍ରମାକୁ ଅହେତୁକ ପ୍ରଶଂସା କରିଛନ୍ତି । ନିଳାଦ୍ରି ମହୋଦୟ ଅଧ୍ୟାୟ ୩୦ରେ କୁହନ୍ତି :-

'ମାର୍ଗଶୀର୍ଷେ ଚ ରାଜେନ୍ଦ୍ର
ମାସେ ତସ୍ୟ ଜଗତ୍ପତେଃ ।
ଯା ଲୀଳା ସ୍ୟାତ୍
ତ୍ୱପ୍ରବକ୍ଷାମି ଶୃଣୁଷ୍ୱ
ଯତମାନସଃ ।।'

ଏହା ବ୍ରହ୍ମ ଉବାଚ; ବ୍ରହ୍ମା କହୁଛନ୍ତି - 'ହେ ରାଜେନ୍ଦ୍ର ! ମାର୍ଗଶୀର ମାସରେ ଜଗତପତି ଜଗନ୍ନାଥଙ୍କର ଯେଉଁ ଲୀଳା ଅନୁଷ୍ଠିତ ହୁଏ, ତାହା ବର୍ଣ୍ଣନା କରିବି ତୁମେ ଶୁଣିମା ହୁଅ ।' ତାପରେ ସେ ବର୍ଣ୍ଣନା କରିଛନ୍ତି ଯାହା, ତାହା ସେହି ଶାସ୍ତ୍ରରେ ଅଛି । ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶୀତବସ୍ତ୍ର ପରିଧାନ କରାଇଦିଆଯାଏ ଯାହା ବସ୍ତ୍ରାଧିବାସ ନାମରେ ନାମିତ । ଶ୍ରୀକ୍ଷେତ୍ରର ପରମ୍ପରା ମହାନ; ବସ୍ତ୍ରାଧିବାସ ଏକ ସାଧାରଣ ପରମ୍ପରା ହେଲେ ବି ମହତ୍ତ୍ୱ ରହିଛି । ଏହାକୁ ବି ପ୍ରାବରଣ ଯାତ୍ରା ନାମରେ ନାମିତ ହୋଇଛି । ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ଶୀତବସ୍ତ୍ର ଧାରଣ ହୁଏ; ଏହା ଓଢ଼ଣ ଷଷ୍ଠୀ ନାମରେ ନାମିତ । ସର୍ବାଭିଷ୍ଟ ଫଳ ପ୍ରାପ୍ୟର୍ଥେ ନର ଜଗତ ଈଶ୍ୱରଙ୍କୁ ମାର୍ଗଶୀର ଶୁକ୍ଳ ଷଷ୍ଠୀ ତିଥିରେ ଉତ୍ତମ ବସ୍ତ୍ରାଚ୍ଛାଦିତ କରନ୍ତି ବୋଲଂ 'ଯାତ୍ରା ଭାଗବତ' ଉଲ୍ଲେଖ ରହିଛି । ଶୁକ୍ଳ ଷଷ୍ଠୀରେ ଏ ବେଶ ଧରିଲେ ବି ଏହାର ଅଧିବାସ ବିଧି ମାର୍ଗଶୀର ଶୁକ୍ଳ ପଞ୍ଚମୀ ରାତ୍ରରେ କରାଯାଏ । ସାତ ଦିନରେ ସାତ ପ୍ରକାର ରଙ୍ଗ ଯଥା ରବିବାରେ ଲାଲ୍ ରଙ୍ଗ, ସୋମବାରେ କଳାଛିଟା ମିଶା ଶୁକ୍ଳ ରଙ୍ଗ, ମଙ୍ଗଳବାରେ ପଞ୍ଚରଙ୍ଗ ମିଶା, ବୁଧବାରେ ନୀଳ ରଙ୍ଗ, ଗୁରୁବାରେ ପୀତ ରଙ୍ଗ, ଶୁକ୍ରବାରେ ଶୁକ୍ଳ ରଙ୍ଗ, ଶନିବାରେ କଳା ରଙ୍ଗ ଘୋଡ଼ ଲାଗି କରାଯାଏ । ଜ୍ୟୋତିଷ ଶାସ୍ତ୍ରରେ ଏହି ସାତ ରଙ୍ଗକୁ ସାତଟି ଗ୍ରହ ବୋଲି କୁହାଯାଇଛି । ଏହି ଯାତ୍ରାର ଦର୍ଶକମାନେ ଚନ୍ଦ୍ର ସୂର୍ଯ୍ୟ ଥିବା ଯାଏଁ ଗର୍ଭବାସ କଷ୍ଟ ଉପଲବ୍ଧି କରନ୍ତିନି ବୋଲି 'ଯାତ୍ରା ଭାଗବତ'ରେ କୁହାଯାଇଛି । ଯଥା:-

'ପାବୃତଂ ଯେ ଚ
ପଶ୍ୟତି ଦେବଦେବଂ ସନାତନମ ।
ନ ତେ ଗର୍ଭ ଗୃହଂ ଯାନ୍ତି
ଯାବଚ୍ଚନ୍ଦ୍ର ଦିବାକରୌ ।।'

ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଲୀଳା ସତରେ କେଡ଼େ ମହାନ । ମାର୍ଗଶୀର ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଜଗନ୍ନାଥ ମହାପ୍ରଭୁ ବାମନ ରୂପରେ ଦେବ ପିତାମାତା ସତ୍ୟ ଯୁଗର କଶ୍ୟପ ଋଷି ଓ ଅଦିତିଙ୍କୁ ପିଣ୍ଡଦାନ ଓ ଦୀପୋତ୍ସର୍ଗ କରନ୍ତି ଏବଂ ମାର୍ଗଶୀର ମାସ ଅମାବାସ୍ୟା ତିଥିରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ରୂପରେ ତ୍ରେତୟା ଯୁଗର ପିତା ଦଶରଥ ଓ ମାତା କୌଶଲ୍ୟାଙ୍କୁ ପିଣ୍ଡ ଦେବା ସହ ଦୀପଦାନ କରନ୍ତି । (କ୍ରମଶଃ)


♥ ଭାଟପଡ଼ା,
ନିରାକାରପୁର, କଣାସ, ପୁରୀ
(ମୋ) ୮୯୧୭୪୮୦୫୩୬


## ମାଣବସା ପୂଜାର ମହନୀୟତା



ଜୟଶ୍ରୀ ପଟ୍ଟନାୟକ

ଧର୍ମ, ଐତିହ୍ୟ, ସଂସ୍କୃତିର ରାଜ୍ୟ ଓଡିଶା ଏକ ଆଧ୍ୟାତ୍ମିକ ପରମ୍ପରାର ରାଜ୍ୟ । ଓଡିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ନେଇ ଅନେକ ପର୍ବ ପର୍ବାଣିରେ ମହିମା ମଣ୍ଡିତ ଆମ ଓଡିଶା । ପର୍ବ ପର୍ବାଣି, ଯାନି ଯାତରା, ଝୋଟି ଚିତା, ପିଠା ପଣା, ଓଷା ବ୍ରତ ଉତ୍କଳର ବୈଶିଷ୍ଟ୍ୟ । ଭାରତୀୟ ସଂସ୍କୃତିରେ ମହାଲକ୍ଷ୍ମୀ ଧନ ଓ ପ୍ରାଚୁର୍ଯ୍ୟର ଦେବୀ ରୂପେ ପ୍ରତୀୟମାନ । ସେ ପରମାତ୍ମାଙ୍କ ଶକ୍ତି ରୂପେ ପୂଜିତା । ସେ ଅନ୍ନଦାତ୍ରୀ, ବିଷ୍ଣୁପ୍ରିୟା । ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଓଡିଆ ମାଣବସା ପୂଜା, ସୁଦଶା ବ୍ରତ ଉତ୍କଳର ଘରେ ଘରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଆସିଛି କୋଉ ଆବାହମାନ କାଳରୁ ।

ପୃଥିବୀର ପ୍ରତ୍ୟେକ ବସ୍ତୁରେ ଦୈବୀ ଶକ୍ତି ରହିଥିବା ଆମ ବିଶ୍ୱାସ । ଶକ୍ତି ହିଁ କଲ୍ୟାଣମୟୀ, ପାଳନକାରିଣୀ ପୁଣି ସଂହାରକାରିଣୀ । ଆଦ୍ୟାଶକ୍ତି ମହାଶକ୍ତି, ମହା ସରସ୍ୱତୀ, ମହାକାଳୀ, ମହାଲକ୍ଷ୍ମୀ ରୂପରେ ବିଦ୍ୟମାନ ହୋଇ ଭକ୍ତମାନଙ୍କୁ ସହାୟ ହୋଇଥାନ୍ତି । ମାର୍ଗଶିର ମାସ ଗୁରୁବାର ଆସିଲେ ଓଡିଶାର ପୁରପଲ୍ଲୀରେ ମହକିଉଠେ ପବିତ୍ରତାର ବାସ୍ନା । ଘରଦ୍ୱାର ପରିଷ୍କାର, ପରିଚ୍ଛନ୍ନ କରି, ଗୋବରପାଣି ଛିଂଚି , ଗୋବରଲିପା ଅଗଣା ଉପରେ ବନମାଟି ଲିପା ହୋଇ ତା ଉପରେ ପଡିଥାଏ ଲକ୍ଷ୍ମୀପୂଜାର ଚିତା, ଲକ୍ଷ୍ମୀପାଦ, ହାତୀ, କଳସ, ଧାନକେଣ୍ଡା । ଘରେ ଘରେ ପିଠାପଣା ସାଙ୍ଗକୁ ବଳରାମ ଦାସଙ୍କ ଦ୍ୱାରା ଲିଖିତ ଲକ୍ଷ୍ମୀପୁରାଣର ମିଳିତ ସ୍ୱର ଭାସିଆସେ ଶୁକ୍ଳବସ୍ତ୍ର ପିନ୍ଧା ସଧବା ସ୍ତ୍ରୀମାନଙ୍କ କଣ୍ଠରୁ । ଜାତି, ବର୍ଣ୍ଣ, ଧର୍ମ ଠାରୁ ଊର୍ଦ୍ଧ୍ୱରେ ଚଣ୍ଡାଳ ଠାରୁ ବ୍ରାହ୍ମଣ ସମସ୍ତେ କରନ୍ତି ଏହି ପୂଜା । ଲକ୍ଷ୍ମୀ ପୁରାଣ ଜାତି ଉପରେ ଗୁରୁତ୍ୱ ଦିଏନାହିଁ ବରଂ ଗୁରୁତ୍ୱ ଦିଏ ଆଚରଣ ପବିତ୍ରତା, ସ୍ୱଚ୍ଛତା ଉପରେ । ଅସ୍ପୃଶ୍ୟତା ନିବାରଣ, ଜାତିପ୍ରଥା ଲୋପ କରିବା, ଶ୍ରୀମନ୍ଦିରରେ ମୁଷ୍ଟିମେୟ ବ୍ରାହ୍ମଣମାନଙ୍କର ଉଗ୍ର ଆଚରଣ ବଳରାମ ଦାସଙ୍କୁ ବିଚଳିତ କରିଥିଲା ତେଣୁ ସେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ରତ୍ନ ସିଂହାସନରୁ ଓହ୍ଲାଇ ଆଣିଥିଲେ ଶ୍ରୀୟା ଚଣ୍ଡାଳୁଣୀର ଭଙ୍ଗା କୁଟୀରକୁ । ଓଡିଆ ପରମ୍ପରାରେ ଧନଧାନ୍ୟ, ସୌଭାଗ୍ୟ, ପ୍ରାଚୁର୍ଯ୍ୟର ଦେବୀ ହେଉଛନ୍ତି ଲକ୍ଷ୍ମୀ । ସେ ସୁଦୟା ହେଲେ ଭଙ୍ଗା କୁଡିଆ ବି ହୋଇପାରେ ରାଜମହଲ । ସେ ସୁଦୟା ନ ହେଲେ ରାଜମହଲ ବି ସାଜିପାରେ ଭଙ୍ଗା କୁଡିଆ । ତେଣୁ ସେ ଦରିଦ୍ରଭଞ୍ଜନୀ । ସେ ଧର୍ମ, ଅର୍ଥ, କାମ, ମୋକ୍ଷ ଓ ଐଶ୍ୱର୍ଯ୍ୟର ଦେବୀ । ବିଷ୍ଣୁ ପତ୍ନୀ, ପରମାତ୍ମାଙ୍କ ଶକ୍ତି ରୂପରେ ପୂଜା ପାଆନ୍ତି ଶ୍ରୀ ମନ୍ଦିରରେ । ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥଙ୍କ ସହ ଶ୍ରୀ ଦେବୀ ଭାବରେ ପୂଜା ପାଉଛନ୍ତି । ସେ ସିନ୍ଧୁସୂତା, ପଦ୍ମାଳୟା, କମଳା, ଶ୍ରୀହରିପ୍ରିୟା, ଇନ୍ଦିରା, ଲୋକମାତା, କ୍ଷିରାବ୍ ଧିତନୟା, ରମା, ସାଗରଦୁଲଣୀ, ଚଂଚଳା । ଲକ୍ଷ୍ମୀଙ୍କରଏହି ଦଶ ନାମରେ ଗଣ୍ଠି ପକାଇ ସୁଦଶା ବ୍ରତ ଧାରଣ କରିଥାନ୍ତି ଓଡିଆ ଘରର ବୋହୂମାନେ, ଶୁକ୍ଳଦଶମୀ ଗୁରୁବାର ସୁଦଶାବ୍ରତ ପଡିଲେ ।

ମାର୍ଗଶିର ମାସରେ ପଡେ ମାଣବସା ପ୍ରତ୍ୟେକ ଓଡିଆ ଘରର ପୂଜା । ଓଡିଶାରେ ମାର୍ଗଶିର ମାସ ଚାରିପାଳି ହୋଇଥାଏ ଲକ୍ଷ୍ମୀପୂଜା ଯାହାକି ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ଏ ପୂଜାରେ ଜାତି ଅଜାତି କିଛି ବି ନାହିଁ । ମହାଲକ୍ଷ୍ମୀ ଧନ, ଅନ୍ନର ଦେବୀ । କୃଷିଭିତିକ ପର୍ବ ମାଣବସା । ଚାଷୀ ତା' ଅମଳର ପ୍ରଥମ ଧାନ ମା'କୁ ଅର୍ପଣ କରେ । ସେଥିପାଇଁ ମାଣବସା ଗୁରୁବାର ଆସିଲେ ପ୍ରତି ଓଡିଆଣି ଘରଦ୍ୱାର ଗୋବରରେ ଲିପାପୋଛା କରି ବନମାଟି ଲିପି ଅରୁଆ ଚାଉଳ ପିଠଉ ବାଟି ଲକ୍ଷ୍ମୀ ପାଦ ଚିତା, ଷୋଳକ ପଦ୍ମ, ଧାନକେଣ୍ଡା, ମାଣଚିତା ଘର ଅଗଣାରୁ ଖଳାଯାଏଁ ଆଙ୍କିଥାଏ । ଶେଷପାଳି ଗୁରୁବାର ଦିନ ପ୍ରଭାତରୁ ସ୍ନାନ କରି, ମାଣ ଓ ଖଟୁଲିକୁ ଚିତା ଚନ୍ଦନ, ସିନ୍ଦୂର ଦେଇ ସଜାଏ । ଶୁକ୍ଳବର୍ଣ୍ଣ ଧାନ ମାଣରେ ଓ ଗୌଣିରେ ବିରି ରଖି, ଖଟୁଲିକୁ ବୋହୂ ରୂପେ ବସ୍ତ୍ର ପିନ୍ଧାଇ, ଗେଣ୍ଡୁଫୁଲ, ପଦ୍ମଫୁଲ, ଧାନମେଂଟା, ମୂଳା, ଆଖୁ, ସୋରିଷଫୁଲ , ଦୂବ , ବରକୋଳି ପତ୍ରରେ ସଜେଇଦିଏ । କଦଳୀ, ଛେନା, ନଡିଆ ଗୁଡ ଦହି, ଅଁଳା, କଂଟେଇକୋଳି ଥୋଇ ଚନ୍ଦନ, ସିନ୍ଦୂର ଲଗାଏ । ବଳରାମ ଦାସଙ୍କ ଲିଖିତ ମାଣବସା ଗୁରୁବାର ବା ଲକ୍ଷ୍ମୀ ପୁରାଣ ପଢ଼ି, ପିଠାପଣା, ଧୂପଦୀପ ଥୋଇ ସାଷ୍ଟାଙ୍ଗ ହୁଏ ଲକ୍ଷ୍ମୀ ମାତାଙ୍କୁ । ଭୋଗ ଖାଇ, ପାଦରେ ଅଳତା, ମଥାରେ ସିନ୍ଦୂର ନାଇ, ଶୁକ୍ଳବର୍ଣ୍ଣର ଲୁଗା ପିନ୍ଧି ଖୁବ୍ ନିଷ୍ଠାରେ ପାଳେ । ଏ ପୂଜା ସାମାଜିକ ଚଳଣିକୁ ଖୁବ୍ ପ୍ରାଧାନ୍ୟ ଦେଇଛି ଯେମିତିକି ଗୁରୁବାର ଦିନ ଅନେକ କଥା କରିବାକୁ ବାରଣ କରିଛି ଯଥା କ୍ଷୌର ହେବା, ଖଇ ନ ଭାଜିବା, ନଖରେ ଭୂମି ବିଦାରଣ ନ କରିବା, ଗୁରୁଜନଙ୍କୁ ଭକ୍ତି କରିବା, ସେବା ମନୋଭାବ ରଖିବା, ଉଚ୍ଚନୀଚ ଭେଦଭାବ ନ ରଖିବା, ପତିଙ୍କୁ ମାନିବା ଇତ୍ୟାଦି ଆହୁରି ଅନେକ କଥା । ଯାହା ସମାଜକୁ ସଂସ୍କାର ମୂଳକ ଶିକ୍ଷା ଦେଇଛି ଲକ୍ଷ୍ମୀ ପୁରାଣ ମାଧ୍ୟମରେ । ମାଣବସା ଅସ୍ପୃଶ୍ୟତା ଦୂରୀକରଣ, ଜାତିଭେଦ ଲୋପ, ପୁରୁଷକୁ ପ୍ରାଧାନ୍ୟ ଦେବାର ହୀନମନ୍ୟତାକୁ ମହତ୍ୱ ପ୍ରଦାନ କରିଛି । କବି ଶ୍ରୀୟା ଚଣ୍ଡାଳୁଣୀ ମାଧ୍ୟମରେ ତଥାକଥିତ ସମାଜକୁ ସୁଧାରିବାକୁ ଚାହିଁଛନ୍ତି ରକ୍ଷଣଶୀଳ ମନୋଭାବରୁ । ଯେତେବେଳେ ଲକ୍ଷ୍ମୀ ଶ୍ରୀମନ୍ଦିର ଛାଡି ନଗର ବୁଲି ଯାଇଛନ୍ତି ଅନେକ ଅସ୍ୱଚ୍ଛ ଜନିତ ଘଟଣାମାନ ନଗରସାରା ବୁଲି ଦେଖିଛନ୍ତି କିନ୍ତୁ ଚାଣ୍ଡାଳ ସାହିରେ ପ୍ରବେଶ କରି ଯେତେବେଳେ ଦେଖୁଛନ୍ତି ଶ୍ରୀୟା ଚଣ୍ଡାଳୁଣୀର ବିଷ୍ଣୁ ଭକ୍ତି ପୂଜା ସେତେବେଳେ ପ୍ରସନ୍ନ ହୋଇ ବର ଯାଚିଦେଇଛନ୍ତି । ଏହି ସମୟରେ ଜଗନ୍ନାଥ ଓ ବଳଭଦ୍ର ମୃଗୟାରୁ ମନ୍ଦିରକୁ ଫେରି ଦେଖନ୍ତି ଲକ୍ଷ୍ମୀ ନାହାନ୍ତି । ବଳରାମ ଓ ଜଗନ୍ନାଥ ଲକ୍ଷ୍ମୀ ଅଛୁଆ ଘରେ ପଶି ବାରଦୁଆର ବୁଲି ପୁଣି ମନ୍ଦିର ପଶୁଛି, ଛୁଆଁ ଅଛୁଆଁ କିଛି ବାରୁନାହିଁ ଜାଣିପାରି କ୍ଷୁବ୍ଧ ହୋଇ ଲକ୍ଷ୍ମୀଙ୍କୁ ମନ୍ଦିରରୁ ବିତାଡିତ କରିଛନ୍ତି । ପ୍ରତି ବଦଳରେ ମହାଲକ୍ଷ୍ମୀଙ୍କ କୋପ ଫଳରେ ବାରବର୍ଷ ଖାଦ୍ୟ ପାନୀୟ ନ ମିଳିବାର ଅଭିଶାପ ମଧ୍ୟ ପାଇଛନ୍ତି ଏବଂ କହିଛନ୍ତି - ମୁହିଁ ଚାଣ୍ଡାଳୁଣୀ ଯେବେ ଟେକିଦେବି ଅନ୍ନ ଭୋଜନ କରିବ ତୁମେ କାଳୀୟ ଗଞ୍ଜନ । ଜାତିପ୍ରଥା ବିଷୟରେ ସ୍ୱର ଉଠାଇଛନ୍ତି । ପ୍ରତ୍ୟେକ ମଣିଷ ମଧରେ ଭଗବାନ ଅଛନ୍ତି ବୋଲି ଲକ୍ଷ୍ମୀ ଶେଷରେ ପ୍ରମାଣିତ କରିଛନ୍ତି । ସେ ଏଥିପାଇଁ ବିଶ୍ୱକର୍ମା, ସରସ୍ୱତୀ, ବେତାଳ, ପଣ୍ଡା ପଢ଼ିଆରୀ ମାନଙ୍କର ସହାୟତା ନେଇ ପ୍ରଭୁ ସେବା ବନ୍ଦ କରିଦେଲେ । ଶେଷରେ ଦୁଇଭାଇ ଲକ୍ଷ୍ମୀଙ୍କ ନଗରରେ ପହଂଚିଲା ପରେ ପତ୍ନୀ ହିସାବରେ ପ୍ରଭୁଙ୍କ ପ୍ରତି ସମ୍ମାନ ଓ ପ୍ରେମ, ବିଚ୍ଛେଦ ଜନିତ ଅବସାଦକୁ ଶାନ୍ତ କରି ନିଜ ହାତରେ ରୋଷେଇ କରି ଆଦର ସହକାରେ ବାଢ଼ି ଦେଇଛନ୍ତି ଖାଦ୍ୟ ଯାହାକୁ ଖାଇ ତୃପ୍ତ ହୋଇଛନ୍ତି ଦୁଇଭାଇ ଏବଂ ବଡ ଦେଉଳକୁ ଫେରିଯିବାକୁ କହିଛନ୍ତି । ଲକ୍ଷ୍ମୀ ସର୍ତ ରଖିଲେ ଯଦି ତାଙ୍କ ମହାପ୍ରସାଦରେ ଚଣ୍ଡାଳ ଠାରୁ ବ୍ରାହ୍ମଣର ଅଧିକାର ରହିବ, ଜାତିଗୋତ୍ରର ଭେଦଭାବ ରହିବନି ମହାପ୍ରସାଦ ପାଇବାରେ କେହି ବି ବଂଚିତ ହେବେନାହିଁ ତେବେ ଯାଇ ସେ ମନ୍ଦିରକୁ ଯିବେ ଏହା କହିବାରୁ ଜଗନ୍ନାଥ ସମ୍ମତି ପ୍ରକାଶ କଲେ ଏବଂ ଜଗନ୍ନାଥ ଲକ୍ଷ୍ମୀଙ୍କ ବିବାଦର ସୂତ୍ରପାତ ହେଲା । ଲକ୍ଷ୍ମୀ ନାରୀର ସମ୍ମାନ, ମର୍ଯ୍ୟାଦା ପାଇ ଶ୍ରୀମନ୍ଦିରରେ ପ୍ରବେଶ କଲେ । ଜଗନ୍ନାଥ ବଳଭଦ୍ର ମଧ୍ୟ ମନ୍ଦିରକୁ ପ୍ରବେଶ କଲେ । ସେଦିନ ଠାରୁ ବ୍ରାହ୍ମଣ ଚଣ୍ଡାଳ, ଶୁଦ୍ରଙ୍କ ମନ୍ଦିର ପ୍ରବେଶ, ରଥଯାତ୍ରାରେ ସାମିଲ ହେବା ଓ ମହାପ୍ରସାଦ ସେବନ ପ୍ରଚଳିତ ହେଲା । ଛୁଆଁ ଅଛୁଆଁ ଭେଦଭାବ ଦୂର ହେଲା । ଜାତିଧର୍ମ ବର୍ଣ୍ଣର ବାଛବିଚାର ଯୁଗ ଯୁଗକୁ ଦେଖାଇଦେଲା ଯେ ମଣିଷ ମନ ପବିତ୍ର ସମସ୍ତଙ୍କ ଦେହରେ ଭଗବାନ ବିଦ୍ୟମାନ । ଆଚରଣ, ସଂଯମତା, ଶିଷ୍ଟାଚାର, ବ୍ୟବହା, ସୁମିଷ୍ଟ ବଚନ ଚଣ୍ଡାଳକୁ ମଧ୍ୟ ସାଧୁତାରେ ପରିଣତ କରାଏ । ଏହା ଦ୍ୱାରା ଲକ୍ଷ୍ମୀ ପୂଜାର ଆଦର୍ଶ ଓ ମହନୀୟତା ପ୍ରତିପାଦିତ ହେଲା । ସମାଜରେ ପ୍ରତ୍ୟେକ ମଣିଷର ଆଦର୍ଶକୁ ସମ୍ମାନ କରାଗଲା ।


♥ ଭୁବନେଶ୍ୱର
(ମୋ)୭୯୭୮୧୧୦୪୭୪





## ଅବୁଝା ମନ

ଶରତ ଚନ୍ଦ୍ର ଜାଳି



ମନକୁ କହିଲି ବୁଝେଇକରି ମୁଁ
ଯେତେ ପରି ରାତିଦିନ
ବୁଝିବାର ନାଁ ଧରୁନାହିଁ ଜମା
ଏଇ ମୋ ଅବୁଝାମନ ।
ରାତିରେ ସୂରୁଜ ବୈଶାଖରେ ଶୀତ
ଦିନରେ ମାଗୁଛି ଜହ୍ନ
ଅସମ୍ଭବ କଥା ସମ୍ଭବ ପରି ସେ
ସ୍ୱପ୍ନ ଦେଖେ ସ୍ମୃତିଚିହ୍ନ ।
ନଈ,ସାଗରର ଗଭୀରତା କେତେ
ମାପିବାକୁ ଅଣ୍ଟା ଭିଡେ
ପକ୍ଷୀଟିଏ ସାଜି କେତେବେଳେ ଯାଇ
ନୀଳ ଗଗନରେ ଉଡେ ।
କେତେବେଳେ ସିଏ ଥୁଣ୍ଟା ବରଗଛ
କେବେ ହୁଏ ପଲ୍ଲବିତ
ଅଦିନେ ବସନ୍ତ ମନକୁଞ୍ଜେ ବସି
ଗାଏ ସୁମଧୁର ଗୀତ ।
କେବେ ଝଡ ହୋଇ ବହେ ଅଣଚାସ
ପବନ ପରି ଚଞ୍ଚଳ
ଦୋହଲେ ହୃଦୟ ଭାବନା ରାଇଜ
ଶ୍ରୀହୀନ ପ୍ରେମ ଅଞ୍ଚଳ ।
ଝୁରିଝୁରି କଣ୍ଟା ହୋଇଲେବି ମନ
ଖୋଜେ ପ୍ରେମ ବତୀଘର
ଆଖି ଛଳଛଳ ହୃଦୟ ବ୍ୟାକୁଳ
ଦୁନିଆକୁ କରେ ପର ।
ଏ ମନ ସହରେ ଶୂନଶାନ୍ ଯେବେ
ଆସି ଛୁଏଁ କେବେକେବେ
ଅଶାନ୍ତ ବଳୟେ ପ୍ରଶାନ୍ତ ମଳୟ
ବହିବାକୁ ବସି ଭାବେ ।
ମନର ସାଧନା ବନ୍ଧନେ ବାନ୍ଧନା
ଚାହେଁ ଚିର ସ୍ୱାଧିନତା
ନିରୋଳାରେ ମନ କିଛି କହିଯାଏ
ଦରଦୀ ହୃଦୟ କଥା ।
ମନତଳେ ମୁକ୍ତ,ବନ୍ଧନ ଦି ପଥ
ଅଙ୍କାବଙ୍କା ଚାରୁ ଛବି
ମନଙ୍କ ପୁରୁଷ ନୁହେଁ ମୁଁ ତଥାପି
ଜନ୍ମେଜନ୍ମେ ଆଙ୍କୁ ଥିବି ।


♥ ଶିକ୍ଷକ
ପଥରା, ଖଲ୍ଲିକୋଟ, ଗଂଜାମ
(ମୋ) ୮୨୪୯୫୩୪୨୭୪




## ତୁମକୁ...

ସୁଧାଂଶୁ ଶେଖର ଦ୍ୱିବେଦୀ

ମୁଁ ଲେଖୁଛି ତୁମକୁ
ତୁମେ ପଢ଼ିନେବ ନିଜକୁ
ବୁଝି ନ ପାରିଲେ କିଛି
ଥରେ ପଚାରି ଦେବ ମୋତେ ।

ଏମିତିବି,
ତୁମେ ନିଶ୍ଚିତ ବୁଦ୍ଧିମତୀ
ତଥାପି,
କିଛି ବୁଝି ନ ପାରିଲେ
ବୋକୀ ଝିଅ ଭଳି
ପଚାରିଦେବ ମୋତେ ।

ମୁଁ ଭାବୁଛି ତୁମକୁ
ମୁଁ ଲେଖୁଛି ତୁମକୁ
ଯଦି ତୁମକୁ ଲାଗେ
ମୁଁ ନୁହେଁ ତୁମର
ତାହେଲେ ପଢ଼ିନେବ
ଆମ କବିତାରେ ଆମକୁ ।


♥ ବିସି-୭୪ ,ସଲଟ ଲେକ,
କଲକତା-୬୪
(ମୋ) ୯୬୮୧୩୭୩୫୧୨


## କିଏ ସତ୍ ....

ଈଶ୍ୱର ମଙ୍ଗରାଜ



ଟଙ୍କା ଟଙ୍କା ମୁଁହ କରିଦିଏ ବଙ୍କା
ଟଙ୍କା ହେଉଛି ଚୋଟ ମୁଦ୍ରା
ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟ ମନରୁ ଯାଏ ଟି ଶଙ୍କା ।
ସ୍ୱାସ୍ଥ୍ୟ ହେଉଛି ବଡ ମୁଦ୍ରା ।
ପ୍ରେମ ପ୍ରେମ ଆନନ୍ଦ ଆଣେ
ଯୌବନ
ପ୍ରେମ ଭାଗ୍ୟ ଶାଳୀ ମୁଦ୍ରା
ବନ୍ଧୁତା ସ୍ଥାପନ ଆନନ୍ଦ
ଜୀବନ
ବନ୍ଧୁତାହେଉଛି ମିଠା ମୁଦ୍ରା ।
ସମ୍ପର୍କ ସମ୍ପର୍କ ପାଇବାଟି
କଷ୍ଟ
ସମ୍ପର୍କଟି ଏକ ସ୍ୱର୍ଣ୍ଣ ମୁଦ୍ରା
କରିବା ଭାଂଗିବା ନିଜର ଟି
ତୁଣ୍ଡ
ସିନ୍ଦୂର ଓ ଶଙ୍ଖା ସ୍ତୀର ସଦା
ଏହାକହିଛନ୍ତି ଜଗତ ମାତା ।
ନାରୀ ନାରୀ ସୁନାର ସାରୀ
ନାରୀର ପୁରୁଷ ଶକ୍ତି ମୁଦ୍ରା
ଅଭିଆଡି ରହିବ ଛଡି ନାରୀ
ତାର ନାରୀ ଜୀବନ ବୃଦ୍ଧା ।
ନାରୀ ବିବାହ ରହିବ ବାଞ୍ଝ
ତାର ଜୀବନ ହେବଟି ତୁଚ୍ଛ ।
ପୁରୁଷ ପୁରୁଷ ଯଦି ନ ଶୁକ୍ର
ତାହାକୁ କୁହାନ୍ତି ନପୁଷଙ୍କ ।
ସତ ସତ୍ୟ ତ୍ରିବାର ଟିସତ୍ୟ
ଜେକରି ନକରି ରକ୍ଷା ଭ୍ରଷ୍ଟ ।
କୁହହେ ଜ୍ଞାନୀ ମାନୀ ପଣ୍ଡିତ
ନାରୀର ପୁରୁଷ ଅମୂଲ୍ୟ ବିତ
ଖୋର୍ଦ୍ଧା+(କାଇପଦର)


♥ ସ୍ୱାସ୍ଥ୍ୟ ସେବା ଶିକ୍ଷା ଚିକିତ୍ସା
ପର୍ଯ୍ୟବେକ୍ଷକ
(ମୋ)୯୪୩୭୦୬୩୧୨୬




## କାହିଁ ସେହି ଶୀତ

ପ୍ରଶାନ୍ତ କୁମାର ନାଥ



କାହିଁ ସେହି ଶୀତ ଗାଆଁରେ ମୋହର
ରହିଅଛିକେତେ ଦୂରେ
ଯେତେ ଖୋଜୁଥିଲେ ଅବା ଚାହୁଁଥିଲେ
ମନଟା କି ସତେ ଭରେ ।

ଶୀତ ଆସୁଥିଲା ସକାଳ ପହରେ
କୁହୁଡି କାକର ସାଥେ
କାକରର ବିନ୍ଦୁଘାସରେ ପଡିଲେ
ମୁକ୍ତା ପରିତାହା ଦିଶେ ।

ଶୀତ ଆସୁଥିଲା କଅଁଳ ଖରାରେ
ବାସି ପଖାଳ କଂସାରେ
ଆସୁଥିଲା ପୁଣି ପାକେଇ ଆଇର
ଖନିମରା ସେ ଭାଷାରେ ।

ଖରାବେଳେ ଆସେ ଗାଆଁ ପୋଖରୀରେ
ଗାଧୋଇ ଯିବାର ବେଳେ
ଗାଧୋଇବା ପାଇଁ ପାଦ ଲାଗିଗଲେ
ସେହି ପୋଖରୀର ଜଳେ ।

ଖାଇ ପିଇସାରି ବୁଢୀମା'ଟାଯେବେ
ଖରା ଟିକେ ଖୋଜୁଥିଲା
କଅଁଳ ଖରାଟା ଅଗଣାରେ ଯେବେ
ମନ ଖୋଲି ହସୁଥିଲା ।

ସନ୍ଧ୍ୟା ହୋଇଗଲେ ଶୀତ
ମାଡିଆସେ
ଛିଣ୍ଡା ମଶିଣା ହେଁସରେ
କେହିଁ ସେହି ଶୀତ କେମିତି ଆସୁଛି
କେମିତି କେଉଁ ବେଶରେ ।


♥ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
(ମୋ) ୦୮୮୯୨୩୦୧୧୪୩

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

**ଭାଗ-୪୦**

ଆମକୁ ଦେଖିବା ମାତ୍ରେ ଧାଇଁଆସିଲେ ଓ ହାତଧରି ପାଛୋଟି ନେଲେ । ମୋ ଆଡ଼କୁ କିଛିସମୟ ଅନାଇ ରହିଲେ । ମୁଁ କିଛି ଭାବିପାରୁ ନଥିଲି । ଅନ୍ୟମାନଙ୍କ ଠାରୁ ମୁଁ କ'ଣ ତାଙ୍କର ବେଶି ପ୍ରିୟ । ନହେଲେ ମୋତେ ଏଭଳି ଅନାଇ ରହିଛନ୍ତି କାହିଁକି ? ଯୁଧିଷ୍ଠିରଙ୍କୁ ଦେଖିଲେ ମୋ ମନରେ ଭାବପ୍ରବଣତା ଜାଗିଉଠେ । ତାଙ୍କଠାରେ ଏମିତି କି ଗୁଣ ଅଛି କେଜାଣି ଯାହା ଅନ୍ୟମାନଙ୍କ ପାଖରେ ଦେଖାଯାଏ ନାହିଁ । ସଦା ଛଳଛଳ । କ୍ରୋଧ, ଅହଂକାର ଶୂନ୍ୟ ବ୍ୟକ୍ତିତ୍ୱ । ଉଦାରତାର ମୂର୍ତ୍ତିମନ୍ତ ପ୍ରତୀକ । ପାଣ୍ଡବମାନେ ଏଭଳି ଜଣେ ବ୍ୟକ୍ତିତ୍ୱର ଅଧିକାରୀ ଜଣକୁ ଜ୍ୟେଷ୍ଠଭ୍ରାତା ଭାବେ ପାଇ ଧନ୍ୟ ।

ଯଜ୍ଞ ସେତେପର୍ଯ୍ୟନ୍ତ ଆରମ୍ଭ ହୋଇ ନଥାଏ ଯଦିଓ ଆର୍ଯ୍ୟାବର୍ତ୍ତର ଅନେକ ରାଜା, ମହାରାଜା, ଋଷି, ବ୍ରାହ୍ମଣ ଆଦି ଯଜ୍ଞସ୍ଥଳରେ ଉପସ୍ଥିତ ହୋଇ ସାରିଥାନ୍ତି ତଥାପି ଆସି ନଥାନ୍ତି ଦ୍ୱାରକାଧୀଶ କୃଷ୍ଣ । ତାଙ୍କରି ପ୍ରତୀକ୍ଷାରେ ସମସ୍ତେ ରହିଥାନ୍ତି । ଯେହେତୁ ସେ ହିଁ ଯଜ୍ଞର ପ୍ରଥମପୁରୁଷ, ଅଗ୍ରପୂଜ୍ୟ ।

ଆମେ ପରସ୍ପର କଥାବାର୍ତ୍ତା ହେଉଥିଲୁ । କୃଷ୍ଣ ଆସିବା ପରେ ଯାଇ ଯଜ୍ଞ ଆରମ୍ଭ ହେବ । ତେଣୁ ଏଇ ସମୟ ଟିକକ ଅଯଥା ଯଜ୍ଞସ୍ଥଳରେ ନବସି ରାଜଭବନ ପରିସର ମଧ୍ୟରେ ବୁଲାବୁଲି କଲେ ଭଲ ହୁଅନ୍ତା । ଯୁଧିଷ୍ଠିର ଆମ ଇଚ୍ଛା ଜାଣି ରାଜଭବନ ବୁଲାଇ ଆଣିବାକୁ ତାଙ୍କର ଜଣେ କର୍ମଚାରୀଙ୍କୁ ଆମ ସହ ପଠାଇଲେ । ଆମେ ରାଜଭବନର ପାହାଚ ଆଡ଼କୁ ଚାଲିଲୁ । ଆସିଲାବେଳେ ଯଜ୍ଞସ୍ଥଳ ଅତିକ୍ରମ କରି ଆସିଲୁ । ଦେଖିଲୁ ଅଧିକାଂଶ ଆସନ ଭରପୂର । ପ୍ରତ୍ୟେକେ ନିଜନିଜ ଆସନରେ ବସି ଯଜ୍ଞର ଆରମ୍ଭକୁ ଅପେକ୍ଷା କରି ରହିଥାନ୍ତି । ଯଜ୍ଞମଣ୍ଡପର ଅପରୂପ ଶୋଭା ଦର୍ଶନ କରି ଆମେ ବିହ୍ୱଳିତ । ଯେତେଯେତେ ଆଗକୁ ଅଗ୍ରସର ହେଉଛୁ, ଆମ ବିସ୍ମୟର ସୀମା ସେତିକି ବଢ଼ି ଯାଉଥିଲା । ମୁଁ ନିଜେ ପାଣ୍ଡବମାନଙ୍କର ଐଶ୍ୱର୍ଯ୍ୟ ଓ ସମୃଦ୍ଧି ଦେଖି ସ୍ତବ୍ଧ । ଭାବିପାରୁ ନଥାଏ ଏତେ ଅଳ୍ପଦିନ ମଧ୍ୟରେ ପାଣ୍ଡବମାନେ ଏତେ ସୌଭାଗ୍ୟଶାଳୀ ହେଲେ କିପରି ?

ଭାଗ୍ୟ, କର୍ମ । ସବୁକିଛି ଭାଗ୍ୟଫଳ । କର୍ମର ଫଳ । ଯାହା ଜୀବନଗ୍ରନ୍ଥିର ସୂଚିପତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଯିଏ ଯେତେ ଅମଂଗଳ ଚିନ୍ତା କରୁଥାନ୍ତୁ ନା କାହିଁକି, ଯଶସ୍ୱୀ ବ୍ୟକ୍ତିତ୍ୱର ପ୍ରଭାବରେ ପ୍ରଭାବଶାଳୀ ହୋଇଥାନ୍ତି । ଯୁଧିଷ୍ଠିର ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଲକ୍ଷ୍ୟ କରୁଥିଲି ଦୁର୍ଯ୍ୟୋଧନଙ୍କୁ । ସହଜରେ ସେ ତ ଈର୍ଷାଳୁ । ହିଂସା, ଅସୂୟା, ଅହଂକାର ତାଙ୍କର ଅସ୍ଥିମଜ୍ଜାଗତ । ରକ୍ତାଧାରରେ ପ୍ରବାହିତ । ତାଙ୍କର ମୁହଁ, ଆଖିର ଚାହାଣୀରୁ ତାହା ସ୍ପଷ୍ଟବାରି ହୋଇ ଯାଉଥାଏ । ଖାଣ୍ଡବପ୍ରସ୍ଥ ଦେଇ ପାଣ୍ଡବମାନଙ୍କୁ ଦାଣ୍ଡର ଭିକାରୀ କରିଦେବେ ବୋଲି ସେ ସ୍ୱପ୍ନ ଦେଖିଥିଲେ । ମାତ୍ର ଖାଣ୍ଡବପ୍ରସ୍ଥ ଯେ ପାଣ୍ଡବମାନଙ୍କ କରସ୍ପର୍ଶରେ ଇନ୍ଦ୍ରପ୍ରସ୍ଥରେ ରୂପାନ୍ତରିତ ହୋଇଯିବ ସେକଥା ମିତ୍ର କାହିଁକି ମୁଁ ନିଜେ ମଧ ଭାବି ନଥିଲି । ପ୍ରକାଶ କରିପାରୁ ନଥିଲେ ମଧ ପାଣ୍ଡବମାନଙ୍କ ଐଶ୍ୱର୍ଯ୍ୟ, ସୌଭାଗ୍ୟ ଦେଖି ମୋ ମନରେ ଯେ ଈର୍ଷା ଆସୁ ନଥିଲା, ତାହା ତ କହିପାରିବି ନାହିଁ । ତେବେ, ଦୁର୍ଯ୍ୟୋଧନଙ୍କ ଭଳି ମୋ ନିକଟରେ ଏତେଟା ପ୍ରତିକ୍ରିୟା ନଥିଲା । ଆମେ ଯେତେ ଯେତେ ଭିତରକୁ ଅଗ୍ରସର ହେଉଥିଲୁ ସେତିକି ବିହ୍ୱଳିତ ହୋଇ ପଡୁଥିଲୁ । ଇନ୍ଦ୍ରପ୍ରସ୍ଥର କର୍ମଚାରୀ ଆମକୁ ବୁଲାଇ ସବୁ ବୁଝାଇ ଦେଉଥିଲା । ମୟଦୈତ୍ୟଙ୍କ ଦ୍ୱାରା ନିର୍ମିତ ହୋଇଛି ରାଜଭବନ, ଯିଏ ଦ୍ୱିତୀୟ ବିଶ୍ୱକର୍ମା ନାମରେ ଖ୍ୟାତ । କୃଷ୍ଣଙ୍କ ନିର୍ଦ୍ଦେଶରେ ସବୁକିଛି ପ୍ରସ୍ତୁତ । କୁରୁବଂଶର ଗୌରବମୟ ଅତୀତ, ଐତିହ୍ୟର ସ୍ମୃତିଚାରଣ କରି କାନ୍ଥର ଠାଏ ଠାଏ ବିଭିନ୍ନ ଚିତ୍ର । ଯେଉଁ ଚିତ୍ର ଗୁଡ଼ିକରେ ମହାରାଜ ଶାନ୍ତନୁଙ୍କ ମୃଗୟା ଠାରୁ ଆରମ୍ଭ କରି ମହାରାଜ ପାଣ୍ଡୁଙ୍କ ବନବାସ, ପଞ୍ଚପାଣ୍ଡବଙ୍କ ଜନ୍ମବୃତ୍ତାନ୍ତ ପର୍ଯ୍ୟନ୍ତ । ଚିତ୍ରଗୁଡ଼ିକ ଏଭଳି ମାର୍ମିକ ଓ ଜୀବନ୍ତ ଥିଲା ଯେ, ମୁଁ ମୋ ନିଜ ସ୍ଥିତିକୁ ମଧ ଭୁଲି ଯାଇଥିଲି । ପ୍ରତିଟି ଚିତ୍ର ପଛରେ ରହିଛି ଅନେକ ସତ୍ୟ କାହାଣୀ । ଏସବୁ ଦେଖିଲେ ଧର୍ମରାଜ ଯୁଧିଷ୍ଠିରଙ୍କ ଚିନ୍ତାଧାରାକୁ ବାସ୍ତବରେ ପ୍ରଶଂସା ନକରି ରହିହୁଏନି ।

ରାଜଭବନର ଦ୍ୱାରପରେ ଦ୍ୱାର ଅତିକ୍ରମ କରି ଆମେ ଆଗେଇ ଚାଲିଥିଲୁ । ଆମ ମନର ଆବେଗ ଓ ଉତ୍କଣ୍ଠା ବଢ଼ି ଚାଲିଥିଲା । ଅନ୍ତର୍ଭବନ ମଧ୍ୟରେ ପ୍ରବେଶକରି ଆମେ ସମସ୍ତେ କିଛିସମୟ ଛିଡ଼ା ହୋଇଗଲୁ ।

ଓଃ କି ଚମତ୍କାର ! ଗୋଲାକୃତି ଅଂଗନ, ସ୍ତମ୍ଭଗୁଡ଼ିକରେ ମୋତି, ମାଣିକ୍ୟ, ଆଦି ନାନାଦି ରତ୍ନମାନ ଖଞ୍ଜାଯାଇ ବେଶ୍ ଅପୂର୍ବ ଦିଶୁଥାଏ । ଆଗେଆଗେ ଚାଲିଥାନ୍ତି ଦୁର୍ଯ୍ୟୋଧନ । ଅନ୍ତର୍ଭବନର ସୁଷମାକୁ ସେ ଯେପରି ଆକଣ୍ଠ ପିଇ ଯାଉଥାନ୍ତି । ତଳକୁ ଲମ୍ବି ଯାଉଥିବା ପାହାଚ ଅତିକ୍ରମ କଲା ପରେ ପଡ଼ିଲା ଜଳପୂର୍ଣ୍ଣ ଅଂଗନ । ଦୁର୍ଯ୍ୟୋଧନ ତରତର ହୋଇ ନିଜ ପିନ୍ଧାଲୁଗାକୁ ଆଣ୍ଠୁପର୍ଯ୍ୟନ୍ତ ଟେକିଦେଇ ଆଗେଇ ଯାଉଥିଲେ । ପାଖ କକ୍ଷରୁ ଭାସିଆସିଲା କାହାର ଖିଲିଖିଲି ହସ । ଆମେ ଆମର ଭୁଲ୍ ବୁଝିପାରିଲୁ । ଆମ ଆଖିକୁ ଦୃଶ୍ୟମାନ ହେଉଥିବା ଜଳାଶୟ ପ୍ରକୃତରେ ଥିଲା ଏକ ସ୍ଫଟିକ ନିର୍ମିତ ଅଂଗନ । ଲକ୍ଷ୍ୟକଲି କକ୍ଷର ଗୋଟିଏ ବାତାୟନ ପାଖରେ ଠିଆହୋଇ କୃଷ୍ଣା ଆମର ଏ ଭ୍ରମତା ପାଇଁ ହସୁଛନ୍ତି । ଅପଦସ୍ଥ ହୋଇଗଲେ ଦୁର୍ଯ୍ୟୋଧନ । ସହଜେ ସେ ଅହଂକାରୀ ଆଉ ଅଭିମାନୀ । କୃଷ୍ଣାଙ୍କ ଏମିତି ବିଦ୍ରୁପାତ୍ମକ ହାସ୍ୟ ତାଙ୍କ ସ୍ୱାଭିମାନରେ ଆଞ୍ଚ ଆସିଲା । କିଛି କହି ନପାରିଲେ ମଧ କ୍ରୋଧରେ ସେ ଯେମିତି ରକ୍ତଚଉଳ ଚୋବାଉଥିଲେ । ମିତ୍ରଙ୍କ ଏଭଳି ପରିସ୍ଥିତି ଲକ୍ଷ୍ୟକରି ମୋ ମନରେ ମଧ ରାଗ ଆସୁଥିଲା । ଭାବୁଥିଲି ପାଣ୍ଡବପତ୍ନୀ କୃଷ୍ଣା ରାଜମହିଷୀ, ପାଟରାଣୀ । ତାଙ୍କ ପକ୍ଷରେ ଏଭଳି ଶିଷ୍ଟାଚାର ଶୋଭାପାଏନା । ଯେତେ ଯାହା ହେଲେ ମଧ ଆମେ ଏଠାରେ ଅତିଥି । ଆଉ ଅତିଥିମାନଙ୍କ ପ୍ରତି ଏଭଳି ଅଭଦ୍ରାମି ଛି.... ଛି.... । ଦେଖାଯାଉ ଆଗକୁ ପୁଣି କ'ଣ ଘଟୁଛି ।

ପାହାଚ ପରେ ପାହାଚ ଅତିକ୍ରମ କରି ଚାଲିଛୁ ପଡ଼ିଲା ଏକ ଦୀର୍ଘାୟତନ ଅଙ୍ଗନ । ଦୁର୍ଯ୍ୟୋଧନଙ୍କ କ୍ରୋଧ ଏମିତି ବଢ଼ି ଯାଇଥିଲା ଯେ, ସେ ରାଗରେ ପାଦଦୁଇଟିକୁ କଚଡ଼ି କଚଡ଼ି ଚାଲୁଥଲେ । ଏଥର ତାଙ୍କର ପିନ୍ଧାବସ୍ତ୍ର ଓଦା ହୋଇଗଲା । କାରଣ ଏହାଥିଲା ବାସ୍ତବରେ ଏକ ଜଳାଶୟ ଯାହା ଆଖିକୁ ସ୍ଫଟିକର ଅଂଗନ ଭଳି ପ୍ରତୀୟମାନ ହେଉଥିଲା । ଏଥର ମଧ ଭିତରୁ ଭାସି ଆସୁଥିଲା ନାରୀ କଣ୍ଠର ଆୱାଜ । ପରିହାସର କଳରବ । ଶୁଭୁଥିଲା କୃଷ୍ଣାଙ୍କ ସ୍ୱର "ଅନ୍ଧପିତାଙ୍କ ପୁତ୍ର ଅନ୍ଧ ହେବେନି ତ ଆଉ କ'ଣ ହେବେ ।"

କୃଷ୍ଣାଙ୍କ ମୁହଁରେ ଏଭଳି ତାଚ୍ଛଲ୍ୟଭରା କଟୂକ୍ତି ଶୁଣି ମୁଁ ସ୍ତବ୍ଧ । ଦୁର୍ଯ୍ୟୋଧନଙ୍କ ଅବସ୍ଥା ତ ସାଂଘାତିକ । ହେଲେ କ୍ରୋଧରେ ଫୁଲି ଉଠୁଥାଏ ମୋ ନାସାରନ୍ଧ୍ର । ଇଏ ତେବେ ସେଇ କୃଷ୍ଣା । ଯାହାଙ୍କୁ ସେଦିନ ଦେଖିଥିଲି ସ୍ୱୟମ୍ବର ସଭାରେ, ସୂତପୁତ୍ର କହି ଅପମାନିତ କରିବା ବେଳାରେ । ମନେମନେ ମୁଁ ଉତ୍ୟକ୍ତ ହୋଇ ଉଠୁଥିଲି । ମୋ ମନରେ ଜଳି ଉଠୁଥିଲା ପ୍ରତିଶୋଧର ଦାବାଗ୍ନି । ହୋଇପାରେ, ଦେବର ହିସାବରେ ଦୁର୍ଯ୍ୟୋଧନ ତାଙ୍କର ପରିହାସର ଯୋଗ୍ୟ । ତା ବୋଲି ଏଭଳି ବିଦ୍ରୁପ, ଅପମାନ । ସେ ତ କେବଳ ଦୁର୍ଯ୍ୟୋଧନଙ୍କୁ ଆକ୍ଷେପକରି ନାହାଁନ୍ତି ନିଜର ଜ୍ୟେଷ୍ଠ ଶଶୁରଙ୍କୁ ମଧ କରିଛନ୍ତି ଅପମାନିତ । ଇନ୍ଦ୍ରପ୍ରସ୍ଥର ମହାରାଣୀ ହେଲା ପରେ ତେବେ ତାଙ୍କର ବଢ଼ିଯାଇଛି ଆସ୍ପର୍ଦ୍ଧା ।

ନା ନା ଏ ଅପମାନ ଅସହ୍ୟ । ସୁଯୋଗ ପାଇଲେ ଦିନେ ନା ଦିନେ ମୁଁ ନିଶ୍ଚିତ ଏହାର ପ୍ରତିଶୋଧ ନେବି । ଅପମାନର ତୀବ୍ରଜ୍ୱାଳାରେ ମୁଁ ଗୋଟାପଣେ ଜଳି ଯାଉଥିଲି । ମୋ ଠାରୁ ଦୁର୍ଯ୍ୟୋଧନଙ୍କ ମାନସିକ ଅବସ୍ଥା ଆହୁରି ଉତ୍ତେଜିତ ଥିଲା ।

ଆମ ରାଜଭବନର ଦର୍ଶନ ସେଦିନ ସେତିକିରେ ରହିଲା । ଓଦାବସ୍ତ୍ର ବଦଳାଇ ନୂତନ ବସ୍ତ୍ର ପିନ୍ଧି ଦୁର୍ଯ୍ୟୋଧନ ଯଜ୍ଞସ୍ଥଳକୁ ଆସିଲେ । ନିଜ ଆସନରେ ସ୍ଥିର ହୋଇ ସେ ବସିପାରୁ ନଥିଲେ । ମୋ ଅବସ୍ଥା ମଧ ତଦ୍ରୂପ । ମାତ୍ର ମୁଁ ଥିଲି ନିରବ । କୌଣସି ବିଷୟକୁ ନେଇ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରିବା ଲକ୍ଷଣ ମୋ ନିକଟରେ ନାହିଁ । ତାହାଛଡ଼ା ଦୁର୍ଯ୍ୟୋଧନ ଭଳି ମୁଁ ଏତେଟା ଅଧୈର୍ଯ୍ୟ ନୁହେଁ ।

ଦୁର୍ଯ୍ୟୋଧନଙ୍କ ବିଷଣ୍ଣ ମୁହଁକୁ ଦେଖି ପିତାମହ ଭୀଷ୍ମଙ୍କ ମନରେ ବୋଧହୁଏ କିଛି ଶଙ୍କା ଜାତ ହେଲା । ସେ ତେଣୁ ଦୁର୍ଯ୍ୟୋଧନଙ୍କୁ ପାଖକୁ ଡାକି ଏହାର କାରଣ ପଚାରିବାରୁ ମିତ୍ର ଖୁବ୍ ଶୀଘ୍ର ହସ୍ତିନାପୁର ଫେରିଯିବାର ଇଚ୍ଛା ପ୍ରକଟ କଲେ । ମାତ୍ର ଏହା କିପରି ସମ୍ଭବ, ପ୍ରଥମରୁ ଅନୁପସ୍ଥିତ ରହିବାଟା ଅଲଗା କଥା ହେଲେ, ଯେତେବେଳେ ଉପସ୍ଥିତ ରହିଛନ୍ତି ସେତେବେଳେ ଅସମୟରେ ଯଜ୍ଞସ୍ଥଳ ଛାଡ଼ି ଚାଲିଯିବାଟା ଆଦୌ ଶୁଭଲକ୍ଷଣ ନୁହେଁ, ବିଶେଷକରି ଧର୍ମରାଜ ଏଥିରେ ନିଶ୍ଚିତ ଆଘାତ ପାଇବେ । ଏସବୁ ଚିନ୍ତାକରି ମୁଁ ଆଉ ଅଶ୍ୱତ୍ଥାମା ତାଙ୍କୁ ବହୁତ ବୁଝାସୁଝା କରି ଏଥିରୁ ନିବୃତ୍ତ କରାଇଲୁ । ପିତାମହ ତାଙ୍କୁ ଗୁରୁଜନ ହିସାବରେ ଏଥିରୁ କ୍ଷାନ୍ତ ହେବାକୁ ପରାମର୍ଶ ଦେଲେ । ଶେଷରେ ସେ ବାଧହୋଇ ଯଜ୍ଞ ଶେଷ ପର୍ଯ୍ୟନ୍ତ ରହିଲେ ।



ଯଜ୍ଞର ପ୍ରସ୍ତୁତି ଶେଷପ୍ରାୟ । ଆଉ ଅଳ୍ପସମୟ ପରେ ଆରମ୍ଭ ହେବ ଯଜ୍ଞ । ଦ୍ୱାରକାଧିପତି ବାସୁଦେବ କୃଷ୍ଣଙ୍କ ଆଗମନ ଜାଣି ସମସ୍ତେ ତତ୍ପର ହୋଇପଡ଼ିଲେ । ମୁଁ ମଧ ଅନ୍ୟମାନଙ୍କ ପରି ସେହି ନିର୍ଦ୍ଦିଷ୍ଟ ଗତିପଥ ଆଡ଼କୁ ଅନାଇ ରହିଥିଲି । ମନରେ ପ୍ରବଳ ଉତ୍କଣ୍ଠା କୃଷ୍ଣଙ୍କୁ ଦେଖିବି । ଯଜ୍ଞସ୍ଥଳକୁ ଧୀରେଧୀରେ ପ୍ରବେଶ କରୁଥିଲେ କୃଷ୍ଣ । ଜ୍ୟେଷ୍ଠ ଯୁଧିଷ୍ଠିରଙ୍କୁ ପ୍ରଣାମ ଜଣାଇଲେ । ସଖା ଅର୍ଜୁନଙ୍କୁ ଆଲିଙ୍ଗନ କଲେ । ଉଭୟ ତାଙ୍କୁ ହାତଧରି ପାଛୋଟି ଆଣୁଥିଲେ । କୃଷ୍ଣ ସଭାସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ମାନ୍ୟତା ଦେଖାଇ ଉପସ୍ଥିତ ସମସ୍ତେ ନିଜ ଆସନ ଛାଡ଼ି ଠିଆ ହୋଇଗଲେ । କୃଷ୍ଣ ନିଜର ଆସନ ଗ୍ରହଣ କରିବା ପରେ ଯୁଧିଷ୍ଠିର ଆଗେଇ ଆସିଲେ ତାଙ୍କର ପାଦପୂଜା କରିବାପାଇଁ । ତାହାହିଁ ନିୟମ । ଯଜ୍ଞର ଅଗ୍ରପୂଜ୍ୟଙ୍କୁ ପ୍ରଥମେ ପୂଜା କରିବା ପରମ୍ପରା । ଉପସ୍ଥିତ ସଜ୍ଜନ୍ୟମଣ୍ଡଳୀ, ମୁନି, ଋଷି, ଗୁରୁ ଆଚାର୍ଯ୍ୟ ସମସ୍ତେ ସେହି ଆଡ଼କୁ ଅନାଇ ରହିଛନ୍ତି । ହଠାତ୍ ସମସ୍ତ ନିରବତାକୁ ଭାଂଗି ସଭାରେ ଗୁଞ୍ଜରିତ ହେଲା ଏକ ପ୍ରତିବାଦ ମୂଳକ କର୍କଶ ସ୍ୱର ।

ବନ୍ଦ କରନ୍ତୁ, ଏ ଅଗ୍ରପୂଜା । ସଭାମଧ୍ୟରେ ଏତେ ରାଜା ମହାରାଜା ଅଛନ୍ତି ଭୀଷ୍ମ ପରି ସମ୍ମାନାସ୍ପଦ ଗୁରୁଜନ ଅଛନ୍ତି । ଅଛନ୍ତି ପୁଣି ମହର୍ଷି ବ୍ୟାସଦେବ । ଆଚାର୍ଯ୍ୟ ଦ୍ରୋଣ ଅଥଚ ସେମାନଙ୍କ ମଧ୍ୟରୁ କାହାରିକୁ ଅଗ୍ରପୂଜା ପାଇଁ ମନୋନିତ ନକରି କୃଷ୍ଣଙ୍କ ଭଳି ସାମାନ୍ୟ ଜଣେ ଗୋପାଳକୁ ! ମାତୁଳ ହତ୍ୟାକାରୀ, କପଟୀ, କୂଟନୀତିଜ୍ଞ କୃଷ୍ଣ ଏ ଅଗ୍ରପୂଜାର ଦାବିଦାର ନୁହଁନ୍ତି । ସମଗ୍ର ଯଜ୍ଞସ୍ଥଳରେ ବିରାଟ ନିରବତା, ବାତାବରଣ ସ୍ତବ୍ଧ । ପରସ୍ପର ପରସ୍ପରକୁ କେବଳ ଅନାଇ ରହିଛନ୍ତି । ଆପତ୍ତି ଉଠାଇଥିବା ବ୍ୟକ୍ତିଜଣକ ହେଉଛନ୍ତି ଚେଦିରାଜ ଶିଶୁପାଳ, ଯିଏ କୃଷ୍ଣଙ୍କ ପିଉସୀପୁଅ ଭାଇ ହୋଇ ମଧ ଥିଲେ ଚିରଶତ୍ରୁ । ତା ବୋଲି ଅଗ୍ରପୂଜ୍ୟ ପ୍ରତି ଏତେ ବଡ଼ ଅପମାନ । କ୍ରୋଧିତ ହୋଇ ପଡୁଥିଲେ, ଭୀମ, ଅର୍ଜୁନ । ଉଭୟ ଯେମିତି ନିଜ ନିଜର ଅସ୍ତ୍ର ଉଠାଇ ଶିଶୁପାଳ ସହ ଲଢ଼ିବାକୁ ପ୍ରସ୍ତୁତ । କୃଷ୍ଣ କିନ୍ତୁ ଥିଲେ ନିର୍ବିକାର, ଶାନ୍ତ । ଇସାରା ଦେଇ ଭୀମ, ଅର୍ଜୁନଙ୍କୁ ଶାନ୍ତ ହେବାକୁ କହୁଥିଲେ । ମୁଁ କିଛି ଭାବିପାରୁ ନଥିଲି । ମନେ ହେଉଥିଲା ମୁହୂର୍ତ୍ତକ ମଧ୍ୟରେ କିଛି ଗୋଟେ ଅଘଟଣ ଘଟିଯାଇପାରେ ।

ଗର୍ଜି ଉଠୁଥିଲେ ଶିଶୁପାଳ । ଉପସ୍ଥିତ ସଜ୍ଜନ୍ୟମଣ୍ଡଳୀ ଯେତେ ବୁଝାଇ ତାଙ୍କୁ ଶାନ୍ତ କରିବାକୁ ଚାହୁଁଥିଲେ ମଧ ଚେଦିରାଜ ଆହୁରି ଉତ୍ତେଜିତ ହୋଇ ପଡୁଥିଲେ । ତାଙ୍କ ମୁହଁରୁ ବାକ୍ୟସ୍ଫୁରଣ ବନ୍ଦ ହେବା ତ ଦୂରର କଥା ବରଂ ଅଧିକ ତୀବ୍ରତର ହୋଇ ଉଠୁଥିଲା । ଚିତ୍କାର କରି ଚେଦିରାଜ କହୁଥିଲେ ।

କୃଷ୍ଣ ଅଗ୍ରପୂଜାର ଅଯୋଗ୍ୟ । ଏକଥା ମୁଁ ଶହେବାର କାହିଁକି, ହଜାରବାର କହିବି ।

ମୋତେ ଯେମିତି ଲାଗୁଥିଲା, ବିନାଶ କାଳେ ବିପରୀତ ବୁଦ୍ଧି ଭଳି ଏବେ ଶିଶୁପାଳର ଅବସ୍ଥା ମଧ ସେଇଆ । ଭରପୂର ସଭା ମଧ୍ୟରେ କୃଷ୍ଣଙ୍କୁ ବିରୋଧ କରିବାର ସେ ସାହସ କରିପାରିଲା କେମିତି ? ତାର କ'ଣ ତେବେ ଶେଷସମୟ ଉପନୀତ ।

ଶିଶୁପାଳର ସମସ୍ତ ଭର୍ତ୍ସନାକୁ ହଜମ କରି କୃଷ୍ଣ ଥିଲେ ନିରବ, ନିର୍ବିକାର । ମୁଖମଣ୍ଡଳରେ ଗମ୍ଭୀରତାର ଛାପ । କ୍ଷଣିକରେ ଯେମିତି ତାଙ୍କର ଭାବମୂର୍ତ୍ତି ବଦଳିଗଲା । ଆରକ୍ତ ଚକ୍ଷୁଯୁଗଳ କ୍ରମଶଃ ହୋଇଗଲା ଅଧିକରୁ ଅଧିକ ରକ୍ତବର୍ଣ୍ଣ । ପ୍ରଳୟର ପୂର୍ବସୂଚନା ଯେମିତି । ଏଥର ସେ ଆସନରୁ ଉଠିଲେ । ଉପସ୍ଥିତ ସଭାସଦ୍ ମାନଙ୍କ ଉଦ୍ଦେଶ୍ୟରେ କହିଲେ, "ହେ ମୋର ପୂଜ୍ୟାସ୍ପଦ ରାଜନ୍ୟମଣ୍ଡଳୀ ତଥା ଏଠାରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦଙ୍କୁ ଜଣାଇଦେବାକୁ ଚାହେଁ ମୁଁ କୃଷ୍ଣ, ଶିଶୁପାଳର ମାତାଙ୍କୁ ସେଦିନ କଥା ଦେଇଥିଲି ଶିଶୁପାଳ ମୋତେ ଯେତେ ଶକ୍ତ ଆଘାତ ଦିଅନ୍ତୁ ନା କାହିଁକି, ମୁଁ ତାହାର ଶହେ ଅପରାଧ ପର୍ଯ୍ୟନ୍ତ କ୍ଷମା କରିଦେବି । କେବଳ ସେଇଥିପାଇଁ ମୁଁ ତାର ସବୁ ଅପରାଧ ସହିଆସିଛି । ମାତ୍ର ଏବେ ଭରା ସଭା ମଧ୍ୟରେ ମୋତେ ଯେଉଁଭଳି ଭାବେ ଅପମାନିତ କରିଛି, ତାହା ଶହେ ଅପରାଧ ଠାରୁ ଟପି ଯାଇଛି । ମୁଁ ତେଣୁ ତାକୁ ତାର ଅପରାଧର ଫଳସ୍ୱରୂପ ଶାସ୍ତିବିଧାନ କରିବାକୁ ବାଧ ହେଉଛି । ଏହାକହି ସେ ଆଖିବୁଜି ମନେମନେ କ'ଣ ସ୍ମରଣ କରିବାକୁ ଲାଗିଲେ । ଆଖିଦୁଇଟିରୁ ନିର୍ଗତ ହେଉଥିଲା କ୍ରୋଧାଗ୍ନି । ସଂଗେସଂଗେ ସଭାସ୍ଥଳରେ କମ୍ପନ ସୃଷ୍ଟି ହେଲା । ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇଉଠିଲା ଏକ ଉଜ୍ଜ୍ୱଳ ଆଲୋକରେଖା । ସତେଯେମିତି ଯଜ୍ଞମଣ୍ଡପରେ ଜ୍ୱଳନ୍ତ ଅଗ୍ନିଶିଖାର ତୀବ୍ର ଝଲକ । କୃଷ୍ଣଙ୍କ ଆଙ୍ଗୁଳିରେ ଘୂରୁଥିଲା ଚକ୍ର । ଯାହା ନିମିଷକ ମଧ୍ୟରେ ଶିଶୁପାଳର ଶିରଚ୍ଛେଦନ କରିଦେଲା । ଯଜ୍ଞସ୍ଥଳରେ ପଡ଼ି ରହିଥିଲା ଚେଦିରାଜଙ୍କ ପ୍ରାଣହୀନ ଶରୀର । ସମସ୍ତେ ଆଶ୍ଚର୍ଯ୍ୟ ଓ ବିସ୍ମୟ ଦୃଷ୍ଟିରେ ଚାହିଁ ରହିଥିଲୁ ଏହି ଭୟାନକ ଦୃଶ୍ୟପଟ୍ଟଟିକୁ । ଭୟରେ ମୋ ଆଖି ବୁଜି ହୋଇ ଯାଉଥିଲା । ଆଖି ଖୋଲିଲା ପରେ ଦେଖିଲି କୃଷ୍ଣଙ୍କ ହାତରେ ସେ ଚକ୍ର ନାହିଁ କି ତାଙ୍କର ସେ ଭୟଙ୍କର ରୂପ ନାହିଁ । କୃଷ୍ଣ ଏବେ ନିଜ ଆସନରେ ଆସୀନ । ସଂପୂର୍ଣ୍ଣ ନିର୍ବିକାର ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଆଜିର କବିତା

### ଅନ୍ତର୍ଦାହ...

**ଲକ୍ଷ୍ମୀପ୍ରିୟା ମାଇତି**



ଜୀଇବି ପାରିନି କେବେ
ମରିବା ପୂର୍ବରୁ ନାରୀଟିଏ ।
ଜୀଇବି ନଥିଲା ପାଞ୍ଚାଳୀ
ଜୀଇବି ନଥିଲେ ଜାନକୀ
ଜୀଇବି ପାରିନି କେବେ
ଅଧୁନା ନାରୀ ।

ମହମ ପରି ଜଳେ
ଦୀପ ପରି ଲିଭେ
ଆଲୁଅକୁ ଖୋଜି
ପୁଣି ଅନ୍ଧାରରେ ହଜେ ।

ଯୁଗ ପ୍ରାରମ୍ଭିକ ...
କୋଉ ପକ୍ଷପାତିତା ଲେଖନୀ ଦ୍ୱାରା
ସେ ଆଜି ଚିରକାଳ ସମାଲୋଚିତା
ଯେତେ ପରିବର୍ତ୍ତନ ହେଉ
ଯୁଗ ସମୟ ପରିସ୍ଥିତି ପରିସୀମାରେ
ରହିବାକୁ ସେ ବାଧ ବାଧକତା ।

ଦରଜରେ ଉ- ଆହା କରେ
ପ୍ରେମିକର ସ୍ତନ ସ୍ପର୍ଶ କ୍ରୀଡ଼ାରେ
ଧର୍ଷିତା ହୁଏ
ଜଣରେ
କେବେ ଗଣରେ
କେବେ ପତିର ବାଧ ଅବାଧର
ବୟସର ମଧବିତ୍ତ ଶେଯରେ ।

ତଥାପି ପାହେନା ରାତି
ଉଠି ପଳାଇ ଯାଏନି ପ୍ରତାରଣା
ଯେତେ ଯେତେ ପରିଯ୍ୟାପ୍ତ
ଥାଏ ଯେତେ ସବୁ ଯନ୍ତ୍ରଣା ।

ଏମିତି ନିଷ୍ପେଷିତ, ନିର୍ଯାତିତ
ଯୁଗେ ଯୁଗେ ରହିଥିଲେ ବି ଦେବୀ
ରହିଛନ୍ତି ଏଇ ନାରୀ
ରହିବେ ବି ଯୁଗ ଯୁଗ ଧରି
ଆମ ଉତ୍ତର ପୀଢ଼ି ।


+ଏରସମା, ଜଗତସିଂହପୁର
ମୋ ୯୪୩୯୫୩୭୫୯୨


### ତମେ ମୋ ପାଇଁ ଖାସ...

**ଝରଣା ବାରିକି**



କେଉଁ ଜନ୍ମର ପୁଣ୍ୟ ଫଳ ଭାବେ
ବିଧାତା ଦେଇଛି ମତେ,
ଦୁଇ ଦେହ ସିନା ଗୋଟିଏ ହୃଦୟ
ଯୋଡିକେ ଦେଇଛି ସତେ ।

ତୁମ ମନ କଥା ବୁଝିବା ପାଇଁ କି
କେବେ କଷ୍ଟ ହୁଏ ନାହିଁ
ମୁହଁ ଖୋଲି ତୁମେ କହିବା ଆଗରୁ
ସବୁ ବୁଝିଯାଏ ମୁହିଁ ।

ବେଳେବେଳେ ମତେ ଏମିତି ଲାଗୁଛି
ଏମିତି କାହିଁକି ହେଲା ,
ଏତେ ଦୁଃଖ ଭାର ତୁମରି ମଥାରେ
ବିହି କାହିଁ ଲେଖି ଦେଲା ।

ସବୁ କର୍ତ୍ତବ୍ୟକୁ ସମ୍ପାଦନ କରି
ନିଜେ ସିନା ଖୁସି ହୁଅ,
ତୁମ ଓଠେ ହସ ଟିକେ ନ ଦେଖିଲେ
କେମିତି ରହିବି କୁହ ।

ତୁମ ଦୁଃଖ ସବୁ ଦେଇ ଦିଅ ମତେ
ତୁମେ ହସୁଥାଅ ବାସ,
ଏତିକି ମାଗୁଣି ସାଇଙ୍କ ପାଖରେ
ତମେ ମୋ ପାଇଁ ଖାସ ।


+ସମଲ,ତାଳଚେର,ଅନୁଗୋଳ
ମୋବାଇଲ: ୯୫୫୬୮୪୬୯୩୨




## ସମ୍ପର୍କର ରଙ୍ଗ

### ନିଜେ ଖୁସି ନହେଲେ କାହାକୁ ଖୁସି ଦେଇପାରିବାନି

**ଶ୍ୱେତା ରାଉତ୍**



ବେଳେବେଳେ ଆର୍ଥିକ ସମସ୍ୟା, ପାରିପାରିକ ସମସ୍ୟା ଚାକିରି ସମସ୍ୟା, ଋଣ ସମସ୍ୟା ଏମିତି ଅନେକ ସମସ୍ୟାରେ ମନ କବଳିତ ହୋଇଥାଏ । ଯେତେ ଚେଷ୍ଟା କଲେବି ନିଜକୁ ଖୁସି କରିହୁଏନାହିଁ । ନିଜକୁ ଭୁଲାଇବାକୁ ଆମେ ବୁଲିବାକୁ ଯାଆନ୍ତି, ମନ୍ଦିର ଯାଆନ୍ତି, କିଛି ବହି ପଢନ୍ତି, ଏସବୁ ପରେ ବି ପୁଣି ସେଇ ଚିନ୍ତା, ସମସ୍ୟା ମନକୁ ଘାରିଥାଏ ।

ଯେତେବେଳେ ମନ ଉଦାସ ଥାଏ,ଅସନ୍ତୋଷ ଥାଏ,ଏକ ପ୍ରକାର ଭାରିପଣ ଅନୁଭବ ହୁଏ । କୌଣସି କାମ କରିବାକୁ ଇଚ୍ଛା ହୁଏନାହିଁ, କାହା ସହିତ କଥା ହେବାକୁ ଭଲ ଲାଗେନାହିଁ, ନୀରବ ରହିବାକୁ ଇଚ୍ଛାହୁଏ । ଶାରୀରିକ ଭାବେ ସୁସ୍ଥ ଥିଲେ ମଧ ସେତେବେଳେ ଆପଣ ମାନସିକ ରୋଗର ଶୀକାର ହୋଇଥାନ୍ତି । ସେ ରୋଗଟି ହେଉଛି ଅସନ୍ତୋଷ । ଆପଣଙ୍କ ଭିତରେ ଯଦି ଅସନ୍ତୋଷ ରହିଥାଏ, ଆପଣ ଦିନ ତମାମ ବହୁତ ଭାବିଥାନ୍ତି, ଅଯଥା ଚିନ୍ତାକୁ ମୁଣ୍ଡରେ ରଖି ବିରକ୍ତ ହୁଅନ୍ତି । ଆପଣଙ୍କ ପାଖରେ ସବୁ ପ୍ରକାର ସୁଖ ସୁବିଧା ଥିଲେ ମଧ ଆପଣ ଖୁସି ହୋଇପାରନ୍ତିନାହିଁ, ଶାନ୍ତି ମିଳେନାହିଁ, ଧିରେ ଧିରେ ଆପଣଙ୍କ ଆତ୍ମା ଦୁର୍ବଳ ହେବାକୁ ଲାଗେ,ଶାନ୍ତି ପାଏନାହିଁ । ଯେତେବେଳେ ଆତ୍ମା ଶାନ୍ତି ପାଇନଥାଏ, ଭାରିପଣ ଅନୁଭବ କରୁଥାଏ, ସେତେବେଳେ ସେ ଅନ୍ୟକୁ ଖୁସି ଦେବ କିପରି ? ସେତେବେଳେ ଅନ୍ୟ କେହି ବି ଆପଣଙ୍କ ଉପରେ ଖୁସି ରହିନଥାଏ । ତେଣୁ ଆମମାନଙ୍କ ଆତ୍ମାରୁ ହ୍ରାସ ପାଉଥିବା ଆତ୍ମଶକ୍ତିକୁ ଆମକୁ ବଞ୍ଚାଇବାକୁ ହେବ ।

କିଛି କଥା ନାହିଁ 'ଯିଏ ଯାହା କହୁଛି କହୁ, ଯାହା ଭାବୁଛି ଭାବୁ, ସେଇଟା ତାର କୁସଂସ୍କାର । ବୋଧହୁଏ ତାଙ୍କର ମନ ଭଲ ନଥାଇପାରେ, କିଛି ପ୍ରେସରରେ ରହି ଏମିତି କହିଥାଇପାରନ୍ତି କିମ୍ବା ଆମେ କଥାଟାକୁ ଅଧିକ ନେଗେଟିଭ ନେଇ ଯାଉଛନ୍ତି' ! ଏମିତି କିଛି ଭାବନା ଦ୍ୱାରା ନିଜକୁ ଖୁବ୍ ସହଜରେ ନିୟନ୍ତ୍ରଣ କରିପାରିବା । ଯଦି ତଥାପି ଆମ ମନ ବୁଝେନାହିଁ କିମ୍ବା ପୂର୍ବବତ୍ ବିଚଳିତ ରହେ, ତେବେ ଆମ ମନକୁ ଏମିତି କିଛି ଦେବାକୁ ହେବ, ଯେମିତିକି ମନ ନଚାହିଁଲେ ବି କିଛି ବହି ପଢିବା, ଟିଭିରେ କିଛି କମେଡି ଦେଖିବା, ଆଲବମ୍‌ରୁ ପୁରୁଣା ଫଟୋ ଦେଖିବା, କିଛି ଆଧାତ୍ମିକ ଆଲୋଚନା ଶୁଣିବା, ଯାହାଦ୍ୱାରା ମନକୁ ଜାବୁଡି ଧରିଥିବା ସମସ୍ୟା ସ୍ଥାନରେ ଭିନ୍ନ ଅନୁଭବ ଜାଗ୍ରତ ହେବ । ମନ ଖରାପ ରହିଲେ ସବୁ ଖରାପ ଲାଗେ । ପ୍ରଥମେ ତ କିଛି ବି ଇଚ୍ଛା ହେବନାହିଁ, କିନ୍ତୁ ରୋଗଟିଏ ହେଲେ ଆମେ ପ୍ରତିକାର ପାଇଁ ଯେମିତି ଔଷଧ ଖାଆନ୍ତି ଠିକ୍ ସେମିତି ଆମ ମନକୁ ରୋଗୀ ହେବାକୁ ନଦେଇ ଖୁସି ବା ଆନନ୍ଦର ଔଷଧ ଦେବାକୁ ପଡିବ । କାରଣ ନିଜେ ଖୁସି ନରହିଲେ କାହାକୁ ଆମେ ଖୁସି ଦେଇ ପାରିବାନି । ମନୁଷ୍ୟ ଭଳି ଦୁର୍ଲ୍ଲଭ ଜୀବନ ପାଇ ଆମେ ତାକୁ ଭୋଗ କରି ପାରିବାନି ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ କର୍ମଶାଳା

## ବୌଦ୍ଧିକ ସଂପଦ ଅଧିକାର ପରିଚାଳନା ମାର୍ଗଦର୍ଶିକା ଉନ୍ମୋଚିତ

ଭୁବନେଶ୍ୱର,୧୫/୧୨ (ନି.ପ୍ର): ରାଜ୍ୟରେ ବୌଦ୍ଧିକ ସଂପଦ ସୃଷ୍ଟି ଏବଂ ସଂପୃକ୍ତ ପରିବେଶର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ସହାୟତା ଦେଉଛନ୍ତି । ଜନସଚେତନତା ସୃଷ୍ଟି ପାଇଁ ୧୦ ଲକ୍ଷ ଟଙ୍କା, ପେଟେଂଟ ପଂଜୀକରଣ ପାଇଁ ୪୦ ହଜାର ଟଙ୍କା, ଆଟର୍ଣ୍ଣି ଦେୟ ୨୦ ହଜାର ଟଙ୍କା, ଜିଆଇ ପଂଜୀକରଣ ପାଇଁ ୧୦ ହଜାର ଟଙ୍କା ଓ ଦକ୍ଷତା ବିକାଶ ତଥା ତାଲିମ କର୍ମଶାଳା ଆୟୋଜନ ପାଇଁ ୬୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ବୋଲି ବିଜ୍ଞାନ ଓ କାରିଗରୀ ବିଭାଗର ସଚିବ ମନୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ 'ରାଜ୍ୟରେ ବୌଦ୍ଧିକ ସଂପଦ ପରିବେଶର ପ୍ରୋତ୍ସାହନ' ଶୀର୍ଷକ ଏକ କର୍ମଶାଳାରେ ଯୋଗଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ ବୌଦ୍ଧିକ ସଂପଦ ସୃଷ୍ଟି ନିମନ୍ତେ ବ୍ୟକ୍ତିବିଶେଷ ତଥା ଷ୍ଟାର୍ଟଅପ୍ ଉଦ୍ୟୋଗୀମାନେ ସରକାରଙ୍କଠାରୁ ବୈଷୟିକ, ଆଇନଗତ ଏବଂ ଆର୍ଥିକ ସହାୟତା ପାଇବାର ବ୍ୟବସ୍ଥା କରାଯାଇଥିବାବେଳେ ଅଧିକ ସଂଖ୍ୟକ ବୌଦ୍ଧିକ ସଂପଦ ସୃଷ୍ଟି ଉପରେ ଉଦ୍ୟମ ହେବା ଆବଶ୍ୟକ । ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ସଫଟେୱୟାର ଟେକ୍‌ନୋଲୋଜି ପାର୍କର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ଉଦ୍‌ଘାଟନ ପର୍ବ ବ୍ୟତିରେକ ବୌଦ୍ଧିକ ସଂପଦ ସୃଷ୍ଟି, ଏହାର ବିକାଶ ଓ ପରିବେଶ ପ୍ରୋତ୍ସାହନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୌଦ୍ଧିକ ସଂପଦ ଅଧିକାର ପରିଚାଳନା ସଂପର୍କିତ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାର ମୁଦ୍ରିତ ଏବଂ ଡିଜିଟାଲ୍ ସଂସ୍କରଣ ମଧ୍ୟ ଏହି କର୍ମଶାଳାରେ ଉନ୍ମୋଚିତ ହୋଇଥିଲା । ରାଜ୍ୟରେ ବୌଦ୍ଧିକ ସଂପଦ ଅଧିକାରର ସ୍ଥିତି ଓ ପରିବେଶ ସଂପର୍କରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ବୈଷୟିକ ସଂସ୍ଥା ଲେକ୍ସ ପ୍ରୋଟେକଫରର କାର୍ଯ୍ୟକର୍ତ୍ତା ଅରବିନ୍ଦ ପଣ୍ଡା, ସଫଟେୱୟାର ଟେକ୍‌ନୋଲୋଜି ପାର୍କ (ହେଡ୍‌କ୍ୱାର୍ଟର) ର ନିର୍ଦ୍ଦେଶକ ସୁବୋଧ ସଚନ୍, ଭୁବନେଶ୍ୱର ଏସ୍‌ଟିପିଆଇର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା ଓ ବିର୍ଲା ଗ୍ଲୋବାଲ୍ ୟୁନିଭରସିଟିର କୁଳପତି ପି.ପି. ମାଥୁର ପ୍ରମୁଖ ବକ୍ତବ୍ୟ ରଖି ବୌଦ୍ଧିକ ସଂପଦ ଅଧିକାର, କପିରାଇଟ୍, ଶିଳ୍ପ ରୂପରେଖ ପ୍ରସ୍ତୁତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପଦାଧିକାରୀ, ବୁଦ୍ଧିଜୀବୀ, ଗବେଷକ ତଥା ଶିଳ୍ପ ଏବଂ ଷ୍ଟାର୍ଟଅପ୍ ସଂପୃକ୍ତ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟରେ ୧୦% ବୟସ୍କ ଏବେ ବି ନେଇ ନାହାନ୍ତି କରୋନା ଟିକା

ଭୁବନେଶ୍ୱର,୧୫/୧୨ (ନି.ପ୍ର): ରାଜ୍ୟରେ ବୟସ୍କ ବ୍ୟକ୍ତିମାନଙ୍କ ଉପରୁ କରୋନା ବିପଦ ଟଳିନି । ଏବେ ରାଜ୍ୟରେ କରୋନାରେ ଯେତେ ଲୋକ ମରୁଛନ୍ତି ସେଥିରେ ବୟସ୍କ ଲୋକଙ୍କ ସଂଖ୍ୟା ଅଧିକ । ତେଣୁ ବୟସ୍କ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦେବା ଉପରେ ଗୁରୁତ୍ୱ ଦିଆଯାଉଛି । ହେଲେ ଏବେ ବି ରାଜ୍ୟର ଆନୁମାନିକ ୧୦ ପ୍ରତିଶତ ବୟସ୍କ ବ୍ୟକ୍ତି(୬୦ରୁ ଅଧିକ) କରୋନାର ଦୁଇ ଡୋଜ୍ ଟିକା ନେଇ ନ ଥିବା କୁହାଯାଉଛି । ନିକଟରେ ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟିଙ୍କ କରୋନାରେ ମୃତ୍ୟୁ ଏହି ଆଶଙ୍କାକୁ ଆହୁରି ଘନୀଭୂତ କରିଛି । ରାଜ୍ୟରେ ପ୍ରାୟ ୪୦ଲକ୍ଷ ବୟସ୍କ ଲୋକ ଥିବା ବେଳେ ତହିଁରୁ ୪ଲକ୍ଷ ଲୋକ ଏବେ ବି ନିଜର ପ୍ରଥମ ଡୋଜ୍ ଟିକା ନେଇ ନାହାନ୍ତି । ଯେଉଁମାନେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ତହିଁରୁ ୨୦ ପ୍ରତିଶତ ନିଜର ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି । ରାଜ୍ୟରେ ୮୭ ପ୍ରତିଶତ ଲୋକ ନିଜର ପ୍ରଥମ ଡୋଜ୍ ଟିକା ନେଇ ସାରିଲେଣି । ଚଳିତମାସ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଅତିକମ୍‌ରେ ପ୍ରଥମ ଡୋଜ୍ ଟିକା ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଗ୍ରାମାଞ୍ଚଳକୁ ଅଧିକ ଫୋକସ୍ କରାଯାଇଛି । ରାଜ୍ୟରେ ଗତମାସ ୬୧ଜଣ କରୋନାରେ ପ୍ରାଣ ହରାଇଥିଲେ । ତହିଁରୁ ୭୦ ପ୍ରତିଶତ ଅର୍ଥାତ୍ ୪୩ଜଣଙ୍କ ବୟସ ୬୦ରୁ ଅଧିକ । କେବଳ ମୃତ୍ୟୁ ନୁହେଁ, କରୋନା ଆକ୍ରାନ୍ତ ହୋଇ ହସ୍ପିଟାଲରେ ଆଡମିଟ୍ ହେଉଥିବା ବ୍ୟକ୍ତିଙ୍କ ମଧ୍ୟ ବେଶ୍ ଅଧିକ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । କରୋନାର ପ୍ରଥମ ଲହରରେ ବୟସ୍କ ବ୍ୟକ୍ତି ସର୍ବାଧିକ ପ୍ରାଣ ହରାଇଥିଲେ । ମାତ୍ର ଗତବର୍ଷ କରୋନା ପାଇଁ କୌଣସି ଟିକା ଉପଲବ୍ଧ ହେଉ ନ ଥିଲା । ଏ ସମୟରେ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ କେସ୍ ଫାଟାଲିଟି ରେଟ୍ ବା ସିଏଫ୍‌ଆର ୨.୨୬ ପ୍ରତିଶତ ରହିଥିଲା । ୪୧-୬୦ବର୍ଷ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ୦.୭୬ ପ୍ରତିଶତ ଦେଖିବାକୁ ମିଳିଥିଲା । ମାତ୍ର କରୋନାର ଦ୍ୱିତୀୟ ଲହରରେ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ସିଏଫ୍‌ଆର ଦ୍ୱିଗୁଣିତ ହୋଇଯାଇଥିଲା ।

# ଶିଳ୍ପ ମନ୍ତ୍ରୀଙ୍କ ଓପିସିଏଲ୍, ଓଏଚ୍‌ପିସି, ଇଡ୍‌କୋ ଓ ଟାଟା ଷ୍ଟିଲ କାର୍ଯ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର,୧୫/୧୨ (ନି.ପ୍ର): ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଫର୍ଚ୍ୟୁନ୍ ଟାୱାର ସ୍ଥିତ ଓପିସିଏଲ୍, ଓପିଜିସି, ଇଡ୍‌କୋ ଓ ଟାଟା ଷ୍ଟିଲ୍ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ସେଠାରେ ଚାଲୁଥିବା ଏହି ସଂସ୍ଥାଗୁଡ଼ିକର ଦପ୍ତରକୁ ଯାଇ ସେ ବୁଲି ଦେଖିବା ସହ ଆନୁଷଙ୍ଗିକ ବ୍ୟବସ୍ଥା, ଭିତିଭୂମି ବିଷୟରେ ପଚାରି ବୁଝିଥିଲେ । ଇଡ୍‌କୋଠାରେ ଥିବା ମନ୍ତ୍ରୀଙ୍କ ଦପ୍ତରକୁ ଯାଇ ସେଠାରେ ଅଫିସ୍ କାର୍ଯ୍ୟ କରିଥିଲେ । ଏଣିକି ବାହାରୁ ଆସୁଥିବା ପ୍ରତିନିଧି ଦଳମାନଙ୍କୁ ସେହି କାର୍ଯ୍ୟାଳୟଠାରେ ସେ ସାକ୍ଷାତ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଟେକ୍ନୋଲୋଜିକୁ ଯଥାଯଥ ବ୍ୟବହାର କରି କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଉପରେ କର୍ମଚାରୀମାନଙ୍କୁ କହିଥିଲେ । ସମୟ ବଦଳୁଛି । ତେଣୁ ସେହି ପ୍ରକାରେ ଆମେ ନିଜକୁ ମଧ୍ୟ ବଦଳାଇବାକୁ ହେବ ସେ ଦିଗରେ ଆମକୁ ବୈଷୟିକ ଜ୍ଞାନ ବିଶେଷ ସାହାଯ୍ୟ କରିବ ବୋଲି ପ୍ରବର୍ତ୍ତାଇଥିଲେ । ତାଙ୍କ ଗସ୍ତ କାଳରେ ଓପିସିଏଲ୍ ର ମୁଖ୍ୟ ନିର୍ବାହୀ ଅଧିକାରୀ ସାରିପୁତ ମିଶ୍ର ଓପିଜିସିର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ମହାପାତ୍ର ଇଡ୍‌କୋର ପରିଚାଳକ ରାଜକୁମାର ଦାସ ଏବଂ ଟାଟା ଷ୍ଟିଲ୍ ର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜ ନିଜ କାର୍ଯ୍ୟାଳୟ ସଂପର୍କରେ ଅବଗତ କରିଥିଲେ ।

# ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା-ସାହିତ୍ୟର ପୃଷ୍ଠପୋଷକ

ଭୁବନେଶ୍ୱର,୧୫/୧୨ (ନି.ପ୍ର): ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା-ସାହିତ୍ୟର ପୃଷ୍ଠପୋଷକ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର । ସମ୍ବାଦପତ୍ର ସଂପଦନା, ଭାଷା ଆନ୍ଦୋଳନ, ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ପଣ୍ଡିତ ନୀଳମଣି ବିଦ୍ୟାରନିଙ୍କ ଯୋଗଦାନ ଅତୁଳନୀୟ । ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ଶ୍ରୀବୃଦ୍ଧିରେ ତାଙ୍କର ନିରନ୍ତର ପ୍ରୟାସ ପାଇଁ ସେ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ଆଜି ସ୍ଥାନୀୟ ଜୟଦେବ ଭବନଠାରେ ଉଭୟ ପ୍ରତ୍ୟକ୍ଷ ଓ ଆଭାସୀ ମାଧ୍ୟମରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସଭା ପ୍ରାରମ୍ଭରେ ଅତିଥିମାନେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା, ବିଶିଷ୍ଟ ସାହିତ୍ୟିକ ନୀଳମଣି ବିଦ୍ୟାରତ୍ନ ଓଡ଼ିଆ ଭାଷାର ପ୍ରସାର ସହ ସମ୍ବାଦପତ୍ର ସଂପାଦନା, ଭାଷା ଆନ୍ଦୋଳନ ଏବଂ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ତାଙ୍କ ଉତ୍ସର୍ଗୀକୃତ ଉଦ୍ୟମ ସର୍ବଦା ପ୍ରେରଣାଦାୟୀ । ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଓଡ଼ିଆ ସ୍ୱାଭିମାନର ପୁନଃପ୍ରତିଷ୍ଠା ଦିଗରେ ସ୍ୱୀୟ ଲେଖନୀ ମାଧ୍ୟମରେ ଉତ୍କଳର ଅଖଣ୍ଡତା, ଭାଷା ଓ ସାଂସ୍କୃତିକ ଗୌରବ ପ୍ରତିଷ୍ଠାର ଜଣେ ସୁଦକ୍ଷ ସାରଥି ଭାବେ କାର୍ଯ୍ୟ କରିଥିଲେ । ଏ ଜାତି ବିଦ୍ୟାରତ୍ନଙ୍କୁ କାଳ କାଳ ଧରି ସ୍ମରଣ କରୁଥିବ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ ଓଡ଼ିଆ ଭାଷାର ସୁରକ୍ଷା ଓ ଆଦୃତି ତଥା ସାମ୍ବାଦିକତା କ୍ଷେତ୍ରରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସଂସ୍କୃତିବିତ୍ ନିଳାଦ୍ରି ମୋହନ ଶତପଥୀ କହିଥିଲେ ଯେ ଓଡ଼ିଆ ଜାତିର ସ୍ୱାଭିମାନର ପୁନଃପ୍ରତିଷ୍ଠା ନିମନ୍ତେ ଆତ୍ମବିଶ୍ୱାସର ସହ ଯେଉଁ କେତେଜଣ ମହାମନୀଷୀ ଚେଷ୍ଟିତ ଥିଲେ ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନାମ ଅଗ୍ରପୂଜ୍ୟ । ଜଣେ ଆଦର୍ଶ ଶିକ୍ଷକ ତଥା ସଂପାଦକ ଭାବେ ତାଙ୍କୁ ଚିତ୍ରଣ କରିବା ସହ ବିଦ୍ୟାରତ୍ନଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ନିଜ ବକ୍ତବ୍ୟରେ କହିଥିଲେ ଯେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସମ୍ବାଦପତ୍ର ସଂପାଦନା, ଭାଷା ଆନ୍ଦୋଳନ ସହ ଆଜୀବନ ଜଡ଼ିତ ରହିବା ସହ ସଂସ୍କୃତି ତଥା ସାହିତ୍ୟର ଉନ୍ନତି ପାଇଁ ସଦାସମର୍ପିତ ଥିଲେ ।

# ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତିର ମାତୃଭାରତୀ ବୈଠକ ଓ ପୂର୍ବଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୫/୧୨ (ନି.ପ୍ର): ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଆନୁକୂଲ୍ୟରେ କେଶବଧାମ, କଟକଠାରେ ମାତୃଭାରତୀ ବୈଠକ ଓ ପୂର୍ବଛାତ୍ର ମାନଙ୍କର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଭାରତୀ ଅଖିଳଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ କାଶିପତିଜୀଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବଂଗତ ସହୀଦ ଭାରତର ପ୍ରଥମ ସେନାମୁଖ୍ୟ ବିପିନ୍ କୁମାର ରାୱତ୍ ଓ ତାଙ୍କ ସାଥୀମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମାତୃଭାରତୀ ବୈଠକର ଆରମ୍ଭରେ ଶିକ୍ଷା ବିକାଶ ସମିତିଙ୍କ ମାନସ ପୁତ୍ର 'ସାଧନା' ପ୍ରକଳ୍ପର ପ୍ରଥମ ବ୍ୟାଚ୍‌ର ୧୭ ଜଣ ଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଶ୍ରୀମାନ୍ ଚନ୍ଦନ ଦତ ଓ ଶ୍ରମାନ୍ ଓମ୍ ପ୍ରକାଶ ସାହୁ ଆଇଆଇଟି ପାଇଥିବା ବେଳେ ୪ ଜଣ ନିଟ୍ , ୦୯ ଜଣ ଓଡ଼ିଶା ଜେଇଇ ଓ ୨ ଜଣ ବିଏସସି ରେ ଶିକ୍ଷା ଗ୍ରହଣ କରୁଛନ୍ତି । ଦ୍ୱିତୀୟାର୍ଦ୍ଧରେ ଜିଲ୍ଲା ପ୍ରମୁଖ ତଦୁର୍ଦ୍ଧ୍ୱ ୧୦୦ ଜଣ କାର୍ଯ୍ୟକର୍ତ୍ତା ମାନଙ୍କର ବୈଠକ ଓ ସନ୍ଧ୍ୟାରେ ପୂର୍ବଛାତ୍ର ମାନଙ୍କର ସ୍ୱତନ୍ତ୍ର ଅଧିବେଶନରେ ମାନନୀୟ କାଶିପତିଜୀ ଭାରତ ସ୍ୱତନ୍ତ୍ରତାର ୭୫ ବର୍ଷ ପୂର୍ତ୍ତି ତଥା ଅମୃତ ମହୋତ୍ସବକୁ ସର୍ବବ୍ୟାପୀ, ସର୍ବସ୍ପର୍ଷି କରାଇବାରେ କାର୍ଯ୍ୟକର୍ତ୍ତାଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ । ଅବହେଳିତ ବସ୍ତି, ତଟବର୍ତ୍ତୀ ଅଂଚଳ ସମ୍ବେଦନଶୀଳ ଅଂଚଳରେ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କାର ପହଂଚାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଇବା ପାଇଁ ଆଲୋକପାତ କରିଥିଲେ ।

# ମୁଖ୍ୟ ଶାସନ ସଚିବଙ୍କ ବିଦ୍ୟୁତ ଯୋଗାଣ ସ୍ଥିତି ସମୀକ୍ଷା : ଲୋଡ୍ ସେଡିଂ ନକରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୧୫/୧୨ (ନି.ପ୍ର): ଆଗାମୀ ଗ୍ରୀଷ୍ମଋତୁରେ ବିଦ୍ୟୁତ ଯୋଗାଣ ଅବ୍ୟାହତ ରଖିବା ପାଇଁ ଆଗୁଆ ପ୍ରସ୍ତୁତିଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ରାଜ୍ୟରେ ବିଦ୍ୟୁତ ଉତ୍ପାଦନ ଏବଂ ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।। ବର୍ତ୍ତମାନ ବିଦ୍ୟୁତ ଉତ୍ପାଦନ ଓ ଚାହିଦା ସ୍ଥିତିର ସମୀକ୍ଷା କରି ରାଜ୍ୟରେ ଯେପରି ବିଦ୍ୟୁତ କାଟ (ଲୋଡସେଡିଂ) ସମସ୍ୟା ସୃଷ୍ଟି ନହୁଏ ତାହା ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ଗ୍ରୀଡକୋ ଏବଂ ଶକ୍ତି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟୁତ ଉତ୍ପାଦନକାରୀ କଂପାନୀମାନେ ନିଜ ନିଜ ବିଦ୍ୟୁତ ଉତ୍ପାଦନ ୟୁନିଟ୍ ଗୁଡ଼ିକର ରକ୍ଷଣାବେକ୍ଷଣ ଓ ନବୀକରଣ ସହ ସେଗୁଡ଼ିକୁ ପୂର୍ଣ୍ଣ କ୍ଷମତା ସଂପନ୍ନ ରଖିବାପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ୟୁନିଟ୍ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ନିରାପତା ଆଦି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଶ୍ରୀ ମହାପାତ୍ର ମଧ ଗ୍ରୀଡକୋ ଏବଂ ଶକ୍ତି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୌର, ତାପଜ ଓ ଅନ୍ୟାନ୍ୟ ଉତ୍ସରୁ ବିଦ୍ୟୁତ ଉତ୍ପାଦନ ବଢ଼ାଇ ଦନର ହାରାହାରି ଆବଶ୍ୟକତା ମେଂଟାଇବା ସହ ଜଳଭଣ୍ଡାର ଗୁଡ଼ିକୁ ଗ୍ରୀଷ୍ମଋତୁ ନିମନ୍ତେ ସଂରକ୍ଷିତ ରଖିବାଲାଗି ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ, ଚଳିତବର୍ଷ ବର୍ଷାଋତୁରେ କମ୍ ବୃଷ୍ଟିପାତ ହାର ଯୋଗୁ ବିଦ୍ୟୁତ ଉତ୍ପାଦନକାରୀ ଜଳଭଣ୍ଡାରରେ ଅପେକ୍ଷାକୃତ କମ ଜଳ ଅଛି । ଏହାକୁ ସଠିକ୍ ଭାବେ ସଂରକ୍ଷଣ ଓ ପରିଚାଳନା କରି ଆଗାମୀ ବର୍ଷାଋତୁ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ଅବ୍ୟାହତ ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଜଣାଇଥିଲେ ଯେ ବିଭିନ୍ନ ବିଦ୍ୟୁତ ଉତ୍ପାଦନକାରୀ ଶିଳ୍ପ ସଂସ୍ଥାମାନଙ୍କ ସହ ହୋଇଥିବା ଚୁକ୍ତିନାମା ଅନୁସାରେ ଗ୍ରୀଡକୋ ପାଖରେ ବଂଟନ ପାଇଁ ପ୍ରାୟ ୭,୬୫୧ ମେଗା ୱାଟ୍ ବିଦ୍ୟୁତ୍ ଅଛି । ଏଥିରୁ ପ୍ରାୟ ୧୨୯୫ ମେଗାୱାଟ୍ ଅଣ-ପାରମ୍ପରିକ ଉତ୍ସରୁ ଉତ୍ପାଦିତ ହେଉଛି । କେତେକ ତାପଜ ଏବଂ ଜଳଜ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥାରେ ଯାନ୍ତ୍ରିକ ତ୍ରୁଟି ହେତୁ ଚଳିତମାସ ପ୍ରାୟ ୧୭୦୦ ମେଗାୱାଟ୍ ଉତ୍ପାଦନ କମିଛି । ତେବେ ଚଳିତ ଋତୁରେ ଦୈନିକ ସର୍ବାଧିକ ଚାହିଦା ପ୍ରାୟ ୩୩୫୦ ମେଗାୱାଟ ଅଛି । ବିଭିନ୍ନ ଉତ୍ସରୁ ବିଦ୍ୟୁତ ସଂଗ୍ରହକରି ଗ୍ରୀଡକୋ ଏହି ଚାହିଦା ପୂରଣ କରୁଛନ୍ତି । ଗ୍ରୀଷ୍ମଋତୁର ସର୍ବାଧିକ ଆବଶ୍ୟକତା ସମୟରେ ଏହି ଚାହିଦା ୪୦୦୦ ମେଗାୱାଟ୍ ରୁ ଅଧିକ ହୋଇପାରେ । ଏହାକୁ ଦୃଷ୍ଟିରେ ରଖି ତାପଜ ଓ ସୌରସ୍ରୋତ ବିଦ୍ୟୁତ ଉତ୍ପାଦନକାରୀ ଶିଳ୍ପ ସଂସ୍ଥାମାନେ ନିଜ ନଜର ପୂର୍ଣ୍ଣ କ୍ଷମତା ଅନୁସାରେ ଉତ୍ପାଦନ ବଢ଼ାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଜଳଭଣ୍ଡାର ଗୁଡ଼ିକୁ ଗ୍ରୀଷ୍ମଋତୁ ନିମନ୍ତେ ସଂରକ୍ଷିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।
ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ, ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ପରିଚାଳନା ନିର୍ଦ୍ଦେଶକ ପି.କେ. ମହାପାତ୍ର, ଓଡ଼ିଶା ଜଳ ବିଦ୍ୟୁତ ନିଗମର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର, ରାଜ୍ୟ ବିଦ୍ୟୁତ ସରବରାହ ନିଗମର ନିର୍ଦ୍ଦେଶକ ବି.ବି. ମେହେଟ୍ଟା, ଜାତୀୟ ତାପଜ ବିଦ୍ୟୁତ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ଗୋସ୍ୱାମୀଙ୍କ ସମେତ ସଂପୃକ୍ତ ବିଭାଗ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆବାସ ଯୋଜନାରେ ଘର ଯୋଗାଇବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୫/୧୨ (ନି.ପ୍ର): ଓଡିଶାର ଫନି ପ୍ରଭାବିତ ଓ ଅଣପ୍ରଭାବିତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରି ବିଜେଡି ସାଂସଦମାନେ କେନ୍ଦ୍ର ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ନିକଟରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଫନି ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ୧.୮୪ ଲକ୍ଷ ପରିବାରକୁ ଘର ଯୋଗାଇବାକୁ ଦାବି କରିଥିଲେ । ଏହା ସହିତ ଫନି ଦ୍ୱାରା ପ୍ରଭାବିତ ହୋଇନଥିବା କେବିକେ ଅଂଚଳରେ ମଧ୍ୟ ୧୩ ଲକ୍ଷ ଘରର ଆବଶ୍ୟକତା ରହିଥିବା ଚିଠିରେ ଉଲ୍ଲେଖ କରିଥିଲେ ମୁଖ୍ୟମନ୍ତ୍ରୀ । ଏ ନେଇ ଆଜି ବାସହରାଙ୍କୁ ଖୁବ ଶୀଘ୍ର ଘର ଦିଆଯାଉ ବୋଲି ଦାବି କରିଛି ବିଜେଡି । ବିଜେଡି ଦର୍ଶାଇଛି ଯେ ୨୦୧୯ରେ ପ୍ରଧାନମନ୍ତ୍ରୀ ଓଡିଶା ଆସି ଫନି ପ୍ରଭାବିତ ୫ ଲକ୍ଷ ଲୋକଙ୍କୁ ପିଏମଏୱାଇରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏବେସୁଦ୍ଧା ୧.୮୪ ଲକ୍ଷ ପରିବାରକୁ ଯୋଜନାରେ ସାମିଲ କରାଯାଇନାହିଁ । ସେହିପରି ଅଣଫନି ପ୍ରଭାବିତ ୧୬ ଜିଲ୍ଲାର ୫.୦୯ ଲକ୍ଷ ଯୋଗ୍ୟ ପରିବାରକୁ ମଧ୍ୟ ଚିହ୍ନଟ କରାଯାଇଥିଲା । ଏମାନେ ଆଦିବାସୀ ବହୁଳ ପଶ୍ଚିମ ଓଡ଼ିଶା, ଅନୁସୂଚିତ ଅଂଚଳ ଓ କେବିକେ ଅଂଚଳର । ତେଣୁ ଏବେ ଆବାସ ପ୍ଲସ ପୋର୍ଟାଲ ମାସକ ପାଇଁ ଖୋଲିଲେ ବଳକା ପରିବାରଙ୍କ ଡାଟା ଏଥିରେ ଯୋଡା ଯାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ବିଜେଡି କହିଛି । ଆବାସ ଯୋଜନାରେ ଗରିବଙ୍କୁ ଘର ଦେବାକୁ ଗତ ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ । ଏନେଇ ଆଲୋଚନା ସହ ସମାଧାନର ବାଟ ବାହାର କରିବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ପ୍ରତିଶ୍ରୁତି ଦେଇଛନ୍ତି ।

# ୫ ଦଫା ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗାଁସାଥୀଙ୍କ ମାନବ ଶୃଙ୍ଖଳ

ଭୁବନେଶ୍ୱର,୧୫/୧୨ (ନି.ପ୍ର) : ମାସିକ ୮୦୦୦ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରାପ୍ତି ଓ ସ୍ଥାୟୀ ନିଯୁକ୍ତି ସମେତ ୫ ଦଫା ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗାଁସାଥୀ ସଂଘ ତରଫରୁ ଏକ ଗଣଧାରଣା କରାଯାଇଥିଲା । ସଂଘର ରାଜ୍ୟ ସଂଗଠକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ତଥା ସଭାପତି ସୌଭାଗ୍ୟ ମିଶ୍ର, ସଂଗଠକ କୁଳମଣି ମେଣ୍ଟା, ରବିନ୍ଦ୍ର ପ୍ରଧାନ, ଚରଣ ନାହାକ, ଉମେଶ ମୁଣ୍ଡା, ରାମସ୍ୱାମୀ ପିଡିକା, ବିବେକାନନ୍ଦ ଠାକୁର, ଆନ୍ତା ମୁର୍ମୁ, ସନ୍ନ୍ୟାସୀ ନାୟକ, କରୁଣା ବାଗ୍ ଓ ଅନ୍ୟ ୧୦୦ ରୁ ଉର୍ଦ୍ଧ୍ୱ ରାଜ୍ୟ ଓ ଜିଲ୍ଲା ସଂଗଠକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ରାମ ମନ୍ଦିର ଠାରୁ ନବୀନ ନିବାସ ଯାଏ ସଂଘର ସଭ୍ୟ/ସଭ୍ୟାମାନେ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ଜନପଥ କଡରେ ଠିଆ ହୋଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ମାସିକ ପ୍ରୋତ୍ସାହନରାଶି ପ୍ରାପ୍ତିର ଦାବି ତୁରନ୍ତ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଶ୍ରୀ ବିଶ୍ୱାଳ ଗଣମାଧ୍ୟମକୁ ଜଣାଇଛନ୍ତି । ଆଜିର କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ହଜାର ହଜାର ଗାଁସାଥୀ (ମେଟ୍) ମାନେ ଭାଗ ନେଇଥିଲେ ।

# ଡୋମେନ ସାର୍ଟିଫାଏଡ ଟ୍ରେନର ପଦବୀ ପାଇଁ ଆବେଦନ ଆହ୍ୱାନ

ଭୁବନେଶ୍ୱର ,୧୫/୧୨ (ନି.ପ୍ର): ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରାଳୟର ମହାନିର୍ଦ୍ଦେଶଙ୍କ ଅଧିନରେ ଭୁବନେଶ୍ୱର ଠାରେ ଥିବା ନେସନାଲ କ୍ୟାରିଅର ସର୍ଭିସ ସେଂଟର ଫର ଡିଫରେଂଟଲି ଆବଲେଡ (ଏନ୍ସିଏସ୍ସିଡିଏ) ପକ୍ଷରୁ ସେକ୍ଟର ସ୍କିଲ୍ କାଉନସିଲ ଫର ପିଡବ୍ଲୁଡିଏସ୍ (ଏସ୍ସିପି ଡବ୍ଲୁଡିଏସ୍) ଦ୍ୱାରା ଅନୁମୋଦିତ ବିଭିନ୍ନ କୌଶଳ ବିକାଶ ତାଲିମ ପ୍ରଦାନ ପାଇଁ ଆଗ୍ରହୀ ଡୋମେନ ସାର୍ଟିଫାଏଡ ଟ୍ରେନରମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରିଛନ୍ତି । ଏହି ତାଲିମ ଓଡିଶା ସରକାରଙ୍କ ଏସ୍‌ଏସ୍‌ଇପିଡି ଏବଂ ଓଏସ୍ସିଏଙ୍କ ମିଳିତ ସହଯୋଗରେ ଏନ୍ସିଏସ୍ସିଡିଏ ଠାରେ ପ୍ରଦାନ କରାଯିବ । ତାଲିମ ପ୍ରଦାନ କରାଯିବାକୁ ଥିବା ବିଷୟଗୁଡିକ ମଧ୍ୟରେ ପୋଷାକପତ୍ର ତିଆରି, ବିୟୁଟି ଆଣ୍ଡ ୱେଲନେସ୍, ଇଲେକଟ୍ରୋନିକ୍ସ, ଏବଂ ଆଇଟି ଆଣ୍ଡ ଆଇଟିଇଏସ୍ ଆଦି ରହିଛି । ପୋଷାକପତ୍ର ପ୍ରସ୍ତୁତି ତାଲିମରେ ସିଲେଇ ମାଧ୍ୟମରେ ଆତ୍ମନିର୍ଭରଶୀଳତା, ବିୟୁଟି ଆଣ୍ଡ ୱେଲନେସ ତାଲିମରେ ସହାୟକ ବିୟୁଟି ଥେରାପିଷ୍ଟ, ଇଲେକ୍ଟ୍ରୋନିକ୍ସ ତାଲିମରେ ମୋବାଇଲ୍ ଫୋନ୍ ହାର୍ଡୱେର ମରାମତି ଟେକ୍ନିସିଆନ ଏବଂ ଫିଲ୍ଡ ଟେକ୍ନିସିଆନ ଓ ଅନ୍ୟ ଘର କରଣା ସାମଗ୍ରୀ ମରାମତି ଆଦି ରହିଛି ।

# ନୀଳମଣି ବିଦ୍ୟାରତ୍ନ ଥିଲେ ଉତ୍କଳ ଭାଷା ସାହିତ୍ୟ, ସାମ୍ବାଦିକତାର ଭୀଷ୍ମ ପିତାମହ

ଭୁବନେଶ୍ୱର,୧୫/୧୨ (ନି.ପ୍ର): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବବିହାର ନିକଟ ପ୍ରତିମୂର୍ତ୍ତିସ୍ଥଳଠାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଉତ୍କଳ ଭାଷା ସାହିତ୍ୟ, ସାମ୍ବାଦିକତାର ପିତାମହ ଭୀଷ୍ମ, ସମ୍ପାଦକ ତଥା ବହୁ ବ୍ୟକ୍ତିତ୍ୱର ଅଧିକାରୀ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୫ତମ ଜୟନ୍ତୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସଭାପତିତ୍ୱ ଓ ସଂଯୋଜନା କରି ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଓଁକାର ଉଦ୍‌ଘୋଷକ ତଥା ମହାନ୍ ନାୟକ । ବୈଦେଶ୍ୱର ମାଟିର ଏହି ପ୍ରଜ୍ଞା ବ୍ୟକ୍ତିତ୍ୱ ବହୁ ଜନହିତୈଷୀ କାର୍ଯ୍ୟ କରିବା ସହିତ ଉତ୍କଳ ଦୀପିକାର ସମ୍ପାଦନା, ପ୍ରଜାବନ୍ଧୁ ପତ୍ରିକାର ସମ୍ପାଦନା ଦାୟିତ୍ୱ ସଠିକ୍ ଭାବରେ ନିର୍ବାହ କରିବା ସହିତ ସାମ୍ବାଦିକତାକୁ ଏକ ନୂଆ ଦିଗ ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀ ଗଠନର ଦର୍ଶନ, ଚିନ୍ତନ ଓ ଗଠନର ମହାନାୟକ ହେବା ସହିତ ମା', ମାଟି, ମାତୃଭାଷା ପାଇଁ ସର୍ବଦା ଚେଷ୍ଟିତ ରହୁଥିଲେ । ଓଡ଼ିଆ ପରମ୍ପରା, ସଂସ୍କୃତିକୁ ଘରେଘରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ । ଏହି ଅବସରରେ ସାରସ୍ୱତ ସାଧକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ, ସାରସ୍ୱତ ପ୍ରତିଭାଧାରୀ ଡଃ ସନ୍ତୋଷ କୁମାର ତ୍ରିପାଠୀଙ୍କୁ ବିଦ୍ୟାରତ୍ନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ବାଙ୍କି-ବୈଦେଶ୍ୱର ସେତୁକୁ ବିଦ୍ୟାରତ୍ନ ସେତୁ ନାମରେ ନାମିତ କରିବା ପାଇଁ ଅଭିଯାନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ଶାସକ ଦଳ ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ରମେଶ ଚନ୍ଦ୍ର ପାତାଳସିଂହ, ଡଃ ଅସିତ୍ ଦାସ, ବି. ମୂରଲୀଧର, ମୁକୁନ୍ଦ ଶତପଥୀ, କାମଦେବ ମହାପାତ୍ର, ବିଜୟ ପରିଡ଼ା ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

# ଦୋକାନ ଭଙ୍ଗା ବନ୍ଦ ଦାବିରେ ଉଠା ଦୋକାନୀଙ୍କ ବିଏମ୍‌ସି ଘେରାଉ

ଭୁବନେଶ୍ୱର,୧୫/୧୨ (ନି.ପ୍ର): ଦୋକାନ ଭଙ୍ଗା ଅଭିଯାନ ବନ୍ଦ କରି ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକଅଶୋକନଗର, ମାଷ୍ଟରକ୍ୟାଂଟିନ, ନିକୋ ପାର୍କ ରୋଡ଼ ଓ ବାୟାବାବା ମଠ ଛକର ଉଠା ଦୋକାନୀମାନଙ୍କୁ ସ୍ଥାୟୀ ଦୋକାନ ଘର ଯୋଗାଇବା ଦାବିରେ ଆଜି ଉଠା ଦୋକାନୀମାନେ ବିଏମ୍‌ସି ଅଫିସ ଘେରାଉ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ଏଆଇଟିୟୁସି ସହ ଅନୁବନ୍ଧିତ ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ଅଶୋକନଗରସ୍ଥ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ଥିଲା । ଶୋଭାଯାତ୍ରାକାରୀ ମାନେ ମାଷ୍ଟରକ୍ୟାଂଟିନ, ରାଜମହଲ ଓ କଳ୍ପନା ଛକ ଅତିକ୍ରମ ପୂର୍ବକ ବିଏମ୍‌ସି ଅଫିସ ନିକଟରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେଠାରେ ସଂଘର ସଭାପତି ସୁର ଜେନା ଉଦ୍‌ବୋଧନ ଦେଇ କହିଲେ– ଆମ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶମତେ ଭାରତର ପାର୍ଲାମେଂଟ ଉଠାଦୋକାନୀମାନଙ୍କ ଥଇଥାନ ଆଇନ ପାଶ୍ କରିଛି ଏବଂ ବିଏମ୍‌ସି ସର୍ଭେ କରି ଉଠାଦୋକାନୀମାନଙ୍କୁ କୁପନ ପ୍ରଦାନ କରିଛନ୍ତି । ବିକ୍ଷୋଭ ପ୍ରଦର୍ଶନ ପରେ ସୁର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଏମ୍‌ସି ଡେପୁଟି କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ ସହ ଆଲୋଚନା କରିଥିଲେ । ଡେପୁଟି କମିଶନର ୫ଦିନ ମଧ୍ୟରେ ସମସ୍ତ ପକ୍ଷଙ୍କୁ ଡାକି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ କୈଳାସ ପୁହାଣ, ରମେଶ ରାଉତ, ବଟକୃଷ୍ଣ ସାହୁ, ବିକ୍ରମ ସ୍ୱାଇଁ, ଦେବ ସାହୁ, ସନ୍ତୋଷ ନାୟକ, ଅନ୍ନପୂର୍ଣ୍ଣା ପ୍ରଧାନ ଓ ପ୍ରକାଶ ସାହୁ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ମୟୂରଭଞ୍ଜ ଏଥ୍‌ଲେଟିକ୍ ଏସୋସିଏସନ୍‌ର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ସମାରୋହ



ବାରିପଦା, ୧୫/୧୨ (ନି.ପ୍ର): ଆଜି ସ୍ଥାନୀୟ ବାରିପଦା ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଏଥ୍‌ଲେଟିକ୍ ଆସୋସିଏସନ୍‌ର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଆସୋସିଏସନ୍‌ର ସଭାପତି ଜିଲ୍ଲାପାଳ, ମୟୂରଭଞ୍ଜ ବିନୀତ ଭରଦ୍ୱାଜ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶାସନ ମନ୍ତ୍ରୀ ସୁଦାମ ମାର୍ଣ୍ଡି , ମୋରଡା ବିଧାୟକ ରାଜ କିଶୋର ଦାସ, ପୋଲିସ ଆରକ୍ଷୀ ଅଧିକ୍ଷକ ତଥା ଆସୋସିଏସନ୍‌ର ଉପ-ସଭାପତି ଖିଲାରୀ ରିଶିକେଷ ଧ୍ୟାନଦେଓ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବ୍ୟକ୍ତବ୍ୟରେ ଜିଲ୍ଲାର କ୍ରୀଡାର ବିକାଶ ଉପରେ ଗୁରୁତ୍ୱ ଦେବାପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଗ୍ରାମଞ୍ଚଳରେ ଥିବା ପ୍ରତିଭାବାନ୍ ଯୁବ ଖେଳାଳୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଅଂଶ ଗ୍ରହଣ କରାଇବାପାଇଁ ନିରନ୍ତର ପ୍ରାୟସ କରିବାକୁ ନୂତନ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏ ଦିଗରେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସାହାର୍ଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ମାନ୍ୟବର ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଜିଲ୍ଲାର କ୍ରୀଡାର ବିକାଶ ଦିଗରେ ସମସ୍ତ ଭିତିଭୂମି ଯୋଗାଇ ଦିଆଯିବ ସହ ବାଡି ରହିଯାଇଥିବା ଷ୍ଟାଡିୟମର ଖଜଣାକୁ ଛାଡ କରାଯିବା ଦିଗରେ ଆଇନ ଅନୁସାରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ। ସର୍ବ ପ୍ରଥମେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବେ ଏଥ୍‌ଲେଟିକ୍ ଆସୋସିଏସନ୍‌ର ସମ୍ବିଧାନ, ବିଧିର ପରିରକ୍ଷଣ ସଂରକ୍ଷଣ ଓ ପ୍ରତିରକ୍ଷା କରିବା ସହ କ୍ରୀଡାବିତ୍ ମାନଙ୍କର ସେବା ଓ କଣ୍ୟାଣରେ ସଦା ସର୍ବଦା ତତ୍ପର ରହିବା ଦିଗରେ ଶପଥ ପାଠ କରାଇଥିଲେ। ଏହି ଅବସରରେ ନବ ନିର୍ବାଚିତ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ ତଥା କାଉନ୍‌ସିଲ ସଦସ୍ୟ ଭାବେ ଅମ୍ବିକା ରାଉତ୍, ପ୍ରସନ୍‌ଜିତ୍ ମହାନ୍ତି, ଅମର କୁମାର ସେଠି, ସୌରଭ ପଟ୍ଟନାୟକ ହର ପ୍ରସାଦ ପାତ୍ର, ଗୌରୀ ଶଙ୍କର ସିହ୍ନା, ବୈଦ୍ୟନାଥ ରଥ, ମୟୂରଭଞ୍ଜ ଜିମ୍‌ନାସିୟମ୍‌ର ରବିନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଜିଲ୍ଲାର କ୍ରୀଡାର ବିକାଶ ଦିଗରେ ପ୍ରତିବଦ୍ଧ ରହିବେ ବୋଲି ଶପଥ ପାଠ କରିଥିଲେ। ମୟୂରଭଞ୍ଜ ଏଥ୍‌ଲେଟିକ୍ ଆସୋସିଏସନ୍‌ର ଦିବଂଗତ ପୂର୍ବତନ କାଉନ୍‌ସିଲର ସଦସ୍ୟ ତଥା ସାଧାରଣ ସଭ୍ୟ ମାନଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଆସୋସିଏସନର ସଭ୍ୟ ତଥା ଶିକ୍ଷକ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଳନା କରିଥିବା ବେଳେ କାଉନ୍‌ସିଲର ସଭ୍ୟ ବୈଦ୍ୟନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଉକ୍ତ ସଭାରେ ଶତାଧିକ ସଭ୍ୟ ଉପସ୍ଥିତ ରହିବା ସହିତ ନବ ନିର୍ବାଚିତ ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସାଧାରଣ ସମ୍ପାଦକ ଶ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିଗରେ କ୍ରୀଡାର ବିକାଶ ଦିଗରେ ନିରନ୍ତର ପ୍ରୟାସ କରିବେ ବୋଲି ପ୍ରକାଶ କରିଛନ୍ତି। ଉକ୍ତ ସଭାରେ ବରିଷ୍ଠ ସଭ୍ୟ ତ୍ୟା କ୍ରୀଡା ସଂଗଠକ ବିଜୟ ମିଶ୍ର ଆସୋସିଏସ୍‌ନର ଉନ୍ନତି ପାଇଁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଚାଲିଗଲେ ଗ୍ରୁପ କ୍ୟାପଟ୍ଟେନ....

ତାଙ୍କୁ ୱେଲିଂଟନ ମିଲିଟାରୀ ହସ୍ପିଟାଲକୁ ନିଆ ଯାଇଥିଲା। ସେଠାରେ ଗୋଟିଏ ଦିନର ଚିକିତ୍ସା ପରେ ତାଙ୍କୁ ବେଙ୍ଗାଲୁରୁ ପଠାଯାଇଥିଲା। ଏଠାରେ ଥିବା ସେନା ହସ୍ପିଟାଲରେ ତାଙ୍କର ଗୋଟିଏ ସପ୍ତାହ ଧରି ଚିକିତ୍ସା ଚାଲିଥିଲା। ଦୁର୍ଘଟଣାରେ ତାଙ୍କ ଶରୀରର ୪୫% ଅଂଶ ପୋଡ଼ି ଯାଇଥିବା ବେଳେ ବେଙ୍ଗାଲୁରୁରେ ୩ଟି ଅପରେସନ ମଧ୍ୟ କରାଯାଇଥିଲା। ହେଲେ ଆଜି ସକାଳୁ ତାଙ୍କର ଦେହାନ୍ତ ହୋଇଛି। ଏହି ଦୁଃଖଦ ଖବରକୁ ପ୍ରଥମେ ବାୟୁସେନା ପକ୍ଷରୁ ଟ୍ୱିଟ କରି ଅବଗତ କରାଯାଇଥିଲେ। ଏଥିସହ ବାୟୁସେନା ଗ୍ରୁପ କ୍ୟାପଟ୍ଟେନ ବରୁଣଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛି। ଦୀର୍ଘ ଦଶନ୍ଧି ଧରି ଗ୍ରୁପ କ୍ୟାପଟ୍ଟେନ ବରୁଣ ସିଂହ ଦେଶର ସେବା କରି ଆସୁଥିଲେ। ଏଥିପାଇଁ ତାଙ୍କୁ ଚଳିତ ବର୍ଷ ଅଗଷ୍ଟ ୧୫ରେ ସୌର୍ଯ୍ୟ ଚକ୍ରରେ ସମ୍ମାନୀତ କରାଯାଇଥିଲା। ୨୦୧୮ରେ ସେ ଉଡ଼ାଉ ଥିବା ତେଜାସ ଯୁଦ୍ଧ ବିମାନ ମଝି ଆକାଶରେ ଟେକ୍ନିକାଲ ତ୍ରୁଟିର ସମ୍ମୁଖୀନ ହୋଇଥିଲା। ତେବେ କ୍ୟାପଟ୍ଟେନ ବରୁଣ ସିଂହ ନିଜ ବୁଦ୍ଧି ଓ ଧୈର୍ଯ୍ୟର ପରୀକ୍ଷା ଦେଖାଇ ବେଶ ସୁରକ୍ଷିତ ଭାବେ ଏହାକୁ ରନୱେରେ ଲ୍ୟାଣ୍ଡ କରିଥିଲେ। ଫଳରେ ଗୋଟିଏ ବଡ଼ ଦୁର୍ଘଟଣାକୁ ଟଳି ଯାଇଥିଲା। ଏଥିପାଇଁ ତାଙ୍କୁ ସୌର୍ଯ୍ୟ ଚକ୍ର ମିଳିଥିଲା।

### ତାମିଲନାଡୁରେ ପଶିଲା....

ବୁଧବାର କହିଛନ୍ତି। ସେହିପରି ଆଜି ପଶ୍ଚିମବଙ୍ଗରେ ପ୍ରବେଶ କରିଛି ଓମିକ୍ରନ୍। ରାଜ୍ୟରେ ଓମିକ୍ରନ୍‌ର ପ୍ରଥମ ମାମଲା ସାମ୍ନାକୁ ଆସିଥିବା କଥା ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେଠାରେ ଜଣେ ୭ ବର୍ଷର ଶିଶୁ ଓମିକ୍ରନ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡିଛି । ଏହି ୭ ବର୍ଷର ଶିଶୁ ମୁର୍ସିଦାବାଦର ବାସିନ୍ଦା । ସେ ନିକଟରେ ଆବୁଧାବିରୁ ଫେରିଥିଲା। ଶିଶୁ କରୋନା ସଂକ୍ରମଣର ନୂତନ ଭାରିଏଣ୍ଟ ଓମିକ୍ରନ ଦ୍ୱାରା ସଂକ୍ରମିତ ହେବା ପରେ ମୁର୍ସିଦାବାଦର ଏକ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛି। ଶିଶୁର କରୋନା ରିପୋର୍ଟ ପଜିଟିଭ ଆସିବା ପରେ ତାର ପିତାମାତାଙ୍କର ବି ପରୀକ୍ଷା କରାଯାଇଥିଲା। ସେମାନଙ୍କ କରୋନା ରିପୋର୍ଟ ନେଗେଟିଭ ଆସିଥିଲା। ଦେଶରେ ଓମିକ୍ରନ ମାମଲା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଆଜି ତେଲେଙ୍ଗାନାରେ ଓମିକ୍ରନର ଦୁଇଟି ମାମଲା ଚିହ୍ନଟ ହୋଇଥିବା ସୂଚନା ରହିଛି। ମହାରାଷ୍ଟ୍ରରେ ଦେଶରେ ସର୍ବାଧିକ ଓମିକ୍ରନ ମାମଲା ରହିଛି। ଯେଉଁଠାରେ ୨୮ ଟି ମାମଲା ନିଶ୍ଚିତ ହୋଇଛି।

### ଚିତରଞ୍ଜନଙ୍କ ମୃତ୍ୟୁର ତଦନ୍ତ....

ତାଙ୍କୁ କିଏ ଫୋନ କରିଥିଲା ? ଶେଷ କଲ ସମୟରେ ଚିତରଞ୍ଜନ କେଉଁ ସ୍ଥାନରେ ଥିଲେ ? ଏମିତି ଅନେକ ପ୍ରଶ୍ନର ଉତ୍ତର ପାଇବା ପାଇଁ ଫୋନ କଲ ଡିଟେଲ୍ସ ଖୋଜୁଛି ପୋଲିସ । ଫୋନ କଲର ଡିଟେଲ୍ସ ମିଳିଗଲେ ଅନେକ ରହସ୍ୟ ପଦାକୁ ଆସିବ ବୋଲି ଅନୁମାନ କରୁଛି ପୋଲିସ । ଚିତରଞ୍ଜନଙ୍କ ମୃତ୍ୟୁ ମାମଲାରେ ତଦନ୍ତ ଭାର ଏବେ କ୍ରାଇମବ୍ରାଞ୍ଚ ହାତକୁ ଯାଇଥିବାବେଳେ ଏହାକୁ ବ୍ରହ୍ମଗିରିବାସୀ ଓ ମୃତକଙ୍କ ପରିବାର କେମିତି ଗ୍ରହଣ କରୁଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିଛି । ତେବେ ବିଜେପି କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଭରସା କରିପାରିନି । ସଞ୍ଜୟ ଦାସବର୍ମାଙ୍କ ପିଏସଓ ମଧ୍ୟ ପୋଲିସ ସ୍କାନରରେ ଥିବା ସୂଚନା ମିଳିଛି । ଏବଂ ତାଙ୍କୁ ପୋଲିସ ପଚରାଉଚୁରା କରିଥିବାବେଳେ କ୍ରାଇମବ୍ରାଂଚ ଟିମ୍ ମଧ୍ୟ ପଚରାଉଚୁରା କରିବାର ସମ୍ଭାବନା ରହିଛି । ତେବେ ଚିତରଞ୍ଜନଙ୍କ ମୃତ୍ୟୁ ରହସ୍ୟ ଉପରୁ କେବେ ପରଦା ଉଠୁଛି ତା ଉପରେ ସମସ୍ତଙ୍କ ନଜର ରହିଛି ।

### ପ୍ରଧାନମନ୍ତ୍ରୀ କୃଷି ସିଂଚାଇ....

ଏହି ଯୋଜନା ଅନ୍ତର୍ଗତ ଆଗାମୀ ୬ ବର୍ଷ ମଧ୍ୟରେ ୭୬ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବାର ଯୋଜନା କରାଯାଇଛି। ଭାରତକୁ ଏକ ବିଶ୍ୱସ୍ତରୀୟ ଇଲୋକ୍ଟ୍ରୋନିକ ହବରେ ଭାବରେ ବିକଶିତ କରିବା, ମେକ୍ ଇନ୍ ଇଣ୍ଡିଆକୁ ଗତି ଦେବା, ସେମିକଣ୍ଡକ୍ଟର ଚିପ୍ସର ଡ଼ିଜାଇନ, ଫେବ୍ରିକେସନ, ପ୍ୟାକେଜିଂ ଏବଂ ଟେଷ୍ଟିଂ କ୍ଷେତ୍ରରେ ରୋଜଗାର ଏବଂ ସ୍ୱରୋଜଗାରର ସୁଯୋଗ ତିଆରି କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହାବ୍ୟତିତ ରୂପେ ଡେବିଟ୍ କାର୍ଡ ତଥା କମ୍ ମୂଲ୍ୟର ଭିମ୍ ୟୁପିଆଇ ଟ୍ରାନଜାକ୍ସନକୁ ପ୍ରୋତ୍ସାହନ ଦେବା ପାଇଁ ୧୩୦୦ କୋଟିର ସହାୟତା ରାଶିକୁ କ୍ୟାବିନେଟ୍ ମଞ୍ଜୁର ଦେଇଛି। ଏହି ନିଷ୍ପତି ଡ଼ିଜିଟାଲ ପେମେଂଟ ବ୍ୟବସ୍ଥାକୁ ଅଧିକ ବଢ଼ାଇବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### କଲିକତାରେ ୭ ବର୍ଷର ପିଲା....

ଜଣେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମହାରାଷ୍ଟ୍ରରେ ସବୁଠୁ ଅଧିକ ଆକ୍ରାନ୍ତ ଅଛନ୍ତି। ଏଠାରେ ଏବେ ଯାଏଁ ୨୮ ଜଣ ଓମିକ୍ରନ୍ ସଂକ୍ରମିତ ବାହାରିଛନ୍ତି। ଏହାବ୍ୟତୀତ ରାଜସ୍ଥାନରୁ ୧୭, କର୍ଣ୍ଣାଟକରୁ ୩, ଗୁଜରାଟରୁ ୪, କେରଳରୁ ୧, ଆନ୍ଧ୍ରପ୍ରଦେଶରୁ ୧, ଦିଲ୍ଲୀରୁ ୬, ଚଣ୍ଡିଗଡରୁ ୧ କେସ୍ ରହିଛି। ବିଶେଷ କଥା ହେଉଛି, ଓମିକ୍ରନ୍‌ରେ ସଂକ୍ରମିତ ହୋଇଥିବା ଅଧିକାଂଶ ଲୋକ କରୋନା ଟିକାର ଡବଲଡୋଜ ନେଇ ସାରିଛନ୍ତି। ସେପଟେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କହିବା ମୁତାବକ, ସାରା ବିଶ୍ୱରେ ବର୍ତ୍ତମାନ ଯାଏ ୭୭ଟି ଦେଶକୁ ବ୍ୟାପିସାରିଲାଣି ଓମିକ୍ରନ୍।

## ଜାଗ ଜାଗ ଓଡିଶା ପାଇକ ବିଦ୍ରୋହ ଉପରେ ଆଲଚନାଚକ୍ର ଖୋର୍ଦ୍ଧା

ଖୋର୍ଦ୍ଧା, ୧୫/୧୨ (ନି.ପ୍ର): ଖୋର୍ଦ୍ଧା ସଂସ୍କୃତି ଭବନ ଉପରେ ଏକ ଆଲୋଚନା ଚକ୍ର ହୋଇଥିଲା । ଏହି ଅନୁଷ୍ଠାନର ସଭାପତି ଓଡ଼ିଶା ନାରାୟଣ ମହହାନ୍ତି, ଗଣେଶ ଘୋଷ , ଲଳିତ ମହାପାତ୍ର ଓ ଧରିତ୍ରୀ ସାମ୍ବାଦିକ ଖୋର୍ଦ୍ଧା ଜିଲ୍ଲା, ସକାଳ ସାମ୍ବାଦିକ ରଣଜିତ୍ ସାମନ୍ତରାୟ ମୂଖ୍ୟ ଭୂମିକା ନେଇ ଥିଲେ। ଏହି ସମ୍ମିଳନୀରେ ସଭାରେ ସ୍ଥାନୀୟ ବିଧାୟକ ଯିତୁ ମିତ୍ର ସଭାପତି ଭାବେ, ବହୁ ଐତିହାସିକ, ବୁଦ୍ଧିଯିବି, ସାମ୍ବାଦିକ, ପାଇକ ଗୁରୁ ଯୋଗ ଦେଇଥିଲେ। ଐତିହାସିକ ରାଓ ଖୋର୍ଦ୍ଧା ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବୋଲି ଦୃଢ଼ ଭାବେ ବର୍ଣ୍ଣନା କରିଥିଲେ । ପ୍ରଫେସର ଗୋପାଳ ଦାସ ମନ୍ଦ୍ୟ ଦାବୀ କରିଥିଲେ। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଯାହା କହିଛନ୍ତି ଓଡ଼ିଶା ପାଇଁ ଅସମ୍ମାନ । ତାଙ୍କର ଏହି ସ୍ୱାଧିନତା ବିସୟରେ ବହି ପଢିବା କି ଐତୀହାଶିକ ମାନଙ୍କ ସହ ଆଲୋଚନା କରିବାର ଥିଲା। ୧୮୧୭ ମସିହା ଖୋର୍ଦ୍ଧା ପାଇକ ବିଦ୍ରୋହ ବରୁଣାଇ ପାହାଡ, ଖୋର୍ଦ୍ଧା ଓଡ଼ିଶା ମୂକ ସାକ୍ଷୀ। ତାଙ୍କ ବକ୍ତ୍ୟବ ଯୋଗୁ ଦଳ ମତ ନିର୍ବିଶେଷରେ ଖୋର୍ଦ୍ଧା ବୀର ମାଟି ପାଇକ ସନ୍ତାନ କ୍ଷୁବ୍ଧ। ଏହି ପାଇକ ସ୍ମୃତିରେ ପୀଠ ପାଇଁ ଆମ ଭାରତର ରାଷ୍ଟ୍ରପତି ବରୁଣାଇ ପାହାଡ଼ ତଳେ ଏକ ଫଳକ ଲଗାଇ ଉଦ୍‌ଘାଟନ କରିଥିଲେ। ଗତ ବର୍ଷ ୮. ୧୨.୨୦୨୦ରେ। ଭାରତ ସରକାର ସଂସ୍କୃତି ବିଭାଗ ୨୦୦ କୋଟି ଅନୁଦାନ ଘୋଷଣା କରିଛନ୍ତି। ଏହି ପାଇକ ବିଦ୍ରୋହ ୧୮୧୭ ଭାରତ ର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାରତ ସରକାର ଗ୍ରହଣ କରିବାକୁ ଓଡିଶା ସରକାର ଦଳ ମତ ନିର୍ବିଶେଷରେ ବିଧାନ ସଭାରେ ଦାବି କହିଛନ୍ତି । ଖୋର୍ଦ୍ଧା ପାଇକ ସନ୍ତାନ ବୀର ମାଟିର ମର୍ଜାଦା ରଖିବା ପାଇଁ ବଦ୍ଧ ପରିକର।

## ରାସ୍ତାକାମ ବିରୋଧକୁ ନେଇ ଜୟିପୁର ଗ୍ରାମରେ ପ୍ରତିବାଦ ସଭା



ଖଇର, ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଧୀନ ଜୟିପୁର ଗ୍ରାମରେ ଏମ୍‌ଜିଏନ୍‌ଆରଜିଏସ ରେ ଚାଲିଥିବା ରାସ୍ତାକାମକୁ ବନ୍ଦ ପାଇଁ ଜଣେ ରାଜନୈତିକ ବ୍ୟକ୍ତିଙ୍କ ଇଶାରାରେ କିଛି ବ୍ୟକ୍ତି ବିରୋଧ କରିବାକୁ ନେଇ ୮୦ଭାଗ ଗ୍ରାମବାସୀ ପ୍ରତିବାଦ କରିଛନ୍ତି । ଗ୍ରାମବାସୀ ମାନଙ୍କ ତରଫରୁ ଏକ ପ୍ରତିବାଦ ସଭାର ଆୟୋଜନ ପରେ ଖବରଦାତା ସମ୍ମିଳନୀରେ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ଏହି ରାସ୍ତାକୁ ନେଇ ବିଭିନ୍ନ ସ୍ଥାନରେ ଅଭିଯୋଗ କରୁଥିବା ଏବଂ ସାମାଜିକ ଗଣମାଧ୍ୟମରେ ଟିପ୍ପଣି ଦେଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଗ୍ରାମସାଥି ଗୀତାମଣି ବେହେରା ଓ ସରପଞ୍ଚ ରାମେଶ୍ୱର ମୁର୍ମୁଙ୍କ କହିବା ଅନୁଯାୟୀ ଗ୍ରାମର ରାସ୍ତା ପାଇଁ ୩ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୫୫୦ ମିଟର ରାସ୍ତା ପାଇଁ ୧ଲକ୍ଷ ୨୫ହଜାର ଟଙ୍କା ଜବକାର୍ଡ ମାଧ୍ୟମରେ ଉଠା ଯାଇଛି । ଏଥିରେ କୌଣସୀ ଠିକାଦାର ନିଯୁକ୍ତ ହୋଇ ନାହାଁନ୍ତି। ଜବକାର୍ଡ ଅର୍ଥ ଠିକଭାବେ ମିଳିଥିବା ନେଇ ଜବକାର୍ଡଧାରୀ ସାବିତ୍ରୀ ପତି କହିଛନ୍ତି। ସେହିଭଳି ୫ବର୍ଷ ତଳର ପୁରୁଣା କଂକ୍ରିଟକୁ ଦେଖାଇ ନୂତନ କଂକ୍ରିଟ ରାସ୍ତାରେ ଫାଟ ବୋଲି ଅଭଯୋଗ କରାଯିବାରେ ରାଜନୈତିକ ଫାଇଦା ନେବାକୁ ଚକ୍ରାନ୍ତ କରାଯାଉଛି ବୋଲି ଗ୍ରାମବାସୀ ମାନେ କହିଛନ୍ତି ।

## ଜଳେଶ୍ୱର ସାମ୍ବାଦିକଙ୍କ ପକ୍ଷରୁ ସିଡିଏସ୍ ମେଜର ବିପିନ୍ ରାୱତ୍ ଓ ୧୨ ବୀର ଶହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ଶୋକସଭା

ଜଳେଶ୍ୱର, ୧୫/୧୨(ନି.ପ୍ର): ଦେଶର ଘଡିସନ୍ଧି ମୁହୁର୍ତ୍ତରେ ହେଲିକ୍ଟେର ଦୁର୍ଘଟଣାରେ ସିଡିଏସ୍ ବିପିନ୍ ରାୱତ ଓ ଅନ୍ୟ ୧୨ଜଣ ବରିଷ୍ଠ ସାମରୀକ ଅଧିକାରୀଙ୍କ ନିହତ ଦେଶର ଅପୂରଣୀୟ କ୍ଷତି ବୋଲି ଆଜି ଜଳେଶ୍ୱର ସାମ୍ବାଦିକଙ୍କ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ଓ ଶୋକ ସଭାରେ ମତପ୍ରକାଶ ପାଇଛି । ଜଳେଶ୍ୱର ଡାକବଂଗଳ ପରିସରରେ ଆୟୋଜିତ ଏପରି ସଭାରେ ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ସଭାପତିତ୍ୱ କରିଥିଲେ। ଏହି ଶୋକ ସଭାରେ ସାମ୍ୟବାଦୀ ନେତା ଶିଶିର ହୁଇ, ଯୁବ ନେତା ପ୍ରତୀପ ପ୍ରଧାନ, ଦିଲ୍ଲିପ କୁମାର ଗିରି, ଶାନ୍ତନୁ ପଟ୍ଟନାୟକ, ସୁଦାମ ପାତ୍ର , ଶରତ ପରିଡା ଓ ବସ୍ତା ଗୋଷ୍ଠୀଶିକ୍ଷାଧିକାରୀ ଲଲାଟେନ୍ଦୁ ଜେନା ଯୋଗ ଦେଇ ବିଶ୍ୱରେ ଭାରତର ଉତ୍‌ଥାନ ବେଳେ ଚୀନର ସାମ୍ରାଜ୍ୟବାଦି କାର୍ଯ୍ୟକୁ କଡା ଜବାବ୍ ଦେବାପାଇଁ ସ୍ୱର୍ଗତ ବିପିନ୍ ରାୱତଙ୍କ ସାମରିକ ଆଧୁନୀକିକରଣ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ସେନାପତି, ଅରୁଣ ଜେନା, ପତିତ ପାବନ ପ୍ରଧାନ, ସୁଶାନ୍ତ ପ୍ରଧାନ, ମନୋଜ ଭୂୟାଁ, ଦିଲ୍ଲିପ ଦାସ, ଦୀନବନ୍ଧୁ ପ୍ରଧାନ, ଗୋପବଂଧୁ ସାହୁ, ଅବଦୁଲ ରହିମ୍, ମୃତ୍ୟୁଞ୍ଜୟ ଦାସ, ସତ୍ୟବ୍ରତ ସୋମ, ଅଶ୍ୱିନୀ ନାଥ, ଭୋଲାନାଥ ସିଂ, ସୁବ୍ରତ ଘୋଷ, ଦୁର୍ଗାଶଂକର ଗିରି, ଇଫ୍ରାଜ ସାହା, ଗୌରଗୋପାଳ ସେନ୍, ରବିନାରାୟଣ ପାତ୍ର ପ୍ରମୁଖ ସ୍ମୃତିଚାରଣ ସହିତ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ପ୍ରଥମେ ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନିରବ ପ୍ରାର୍ଥନ କରାଯାଇଥିଲା ।

## ବାଂକୀରେ ଯୁବବଂଧୁ ସତସଂଗ ପରିବାର ତରଫରୁ ରକ୍ତଦାନ ଶିବିର

ବାଂକୀ, ୧୫/୧୨ (ନି.ପ୍ର): ବାଂକୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁବବଂଧୁ ସତସଂଗ ପରିବାର ତରଫରୁ ଡମପଡା ବ୍ଲକର ଅରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ରକ୍ତ ହିଁ ଜୀବନ । କେହିବି ଜଣେ ରକ୍ତ ଅଭାବରୁ ମୃତ୍ୟୁକୁ ଚିରସାଥି ନ କରଂତୁ ।ଏପରି ଏକ ଚିନ୍ତନଶୀଳ ଭାବନାକୁ ନେଇ ଯୁବବଂଧୁ ପରିବାର ତରଫରୁ ନିପଟ ପଲ୍ଲୀରୁ ଆରଂଭ ହୋଇଛି ରକ୍ତଦାନ ପରି ସଂଚେତନ ସହିତ ରକ୍ତ ସଂଗ୍ରହର ନିଆରା କାର୍ଯ୍ୟକ୍ରମ ମାନ । ଯୁବଗୋଷ୍ଠୀ ମୋବାଇଲ, କ୍ରିକେଟ ଖେଳରେ ମାତୁଥିବା ବେଳେ ଗ୍ରାମାଂଚଳର ମହିଳାମାନେ ସ୍ୱଇଛାରେ ଆସି ରକ୍ତଦାନରେ ସାମିଲିହେବାକୁ ବୁଦ୍ଧିଜୀବୀ ମାନେ ଉଚ୍ଚ ପ୍ରଶଂସିତ କରିଛନ୍ତି । ସାଂବାଦିକ ଶୁଭେଂଦୁ କୁମାର



ମହାପାତ୍ର ଏବଂ ସାମାଜିକ କର୍ମି ସୁବ୍ରତ କୁମାର ନାୟକଂକ ପ୍ରଚେଷ୍ଟାରେ ଆୟୋଜିତ ରକ୍ତଦାନ ଶିବିରରେ କଟକ ରେଡକ୍ରସ ରକ୍ତଭଣ୍ଡାରର ସଦସ୍ୟମାନେ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ତୃତୀୟ ଥର ପାଇଁ ଆୟୋଜିତ ଏହି ଶିବିର ଆଗକୁ ରକ୍ତଦାନ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ନିୟମିତ କରାଯିବ ବୋଲି ଯୁବ ସମାଜସେବୀ ଅକ୍ଷୟ କୁମାର ସାମଲ ନିଜ ବକ୍ତବ୍ୟରେ ସୁଚନା ଦେଇଥିଲେ । ବାଂକୀ ଅଂଚଳର ବହୁ ସାଂବାଦିକ,ସମାଜସେବୀ ଓ ଯୁବବଂଧୁ ମାନଂକର ଉପସ୍ଥିତି ରକ୍ତଦାତାଂକୁ ଉତ୍ସାହିତ କରାଇଥିଲା । ଜନସେବା କେଂଦ୍ରର ସଂଯୋଜକ ସୁମନ୍ତ ଚଂଦ୍ର ମହାନ୍ତି ,ସମାସେବୀ ନିରଂଜନ ସାହୁ , ଶିକ୍ଷାବିତ ଗଦାଧର ନାୟକ ,ସନ୍ତୋଷ କୁମାର ସାହୁ ,ଚଂଦନ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ ।

## ଜୱାଦ ବର୍ଷାରେ ନୀଳଗିରି ଉପଖଣ୍ଡରେ କ୍ଷୟକ୍ଷତି ରିପୋର୍ଟରେ ଶୂନ : ଜିଲ୍ଲାପାଳଙ୍କୁ ଗୁହାରି କଲେ ଋଷୀକୂଳ

ନୀଳଗିରି, ୧୫/୧୨ (ନି.ପ୍ର): ଜୱାଦ ବାତ୍ୟା ପରେ ପରେ ଲଘୁଚାପ ବର୍ଷା ଯୋଗୁଁ ନୀଳଗିରି ଉପଖଣ୍ଡରେ ଏକର ଏକର ଧାନ ଫସଲ ନଷ୍ଟ ହୋଇଥିବା ଗଣମାଧ୍ୟମରେ ବହୁବାର ଖବର ପ୍ରସାରଣ କରାଯାଇଥିବା ବେଳେ ରାଜ୍ୟ ସରକାର କ୍ଷୟକ୍ଷତିର ଆକଳନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଜିଲ୍ଲାପାଳ ତୁରନ୍ତ କ୍ଷୟକ୍ଷତିର ଆକଳନ ପାଇଁ କୃଷି ବିଭାଗ ଓ ରାଜସ୍ୱ ବିଭାଗକୁ ଜଏଂଟ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବଡ଼ ଦୁଃଖ ଓ ପରିତାପର ବିଷୟ ଜଏଂଟ ତଦନ୍ତ ରିପୋର୍ଟରେ ନୀଳଗିରି ଉପଖଣ୍ଡରେ ବାତ୍ୟାରେ ଧାନ ଫସଲ କିଛି କ୍ଷୟକ୍ଷତି ହୋଇ ନ ଥିବା ର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଆଜି ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀ ଧାନମଣ୍ଡି ଖୋଲିବାକୁ ଆସିଥିବା ବେଳେ କ୍ଷୟକ୍ଷତି ଉପରେ ସ୍ଥାନୀୟ ପ୍ରଶାସନ ଜିରୋ ରିପୋର୍ଟ ପ୍ରଦାନ କରିଛନ୍ତି। ଏହା ଶୁଣିବା ପରେ ଉପସ୍ଥିତ ଥିବା ଚାଷୀଭାଇ ମାନେ ହକବାତ୍ ହେବା ସହ ନିରପେକ୍ଷ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀ ଉପସ୍ଥିତ ଥିବା ଉପଜିଲ୍ଲାପାଳ ବୀରକିଶୋର ପାଣୀଗ୍ରାହୀଙ୍କୁ ଦୁଇ ଦିନ ଭିତରେ ଜଏଂଟ ଇନକ୍ୱାରି କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଥାଉକି ଧାନଫସଲ କ୍ଷୟକ୍ଷତି ହୋଇଥିବା ନେଇ କୃଷକ ସଂଗଠନ, ସି.ପି.ଆଇ.(ଏମ), ସି.ପି.ଆଇ. ଦଳ ପକ୍ଷରୁ ନୀଳଗିରିରେ ବିକ୍ଷୋଭ କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମାନପତ୍ର ପ୍ରଦାନ କରିଥିଲେ। ଅଧିକାରୀମାନେ କିପରି ତଦନ୍ତ ରିପୋର୍ଟରେ ଜିରୋ ରିପୋର୍ଟ ଦେଲେ ତାହା ଋଷୀଙ୍କ ମହଲରେ ଚିନ୍ତାରେ ପକାଇଛି ।

## ବିଧାୟକ ପାଣ୍ଠିରୁ ବିଦ୍ୟାଳୟର ଶ୍ରେଣୀ ଗୃହ ଭିତ୍ତିପ୍ରସ୍ତର ଓ ଭୂମିପୂଜା ଅନୁଷ୍ଠିତ



ବସ୍ତା, ୧୫/୧୨(ନି.ପ୍ର): ବରୁଣଗଡିଆ ପଞ୍ଚାୟତ ଚୋରପଦା ସଚ୍ଚିଦାନନ୍ଦ ନୋଡାଲ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଅଟକଳରେ ଭିତିପ୍ରସ୍ତର ସ୍ଥାପନ ହୋଇଅଛି । ବରୁଣଗଡିଆ ସରପଞ୍ଚ ଲିପିକା ରାଉଳ ଭୂମିପୂଜା ଓ ଉଦ୍‌ଘାଟନ କରି ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ପାଠପଢା ପାଇଁ ଶ୍ରେଣୀଗୃହର ଆବଶ୍ୟକତା ଥିଲା । ବହୁ ଦିନ ଧରି ଅବିଭାବକ ଓ ପଞ୍ଚାୟତ ବାସୀ ସରକାରଙ୍କୁ ଅଭିଯୋଗ କରି ଆସୁଥିଲେ ହେଲେ ଆଜି ତାଙ୍କର ଆଶା ସଫଳ ହୋଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ ୧୭ନଂ ଜିଲ୍ଲାପରିଷଦ ସମ୍ଭୁନାଥ ସେଠୀ, ସମାଜସେବୀ ସୁବୋଧକାନ୍ତ ରାଉଳ, ସମିତିସଭ୍ୟ ମମତା ସାମଲ, ୱାଡ ସଭ୍ୟ ବନବାସିନୀ ବେହେରା, ସତ୍ୟନାରାୟଣ ପରିଡା, ସିଆର ସି କାହ୍ନୁଚରଣ ଜେନା, ପ୍ରଧାନଶିକ୍ଷକ ପିତାମ୍ବର ନାୟକ, ଶିକ୍ଷକ ରବିନାରାୟଣ ଚାନ୍ଦ, ରଶ୍ମୀମଞ୍ଜରୀ ବେହେରା, ଜାନକୀ ବେହେରା, ସବିତାଘଡେଇ, ରଘୁନାଥ ପଣ୍ଡା, ଉପସ୍ଥିତରେ ଭୂମିପୂଜା ଅନୁଷ୍ଠିତ ହୋଇଥିଲା । ଏସ ଏମ ସି ପ୍ରେସିଡେଣ୍ଟ-ସଞ୍ଜୟ କୁମାର ଦାସ, ସ୍ୱପ୍ନାରାଣୀ ଦାସ, ବରୁଣ ପରିଡା, ମାମିପରିଡା, ସ୍ମରଣିକା ମହାପାତ୍ର, ପଞ୍ଚା ନନଦାସ, ରମେଶସାମଲ, ନିତାଇଚରଣ ବେହେରା, ଧ୍ରୁବଚରଣ ସେନାପତି, ଆଲୋକ ମହଲ.ଅଶୋକ ଜେନା, ଆଲୋକ କୁମାର ଦାସ, ଆନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟ ପାଇଁ ପଞ୍ଚାୟତ ବାସୀ ସରପଞ୍ଚ ଓ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଶୁଳିଆପଦା ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପୁର୍ନଗଠିତ



ଶୁଳିଆପଦା, ୧୫/୧୨ (ନି.ପ୍ର): ୨୦୨୧ରିଖ ବୁଧବାର ଜିଲ୍ଲାପରିଷଦ ଶିକ୍ଷକ ସଂଘ ସଭାପତି ଶ୍ରୀ ହରେକୃଷ୍ଣ ବାରିକଙ୍କ ଅଧ୍ୟକ୍ଷତାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ ବୈଠକରେ ଶୁଳିଆପଦା ବ୍ଲକର ଶତାଧିକ ନୂତନ ପେନସନ୍‌ଭୁକ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଶୁଳିଆପଦା ବ୍ଲକର ପୂର୍ବତନ ସମ୍ପାଦକ ବ୍ୟୋମକେଶ ଦତ୍ତ ଅତଥିମାନଙ୍କର ପରିଚୟ ପ୍ରଦାନ କରିବା ପରେ ନିଜର ଇସ୍ତଫା ପତ୍ର ସମସ୍ତଙ୍କ ସମ୍ମୁଖରେ ପ୍ରଦାନ କରି ସଂଗଠନ ପୁନର୍ଗଠନ ପାଇଁ ପ୍ରସ୍ତାବ ରଖିଥିଲେ। ବୈଠକରେ ଜିଲ୍ଲା ସମନ୍ୱୟ ସମିତିର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆର୍ଯ୍ୟ, ବରିଷ୍ଠ ଶିକ୍ଷକ ନେତା ଜାମିନୀକାନ୍ତ ପଣ୍ଡା, ଶିକ୍ଷା ସହାୟକ ସଂଘର ଉପଦେଷ୍ଟା ଶିବ ଚରଣ ମହାନ୍ତ ଯୋଗଦେଇଥିଲେ। ପ୍ରାରମ୍ଭରେ ଶ୍ରୀ ଆର୍ଯ୍ୟ ସଂଘିୟ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ଜାମିନୀକାନ୍ତ ପଣ୍ଡା ପୁରୁଣା ପେନସନ୍ ପାଇଁ ଦେଶ ରାଜ୍ୟ ତଥା ଜିଲ୍ଲା ସ୍ତରରେ ଲୁଥିବା ସମ୍ପ୍ରତିକ ସ୍ଥିତି ଓ ଆଗାମୀ ଆନ୍ଦୋଳନ ସମ୍ପର୍କରେ ସୁଚନାଦେଇଥିଲେ। ତତ୍‌ପରେ ସାଙ୍ଗଠନିକ ପ୍ରକ୍ରିୟା ମାଧ୍ୟମରେ ସଂଗଠନର ପୁର୍ନଗଠନ ହୋଇଥିଲା- ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଗୟାଧର ମହାନ୍ତ, ଉପ-ସଭାପତି ଭାବେ ସୁଜିତ୍ ଧିର, ପ୍ରତିଭା ସି, ସରସ୍ୱତୀ ମହାନ୍ତ ଓ ଗୋପାଳ ଚନ୍ଦ୍ର ବାରିକ, ସମ୍ପାଦକ ଭାବେ କାଳି ଶଙ୍କର ଦାସ, ସହ ସମ୍ପାଦକ ଭାବେ ମନୋଜ ପରମାଣିକ, ବସନ୍ତ କୁମାର ସି, ଶିବ ପ୍ରସାଦ ମାର୍ଣ୍ଡି ଓ ସବିତା ଦାସ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ବାରିକ, ହିସାବ ସମିକ୍ଷକ ପଦ୍ୟୁମ୍ନ କୁମାର ଦାନ୍ ମନୋନିତ ହୋଇଥିଲେ। ପରବର୍ତ୍ତି ସମୟରେ କମିଟିର ପରାମର୍ଶରେ ସମ୍ପ୍ରସାରିତ କରାଯିବାର ନିଷ୍ପତ୍ତି ହେଲା। ସର୍ବ ଶେଷରେ ପୂନର୍ଗଠିତ ସଂଗଠନର ସମସ୍ତ ସଦସ୍ୟ ଶପଥ ପାଠ ପୂର୍ବକ ସମ୍ପାଦକ କାଳି ଚରଣ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲେଶ୍ୱର, ଗୁରୁବାର, ୧୬ ଡିସେମ୍ବର, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା

ଭଦ୍ରକ, ୧୫/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ୨୦୧୮ ବର୍ଷ ପାଇଁ ପ୍ରକାଶିତ ବିଜ୍ଞାପନ ଅନୁଯାଇ ଶେଷ ତାରିଖ ତା ୩୦-୧୦-୨୦୨୧ରିଖ ସୁଦ୍ଧା ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ସମୁଦାୟ ୩୩୮୧ ଟି ଦରଖାସ୍ତ ମିଳିଥିଲା । ଚୟନ ପ୍ରକ୍ରିୟାରେ ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ଦରଖାସ୍ତ ସବୁର ପ୍ରାଥମିକ ଯାଞ୍ଚ ପରେ ୪୬୩ଟି ଦରଖାସ୍ତକୁ ବାଦ ଦିଆ ଯାଇଛି । ଚୟନ ପ୍ରକ୍ରିୟାରେ ପରବର୍ତ୍ତୀ ପ୍ରକ୍ରିୟା ଦକ୍ଷତା ପରୀକ୍ଷା ପାଇଁ ସମୁଦାୟ ୨୯୧୮ଜଣ ହିତାଧିକାରୀଙ୍କ ନାମ ସମ୍ବଳିତ ବ୍ଲକ ଓ ପୌରାଞ୍ଚଳ ଅନୁଯାଇ ବୈଧ ଚିଠା ତାଲିକା ପ୍ରକାଶ କରାଯାଇଛି । ଏହି ତାଲିକାକୁ ପ୍ରକାଶ କରାଯିବ ଉଦ୍ଦେଶ୍ୟରେ ପ୍ରତି ବ୍ଲକ ଓ ସମ୍ପୃକ୍ତ ପୌରାଞ୍ଚଳକୁ ପଠାଇ ଦିଆଯାଇଛି । ସେଥି ନେଇ କୌଣସି ଆପତ୍ତି ଅଭିଯୋଗ ଥିଲେ ତା ୧୭-୧୨-୨୦୨୧ରିଖ ସୁଦ୍ଧା ପ୍ରଦାନ କରାଯାଇ ପାରିବ ବୋଲି କୁହାଯାଇଛି । ଏହି ଚୟନର ପରବର୍ତ୍ତୀ ପ୍ରକ୍ରିୟା ଦକ୍ଷତା ପରୀକ୍ଷା ପାଇଁ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତି ବ୍ଲକରେ ସ୍ଥାନ ନିରୂପଣ କରାଯାଇଛି । ଆସନ୍ତା ତା ୧୮-୧୨-୨୦୨୧ରିଖ ରୁ ଆରମ୍ଭ କରାଯାଇ ତା ୨୦-୧୨-୨୦୨୧ରିଖ ମଧ୍ୟରେ ଏହି ଦକ୍ଷତା ପରୀକ୍ଷା ଶେଷ କରାଯିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଚାନ୍ଦବାଲି ବ୍ଲକ ବ୍ୟତୀତ ଅନ୍ୟ ସବୁ ବ୍ଲକ ର ୩୦୦ ରୁ ୫୦୦ ଭିତରେ ହିତାଧିକାରୀ ପରୀକ୍ଷା ଦେବା ପାଇଁ ଥିବାରୁ କେଉଁଠି ୨ ଦିନ କେଉଁଠି ୩ ଦିନ ଲାଗିପାରେ । ବାସୁଦେବପୁର ବ୍ଲକ ପାଇଁ ୨ଟି କେନ୍ଦ୍ର ଟାଉନ୍ ହଲ ଏବଂ ବ୍ଲକ ସମ୍ମିଳନୀ କକ୍ଷରେ, ଭଦ୍ରକ ବ୍ଲକ ଓ ମ୍ୟୁନିସିପାଲିଟି ପାଇଁ ଭଦ୍ରକ ଟାଉନ୍‌ହଲ, ଭଣ୍ଡାରିପୋଖରୀ ପାଇଁ ସେଠାକାର କଲ୍ୟାଣ ମଣ୍ଡପ, ବନ୍ତର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ଚାନ୍ଦବାଲିର ବିଜୁ ସ୍ମୃତୀ ଭବନ, ଧାମନଗର ର କଲ୍ୟାଣ ମଣ୍ଡପ ଓ ତିହିଡ଼ି ର ଟାଉନହଲ ଠାରେ ଦକ୍ଷତା କରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଦକ୍ଷତା ପରୀକ୍ଷା ଦେବାକୁ ଥିବା ହିତାଧିକାରୀମାନେ ଫର୍ମ ଦାଖଲ ବେଳେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରୁ ଯେଉଁ ରସିଦ ନେଇଥିଲେ ତାହାକୁ ପ୍ରବେଶ ପତ୍ର ଭାବେ ଦେଖାଇପାରିବେ ଏବଂ ସେଥିରେ ଥିବା ନମ୍ବର ଆଧାରରେ ନିଜର କ୍ରମାଙ୍କ ନମ୍ବର ର ଟୋକନ ପାଇ ପାରିବେ । ଏହି ପରୀକ୍ଷା ସକାଳ ୯ ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଚାଲୁ ରହିବ ।

## ଜିଲ୍ଲାପାଳଙ୍କ କରକମଳରେ ଖୋଲିଲା ଧାନମଣ୍ଡି

ନୀଳଗିରି, ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଖରିଫ ଧାନ ପାଇଁ ବାଲେଶ୍ୱର ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀ ପ୍ରଥମେ ନୀଳଗିରି ଆର.ଏମ.ସି. ପରିସରରେ ଧାନମଣ୍ଡି କୁ ନିଜ କରକମଳରେ ଶୁଭଉଦ୍‌ଘାଟନ କରିଛନ୍ତି । ଧାନ କ୍ରୟ ସମୟରେ ସରକାରଙ୍କ ଦ୍ୱାରା ମାନଦଣ୍ଡକୁ ପାଥେୟ କରି ଋଷୀମାନଙ୍କ ଠାରୁ ଧାନ କ୍ରୟ ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗତବର୍ଷ ଋଷୀମାନେ ନିଜ ନିଜ ସେବା ସମବାୟ ସମିତିରେ ଧାନ ଦେଉଥିବା ବେଳେ ରାଜ୍ୟ ସରକାରଏହାକୁ ପରିବର୍ତନ କରାଇ ସମସ୍ତ ଋଷୀମାନେ ନିଜ ନିଜ ଅଂଚଳରେ ଥିବା ଆର.ଏମ.ସି.ରେ ଧାନ କ୍ରୟ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ନୀଳଗିରି ଆର.ଏମ.ସି. ଅଧୀନରେ ଗୋପିନାଥପୁର ସେବା ସମବାୟ ସମିତି, ନିଜଗଡ଼ ସେବାସମବାୟ ସମିତି, ଦକ୍ଷିଣ ନରସିଂହପୁର ସମିତି ରେ ଥିବା ଚାଷୀମାନେ ନିଜ ନିଜର ଧାନ ଏଠାରେ ବିକ୍ରି କରିପାରିବେ । ଏହି ଅବସରରେ ଜିଲ୍ଲାପାଳ ଓଜନକଂଟା, ମାନଦଣ୍ଡ ମେସିନ, ତନଖି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଉପଜିଲ୍ଲାପାଳ ବିରକିଶୋର ପାଣିଗ୍ରାହୀ, ସି.ଏସ.ଓ. ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଡି.ଆର.ସି.ଏସ. ଅମୂଲ୍ୟ ସେଠୀ, ଏ.ଆର.ସି.ଏ. ଉର୍ମିଳା ଦାସ, ହିମାଂଶୁ ଭୂଷଣ ସାହୁ, ଅଜୟ ମଲିକ, ଆର.ଏମ.ସି. ସେକ୍ରେଟାରୀ ସୁକାନ୍ତ ପାତ୍ର, ନିଜଗଡ଼ ସେବା ସମବାୟ ସମିତିର ପୂର୍ବତନ ସଭାପତି ରାମଚନ୍ଦ୍ର ଦାସ, ପ୍ରମୁଖ ଉପସ୍ଥିତ ଥିଲେ ।

## ଏବର୍ଷ ୩୦ ହଜାର ଚାଷୀ ଅଭାବୀ ବିକ୍ରିର ଶୀକାର



ଜଳେଶ୍ୱର ୧୫/୧୨(ନି.ପ୍ର): ଗତ ବର୍ଷ ବାଲେଶ୍ୱର ଜିଲାର ଜଳେଶ୍ୱର ବଜାର ନିୟନ୍ତୀତ କମିଟି ଅଧିନରେ ଚାଷୀମାନେ ୫.୫ଲକ୍ଷ କ୍ୟୁଣ୍ଟାଲ ଧାନ ବିକ୍ର କରିଥିବା ବେଳେ ଚଳିତବର୍ଷ ଅଦ୍ୟାବଧି ଧାନମଣ୍ଡି ଖୋଲି ନଥିବାରୁ ପଂଜିକୃତ ଅଭାବି ଧାନ ବିକ୍ରିର ସମ୍ମୁଖୀନ ହୋଇଛନ୍ତି । ଫଳରେ ଚାଷୀ ଅସନ୍ତୋଷ ଦେଖା ଦେଇଛି । ସରକାରଙ୍କ ନିତୀ ନିୟମ ଅନୁଯାୟୀ ବଜାର ନିୟନ୍ତ୍ରିତ କମିଟି ଉତ୍ପାଦିତ ଧାନ କିଣି ସରକାରଙ୍କ ଯୋଗାଣ ବିଭାଗକୁ ଦେଇଥାଏ । କିନ୍ତୁ ନିୟନ୍ତ୍ରୀତ ବଜାର କମିଟିର କର୍ମଚାରୀ ଅଭାବ ଯୋଗୁଁ ସେମାନେ ସମବାୟ ସମିତି ଜରିଆରେ ପ୍ରତିବର୍ଷ ଧାନ କ୍ରୟ କରିଥାନ୍ତି । କିନ୍ତୁ ଚଳିତବର୍ଷ ସମଗ୍ର ରାଜ୍ୟରେ ସମବାୟ ସମିତିର ସଂପାଦକମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚଳାଇଥିବାରୁ ଅଦ୍ୟାବଧି ସମିତି ଜରିଆରେ ଧାନ କ୍ରୟ ହୋଇ ପାରିନାହିଁ । ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ଅଧିନରେ ଜଳେଶ୍ୱରର ୧୯ଟି, ଭୋଗରାଇର ୧୯ଟି ଓ ବାଲିଆପାଳର ୧୬ଟି ସେବା ସମବାୟ ସମିତି (ପ୍ୟାକ୍ସ) ଜରିଆରେ ଧାନ କ୍ରୟ ହୋଇଥାଏ । କିନ୍ତୁ ଚଳିତବର୍ଷ ସମିତିର ସମ୍ପାଦକମାନେ ଆନ୍ଦୋଳନ ଚଳାଇଥିବାରୁ ଚଳିତବର୍ଷ ଧାନ କ୍ରୟ ହୋଇ ପାରିନାହିଁ । ଜିଲା ପ୍ରଶାସନ ପକ୍ଷରୁ ଏଆରସି ନିୟନ୍ତ୍ରିତ ବଜାର କମିଟି ଜରିଆରେ ଆଜି ଧାନ କ୍ରୟ କରିବାକୁ ସଂପାଦକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଆଜି ୫୪ ଟି ପ୍ୟାକ୍ସ ମଧ୍ୟରୁ ଗୋଟିଏବି ହେଲେ କେଉଁଠାରେ ଧାନ କ୍ରୟ କରାଯାଇ ନାହିଁ । ଆସନ୍ତା ସୋମବାର ପାଖରୁ ଧାନ କ୍ରୟ ହେବ ବୋଲି ଆଜି ସଂଧ୍ୟରେ ବଜାର ନିୟନ୍ତ୍ରିତ କମିଟିର ସଂପାଦକ ବଳରାମ ଜେନା ସୂଚନା ଦେଇଛନ୍ତି । ଫଳରେ ଗତ ୧୦ ତାରିଖରୁ ପ୍ରତିଦିନ ଯେଉଁଚାଷୀମାନେ ଧାନ ମଣ୍ଡିରେ ବିକ୍ରି କରିବାର ଥିଲା ସେମାନେ ତାଙ୍କର ଧାନ ବିକ୍ରିନେଇ ସନ୍ଦେହ ପ୍ରକାଶ ପାଇଛି । ପ୍ରକାଶଯୋଗ୍ୟ ଗତବର୍ଷ ଯେଉଁମାନଙ୍କ ଏଭଳି ଅବସ୍ଥା ହୋଇଥିଲା ସେମାନେ ବହୁ ଆନ୍ଦୋଳନ ଓ ଦାବି ପରେ ଜିଲାପ୍ରଶାସନ କେତେକ ଚାଷୀଙ୍କ ଠାରୁ ଧାନ କିଣିଥିଲେ । ଅନ୍ୟପକ୍ଷରେ ଗତବର୍ଷ ଉପରୋକ୍ତ ୫୪ଟି ପ୍ୟାକ୍ସ ଜରିଆରେ ବଜାର ନିୟନ୍ତ୍ରିତ କମିଟି ୫.୫ ଲକ୍ଷ କ୍ୟୁଣ୍ଟାଲ ଧାନ କ୍ରୟ କରିଥିବା ବେଳେ ଅଦ୍ୟାବଧି ଆଦୌ କିଣିନଥିବାରୁ ଚାଷୀମାନେ ହରଡଘଣାରେ ପଡିଛନ୍ତି । ସରକାରୀ ଓ ବେସରକାରୀ ଋଣ ସହିତ ସାର ଓ କୀଟମରା ଦୋକାନୀର କରଜ ତଥା ଏବେ ପ୍ରତିକୂଳ ପାଗରେ ଧାନ କାଟି ବୋହି ଅମଳ କରିବାରେ ଅଧିକ ଅର୍ଥ ଖର୍ଚ୍ଚ ହୋଇଛି । ଧାନ ବିକ୍ରି କଲେ ଚାଷୀ ଏସବୁ ଋଣ ପରିଶୋଧ କରିବାକୁ ଚାହିଁ ବସିଥିବା ବେଳେ ଧାନମଣ୍ଡି ଖୋଲିନଥିବାରୁ ଚାଷୀମୁଣ୍ଡରେ ଚଡକ ପଡିଛି । ବିଭିନ୍ନ ଅସୁବିଧା ଯୋଗୁଁ ଆଜି ଧାନକ୍ରୟ ହୋଇନଥିବାର ସଂପାଦକ ଶ୍ରୀ ଜେନା ସୂଚନା ଦେଇଛନ୍ତି । ବିଶେଷତଃ ଡାଟାଏଣ୍ଟି ପ୍ରତିଦିନ, ପ୍ରତିଦିନ ମଣ୍ଡିର ଖର୍ଚ୍ଚ ଏବଂ ମିଲର ଆସିବା ନେଇ ଆସୁବିଧା ଦେଖା ଦେଇଛି । ଜିଲାପ୍ରଶାସନ ଶୀଘ୍ର ଧାନ କ୍ରୟର ବ୍ୟବସ୍ଥା ନ କଲେ ପରିସ୍ଥିତି ଜଟିଳ ହେବାର ସମ୍ଭାବନା ରହିଛି । ଚଳିତ ବର୍ଷ ସରକାର ଧନକ୍ୟୁଣ୍ଟା ମୂଲ୍ୟ ୧୯୪୦ଟଙ୍କା ରଖିଥିବା ବେଳେ ଖୋଲାବଜାରରେ ପଶ୍ଚିମବଂଗଳାର ଧାନ ବ୍ୟବସାୟୀମାନେ କ୍ୟୁଣ୍ଟାଲ ପ୍ରତି ୧୩୪୦ ଟଙ୍କାରେ କିଣୁଥିବାର ଦେଖାଯାଇଛି ।

## ବରୁଣସିଂର ଖେଳପଡ଼ିଆ ଉନ୍ନତିକରଣ ପାଇଁ କ୍ରୀଡ଼ାମନ୍ତ୍ରୀଙ୍କୁ ନିବେଦନ ପତ୍ର

ବାଲେଶ୍ୱର,୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ରୂପବାଲି ଓ ଠାକୁରାପଦା ପ୍ରମୁଖ ଦୁଇଟି ବଡ଼ ଖେଳ ପଡିଆର ଉନ୍ନତିକରଣ ପାଇଁ ବରୁଣସିଂ ଗ୍ରାମପଞ୍ଚାୟତବାସୀ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ନିବେଦନ ପତ୍ର ପ୍ରଦାନ କରିଛନ୍ତି । ପଞ୍ଚାୟତବାସୀଙ୍କ ଏହି ଦାବିକୁ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ସମର୍ଥନ ଜଣାଇବା ସହ ବ୍ୟକ୍ତିଗତ ଭାବେ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ବରୁଣସିଂ ପଞ୍ଚାୟତବାସୀଙ୍କ ପକ୍ଷରୁ ଶିକ୍ଷାବିତ ତଥା ସାହାର୍ଦ୍ଦା ଗ୍ରାମର ଶାନ୍ତା ଦାସ ଓ ସ୍ଥାନୀୟ ନେତୃବୃନ୍ଦ ଏହି ନିବେଦନ ପତ୍ରକୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବ୍ୟକ୍ତିଗତ ସଚିବ କୈଳାସ ଚନ୍ଦ୍ର ଦାସଙ୍କୁ ପ୍ରଦାନ କରିଛନ୍ତି । ବରୁଣସିଂ ଗ୍ରାମ ପଞ୍ଚାୟତର ଯୁବ ବର୍ଗ ଦୀର୍ଘ ଦିନ ହେବ କ୍ରୀଡ଼ା ପ୍ରତି ବେଶ ଋଚି ରଖି ଆସିଛନ୍ତି । ଏଠାରେ ଥିବା ରୂପବାଲି ଓ ଠାକୁରାପଦା ପଡ଼ିଆରେ ଅନେକ ଫୁଟବଲ, ଭଲିବଲ ଓ କ୍ରିକେଟ ଆଦି ଟୁର୍ଣ୍ଣାମେଣ୍ଟ ହୋଇଆସୁଅଛି । କେବଳ ସେତିକି ନୁହେଁ ଏହି ଅଞ୍ଚଳର ଅନେକ ହାଇସ୍କୁଲ ଓ ୟୁପି ସ୍କୁଲ ଛାତ୍ର ଛାତ୍ରୀ ଏଠାରେ ଖେଳ ଅଭ୍ୟାସ କରି ଆସୁଛନ୍ତି । ଯଦି ଏହି ଖେଳ ପଡ଼ିଆର ଉନ୍ନତକରଣ ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଏ, ତାହାଲେ ଏଠାରୁ ଆଗାମୀ ଦିନରେ ବହୁ ଭଲ ଖେଳାଳି ସୃଷ୍ଟି ହୋଇ ପାରିବେ ବୋଲି ପଞ୍ଚାୟତବାସୀ ନିବେଦନ ପତ୍ର ଜରିଆରେ କ୍ରୀଡ଼ାମନ୍ତ୍ରୀଙ୍କୁ ଜଣାଇଛନ୍ତ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜିଲ୍ଲା ପାଇଁ ଅନେକ କ୍ରୀଡ଼ା ପ୍ରକଳ୍ପ ଭେଟି ଦେଇଥିବା ବେଳେ ଏହି ଦାବି ପୂରଣ ହେଲେ ବାଲେଶ୍ୱର ଜିଲା କ୍ରୀଡ଼ା କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚି ପାରିବ ବୋଲି ଗ୍ରାମାବାସୀମାନେ କହିଛନ୍ତି । ଯୁବ ବର୍ଗଙ୍କ ବିକାଶ ପାଇଁ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଓ ସମାଜସେବୀ ଶାନ୍ତା ଦାସଙ୍କ ଏହି ସାଧୁ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀ ଓ ବୁଦ୍ଧିଜୀବୀ ବେଶ ପ୍ରଶଂସା କରିଛନ୍ତି ।

## ସତ୍ୟସାଇ ସେବା ସଂଗଠନ ଏବଂ ଭୁବନେଶ୍ୱର ଓକିଲ ସଂଘ ତରଫରୁ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ସତ୍ୟସାଇ ସେବା ସଂଗଠନ ଓଡ଼ିଶା ଏବଂ ଭୁବନେଶ୍ୱର ଓକିଲ ସଂଘ ମିଳିତ ଉଦ୍ୟମରେ କୋର୍ଟ ପରିସରରେ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ସ୍ଥାପିତ ହୋଇଯାଇଛି । ଉକ୍ତ ପ୍ରକଳ୍ପକୁ ଜିଲ୍ଲା ଜଜ୍(ଖୋର୍ଦ୍ଧା, ଭୁବନେଶ୍ୱର) ଶ୍ରୀ ରାମଶଙ୍କର ହୋତା ଉଦଘାଟନ କରିଥିଲେ । ଏଥିରେ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ସୁଶାନ୍ତ କୁମାର ପଟ୍ଟନାୟକ, ସି. ଜଗଦୀଶ, ଉମେଶ କୁମାର ବିଶ୍ୱାଳ, ସି. ମନିକୁମାରୀ, ଡେଜି ଶତପଥୀ, ସବିତା କୁମାରୀ ଏବଂ ବହୁ ସଦସ୍ୟ ଯୋଗଦାନ କରିଥିଲେ । ଉକ୍ତ ଉତ୍ସବରେ ଭୁବନେଶ୍ୱର ବାର ଆସୋସିଏସନର ସଭାପତି ଶ୍ରୀ ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧକ୍ଷ ଲିଙ୍ଗରାଜ ମହାରଣା, ସହ ସମ୍ପାଦକ ଶିବ ନାରାୟଣ ସାହୁ ଏବଂ ଆସୋସିଏସନର ସମସ୍ତ କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ ।

## ବିକାଶକାର୍ଯ୍ୟ ଶିଳାନ୍ୟାସକୁ ସାଂସଦକୁ ମନା : ବିଜେପିର ଅସନ୍ତୋଷ

ଜଳେଶ୍ୱର, ୧୫/୧୨(ନି.ପ୍ର): ଗତ ୧୪ ତାରିଖରେ ଜଳେଶ୍ୱର ରିଂ ବନ୍ଧ ପ୍ରତିଷ୍ଠା ଲାଗି ସେକ୍‌ବାର୍ଡଠାରେ ଜଳସେଚନ ବିଭାଗ ପକ୍ଷରୁ ଆୟୋଜିତ ଶିଳାନ୍ୟାସ ଉତ୍ସବକୁ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇଥିବା ବେଳେ ସାଂସଦଙ୍କୁ ନିମନ୍ତ୍ରଣ ନ ହେବା ଏବଂ ଫଳକରେ ତାଙ୍କ ନାମ ଦରଜ ହୋଇନଥିବାରୁ ବିଜେପି ଆପତ୍ତି ଉଠାଇଛି । ନଦିବନ୍ଧ ସୁଦୃଢ଼ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବା ବେଳେ ସେହି କାର୍ଯ୍ୟରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କୁ ନିମନ୍ତ୍ରଣ କରାନଯିବା ଭାରତର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଏକ ଅବମାନନା ବୋଲି ବିଜେପି କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଜଳସମ୍ପଦ ବିଭାଗ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତବାରିସୀଭାବେ କାର୍ଯ୍ୟ କରୁଛି ବୋଲି ବିଜେପିର ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ତନ୍ମୟ କୁମାର ଚନ୍ଦ, ସୁଧିର ଓଝା, ରାଜୀବ ଘୋଷ, ମନମୋହନ ଆଚାର୍ଯ୍ୟ, ଅଂଜନ ଦାସ, ରାମକୃଷ୍ଣ ସାହୁ, ସତ୍ୟବ୍ରତ ପଣ୍ଡା, ଗୌରଗୋପାଳ ଦାସଅଧିକାରୀ, ଗୌତମ ଘୋଷ ପ୍ରମୁଖ ଏକ ପ୍ରେସବାର୍ତ୍ତାରେ ଅଭିଯୋଗ କରିଛନ୍ତି ।

## ରୌପ୍ୟ ଜୟନ୍ତୀରେ ନାରୀ ପ୍ରଗତି ଆଲୋଚନା



ଖଇର, ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଳନର ବୁଧବାରର ଦ୍ୱିତୀୟ ଦିବସରେ ନାରୀ ଶିକ୍ଷା ଓ ସାମାଜିକ ପରିବର୍ତ୍ତନରେ ଏହାର ଭୁମିକ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ସରପଞ୍ଚ ପଙ୍କଜିନୀ ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବଭାରତୀୟ ଗଣତାନ୍ତ୍ରିକ ମହାସଂଘର ସମ୍ପାଦିକା ତାପସି ପ୍ରହରାଜ ମୁଖ୍ୟ ଅତିଥି,ଓଷ୍ଟା ସମ୍ପାଦିକା ସୁରଜିତା ନାୟକ ମୁଖ୍ୟବକ୍ତା,ଓଡିଶା ଇତିହାସର ଗବେଷକ ହେମନ୍ତ କୁମାର ରାଉତ,ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା,ମହିଳା ସଙ୍ଗଠିକ ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ । ମହିଳା ମାନଙ୍କ ଅଧିକାର ପାଇଁ ଲଢେଇ କରୁଥିବା ସାବିତ୍ରୀ ଭାଇ ଫୁଲେ ହୁଅନ୍ତୁ କି ରାଜା ରାମମୋହନ ରାୟ ହୁଅନ୍ତୁ ସେମାନଙ୍କ ଲକ୍ଷ କିନ୍ତୁ ପୁରଣ ହୋଇ ପାରିନାହିଁ । ଯଦିଓ ମହିଳା ମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢିଛି ତେବେ ମହିଳା ମାନଙ୍କ ଉପରେ କ୍ରମାଗତ ନିର୍ଯ୍ୟାତନା, ଶୋଷଣ ଆଶାନୁରୁପ ଶିକ୍ଷା ଓ ସେମନଙ୍କ ପ୍ରଗତି ରେ ବାଧା ସୃଷ୍ଟି କରିଛି । ଏଥିପାଇଁ ଆଇନ ପ୍ରଣେତା ଓ ଆଇନ ରକ୍ଷକ ମାନଙ୍କର ଇଚ୍ଛାଶକ୍ତିର ଅଭାବକୁ ବହୁ ବକ୍ତାଦାୟି କରିଥିଲେ ।

## ସିଆଇକେ କାଶ୍ମୀର ଘାଟିରେ ପ୍ରାୟ ୧୪ଟି ସ୍ଥାନରେ ଚଢ଼ାଉ କରିଛି

ଶ୍ରୀନଗର, ୧୫/୧୨ (ନି.ପ୍ର): କାଉଂଟର ଇଂଟେଲିଜେନ୍ସ କାଶ୍ମୀର (ସିଆଇକେ)ର ବିଭିନ୍ନ ଦଳ ପୋଲିସ ଏବଂ ଅନ୍ୟ ସୁରକ୍ଷା କର୍ମୀଙ୍କ ସହ ବୁଧବାର କାଶ୍ମୀରର ୧୪ଟି ସ୍ଥାନରେ ଚଢ଼ାଉ କରିଛନ୍ତି । ପୋଲିସ ସୂତ୍ର ଅନୁସାରେ ଜାମିୟତ-ଅସ-ସଲିହତ ରେ ପଂଜୀକୃତ ହୋଇଥିବା ମାମଲାରେ ସିଆଇକେ ଏହି ଚଢ଼ାଉ କରିଥିଲା, ଯାହା ଜାମାତ ଅଫସୁଟ ସ୍କୁଲ ଭାବେ ଜଣାଶୁଣା । ଏହି ସ୍କୁଲ ସହିତ ଜଡ଼ିତ ଲୋକଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ମୋବାଇଲ ଫୋନ୍, ବ୍ୟାଙ୍କ ପାସବୁକ୍ ଏବଂ ଅନ୍ୟାନ୍ୟ ରାଜସ୍ୱ ଦସ୍ତାବିଜ ଜବତ କରିଛି । ସୂଚନାନୁସାରେ ସିଆଇକେର ଏକ ଟିମ୍ ସକାଳେ ବିଜବିହାଡ଼ା ଏ/ପି ଘର ନଂ. ୭ ଓସମାନିଆ କଲୋନି ବାଗୀ-ମେହତାବ ରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ଅସଦୁଲ୍‌ଶ ଭଟ ପୁଅ ଅବଦୁଲ ସମଦଙ୍କ ଘରେ ପହଂଚିଥିଲେ । ଘର ଖୋଜାଖୋଜି ବେଳେ ତାଙ୍କ ଘରୁ ଏକ ମୋବାଇଲ ଫୋନ, ତିନୋଟି ପାସବୁକ୍ ଏବଂ କିଛି ରାଜସ୍ୱ ଦଲିଲ ଉଦ୍ଧାର କରାଯାଇଥିଲା

## ପୂର୍ବତନ ନଗରପାଳ ହିମାଂଶୁ ଶେଖର ନନ୍ଦିଙ୍କ ୭ମ ସ୍ମୃତିସଭା

### ଦୂରଦୃଷ୍ଟି ସମ୍ପନ୍ନ ତାଙ୍କ ବ୍ୟକ୍ତିତ୍ୱ ଓ ଅଧୁରା ସ୍ୱପ୍ନ ପୂରଣ ଲାଗି ଝୁରୁଛନ୍ତି ଜଳେଶ୍ୱର ବାସୀ




ଜଳେଶ୍ୱର, ୧୫/୧୨(ନି.ପ୍ର): ଜଣେ ବିଶିଷ୍ଟ ଲେଖକ, ସମାଜସେବି, ନେତା ଓ ଦରଦୀବନ୍ଧୁ ହିମାଂଶୁ ଶେଖର ନନ୍ଦୀ ଜଳେଶ୍ୱର ଅଂଚଳରେ ବେଶ୍ ଏକ ଚିହ୍ନାମୁହଁ । ଆଜି ତାଙ୍କ ଅବର୍ତ୍ତମାନରେ ୭ମ ସ୍ମୃତିସଭା ଜଳେଶ୍ୱରସ୍ଥିତ ଭଂଜଶ୍ରୀବିହାରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସାମ୍ୟବାଦି ନେତା ଶିଶିର କୁମାର ହୁଇ ଅଧ୍ୟକ୍ଷତା କରିଥିଲେ । ସ୍ୱଳ୍ପକାଳ ଲାଗି ଜଳେଶ୍ୱର ପୌରପାଳଭାବେ କାର୍ଯ୍ୟକରି ସେ ସମସ୍ତଙ୍କ ହୃଦୟ ଜୟ କରିପାରିଥିଲେ । ଏବେବି ତାଙ୍କର ବହୁ ଅଧୁର ସ୍ୱପ୍ନ ସାକାର ହୋଇ ପାରିନଥିବାରୁ ତାଙ୍କ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟରାଶିକୁ ଜଳେଶ୍ୱରବାସୀ ଝୁରୁଛନ୍ତି ବୋଲି ବକ୍ତାମାନେ ମନ୍ତବ୍ୟ ଦେଇଥିଲେ । ସୁବର୍ଣ୍ଣରେଖାର ୨୦୦୮ ବନ୍ୟାପରେ ଜଳେଶ୍ୱରକୁ ବଂଚାୟ ଶୀର୍ଷକ ପୁସ୍ତକ ତାଙ୍କର ଜଳେଶ୍ୱରବାସୀ ପ୍ରତି ଆହ୍ୱାନ ଓ ଜାତୀୟ ରାଜପଥ ୬୦ ନିର୍ମାଣ ପୂର୍ବରୁ ସୁବର୍ଣ୍ଣରେଖା ନଦି କଡେ କଡେ ରାଜପଥ ପ୍ରତିଷ୍ଠା ହୋଇପାରିଲେ ବନ୍ୟାସମସ୍ୟ ଦୂର, ଜଳେଶ୍ୱର ସୁରକ୍ଷା ଓ ଲୋକଙ୍କ ଜମି ହରାଇବାକୁ ପଡିବନାହିଁ ବୋଲି ତାଙ୍କର ଲେଖା ଆଜିବି ପ୍ରତ୍ୟେକଙ୍କର ଶିହରଣ ଆଣେ । ଡ. ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ ଚରଣ ପାତ୍ର , ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ପୌରଅଧିକାରୀ ଅଜୟ ମହାପାତ୍ର, ଶିକ୍ଷକ ନେତା ଇନ୍ଦୁଭୂଷଣ ମହାନ୍ତି, ଯୁବନେତା ପ୍ରତୀପ ପ୍ରଧାନ, ଡ. ରମାକାନ୍ତ ଭଂଜ, ଡ. ଲଳିତରଂଜନ ସେନାପତି, ବିଷ୍ଣୁପଦ ମହାନ୍ତି, ସୀତାଂଶୁ ସେନାପତି, ଅରୁଣ କୁମାର ବେଜ, କମଳ ଚକ୍ରବର୍ତ୍ତୀ, ଦିଲ୍ଲିପ ଗିରି, କପିଳେଶ୍ୱର ମହାନ୍ତି, ଶରତ ପରିଡା ପ୍ରମୁଖ ଏଥିରେ ବକ୍ତବ୍ୟ ରଖି ହିମାଂଶୁ ବାବୁଙ୍କ ବହୁମୁଖୀ ପ୍ରତିଭା ସ୍ମୃତି ରୋମନ୍ଥନ କରିଥିଲେ । ଆଇନ୍‌ଜିବୀ ଜିତାଂଶୁ ନନ୍ଦି, ଅବନୀ ନାଗ, ଆଶିଷ ଗିରି ପ୍ରମୁଖ ବହୁ ବ୍ୟକ୍ତି ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ ।

## ବସ୍ତାଅବକାରୀ ବିଭାଗକୁ ବଡ ସଫଳତା : ବିପୁଳ ପରିମାଣରେ ନକଲି ମଦ ସହ ୫ଜଣ ବେପାରୀଙ୍କୁ ଗିରଫ



ବସ୍ତା, ୧୬।୧୨(ନିପ୍ର) ବାଲେଶ୍ୱରଜିଲ୍ଲା ଅବକାରୀ ଅଧିକ୍ଷକ ଅଶୋକ କୁମାର ଶତପଥୀ ନିର୍ଦ୍ଦେଶକ୍ରମେ, ଉପ ଅଧିକ୍ଷକ ଶୁସାନ୍ତ କୁମାରପାଢୀଙ୍କ ତତ୍ତ୍ୱାବଧାନରେ ସଦର ରେଞ୍ଜର ନିରିକ୍ଷକପ୍ରବୀଣ କୁମାର ପ୍ରଧାନଙ୍କୁ ନେଇ ୨୦ଜଣିଆ ଅବକାରୀଟିମ ମିଳିତଭାବେ ଚଢଉକରି ଭୋଗରାଇ, ବସ୍ତା ଥାନା ଅଞ୍ଚଳରୁ ବିପୁଳ ପରିମାଣର ଚୋରା ମଦ ସହ ନକଲି ମଦ ପ୍ରସ୍ତୁତ ସାମଗ୍ରୀ ସମେତ ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଦେଶି ମହୁଲି ୨୮୧ଲିଟର ସ୍ପିରିଟ ୫୦ଲିଟର.ଡିଲୋଟିଡ ସ୍ପିରିଟ ୩୦ଲିଟର, ଠିପି ୨୫୦ଟି, ବୋତଲ୧୦୦ପିସ, ଡୁପୁଲିକେଟ ଏଫ.ଏଲ.୨୨.୪୨୫ଲିଟର ଅଟେ । ଗିରଫ ଅଭିଯୁକ୍ତ ହେଲେ ସିଂଲାଥାନା ସାହାଡା ପଞ୍ଚାୟତର ସନ୍ତୋଷ ଜେନା ପୁଅ ରାମକୃଷ୍ଣଜେନା, ବସ୍ତାଥାନା ଭଗିଚକୁରୀ ଗ୍ରାମର ହରେକୃଷ୍ଣ ପଣ୍ଡା ପୁଅ ବଳରାମପଣ୍ଡା, ଭୋଗରାଇଥାନା କନ୍ୟାନଗରୀରୁ କିଶୁନ ମୁର୍ମୁ ପୁଅ ଦୁଲା ମୁର୍ମୁ, କୁମ୍ଭାରୀ ଗଡିଆଗ୍ରାମର ଭାନୁମାଝୀ ପୁଅ କିଶନ ମାଝୀ ଓ ଶ୍ୟାମ ମୁର୍ମୁ ପୁଅ ସୁବଲ ମୁର୍ମୁ ଏହି ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ତେବେ ଚଢଉରେ ସହଯୋଗ କରିଥିଲେ ଆଇଆଇସି ଗାଲୁରାମ ସୋରେନ ଓ ଆଇସି କୁଳମଣୀ ମହାରଣା, ଦେବେନ୍ଦ୍ର କୁମାର ବେହେରା, ପ୍ରଭାସକୁମାର ମହାନ୍ତି, ଅଞ୍ଜନ କୁମାର ଜେନା, ସମେତ ଅବକାରୀ କର୍ମଚାରୀ ମାନେ ।

## ମୟୂରଭଞ୍ଜ କ୍ରୀଡା ସଂସଦର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ

### ଗ୍ରାମାଂଚଳ କ୍ରୀଡା ପ୍ରତିଭାଙ୍କୁ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ




ବାରିପଦା, ୧୫/୧୨ (ନି.ପ୍ର): ଆଜି ପୂର୍ବାହ୍ନରେ ମୟୂରଭଞ୍ଜ କ୍ରୀଡା ସଂସଦର ନୂତନ କର୍ମକର୍ତା ମାନେ ବାରିପଦା ଷ୍ଟାଡିୟମ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଶପଥ ଗ୍ରହଣ କରିଥିବାର ଜଣାଯାଇଛି । କ୍ରୀଡା ସଂସଦର ସଭାପତି ତଥା ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ସମ୍ମାନୀତ ଅତିଥି ଭାବରେ ମରୋଡା ବିଧାୟକ ରାଜକିଶୋର ଦାସ, ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଚେୟାରମେନ ଡା. ଦେବାଶିଷ ମାରାଣ୍ଡି ପ୍ରମୁଖ ଯୋଗଦେଇ ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ଗ୍ରାମାଂଚଳ କ୍ରୀଡା ପ୍ରତିଭା ମାନଙ୍କୁ ଗୁରୁତ୍ୱ ଦେବା ଦରକାର ବୋଲି ମତ ପୋଷଣ କରିଥିଲେ । ଗ୍ରାମାଂଚଳ କ୍ରୀଡା ପ୍ରତିଭା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରର ଖେଳ ପାଇଁ ଯୋଗ୍ୟ ବିବେଚିତ କରାଇବା ଦିଗରେ ଜିଲ୍ଲା ପ୍ରସାଶନ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବ ବୋଲି ଜିଲ୍ଲାପାଳ କହିଥିଲେ । ଏହାପରେ ଜିଲ୍ଲାପାଳ ନବ ନିର୍ବାଚିତ କର୍ମକର୍ତା ମାନଙ୍କୁ ଶପଥପାଠ କରାଇଥିଲେ । ଏହି ଅବସରରେ ନବନିର୍ବାଚିତ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, ଏବଂ କାଉଁନସିଲ ସଦଶ୍ୟ ଭାବେ ଅମ୍ବିକା ପ୍ରସାଦ ରାଉତ, ପ୍ରସନ୍ନଜିତ ମହାନ୍ତି, ଅମର କୁମାର ସେଠୀ, ସୌରଭ ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକ, ହରପ୍ରସାଦ ପାତ୍ର, ଗୌରୀ ଶଙ୍କର ସ୍ୱାଇଁ, ବୈଦ୍ୟନାଥ ରଥ, ମୟୂରଭଞ୍ଜ ଜିମ୍ନାସିୟମର ରବିନ୍ଦ୍ର କୁମାର ମହାନ୍ତି, ପ୍ରମୁଖ ଜିଲ୍ଲାର କ୍ରୀଡା ବିକାଶ ଦିଗରେ ପ୍ରତିବଦ୍ଧ ରହିବେ ବୋଲି ଶପଥପାଠ କରିଥିଲେ । ଏହି ଅବସରରେ ଦିବଂଗତ ସଦଶ୍ୟ ମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ, ଶିକ୍ଷକ ସୋମନାଥ ସିଂହ ସବାପରିଚାଳନା ଓ ସଦଶ୍ୟ ବୈଦ୍ୟନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶପଥ ଗ୍ରହଣ ସଭାରେ ବହୁ ବରିଷ୍ଠ ସଦଶ୍ୟ ଏବଂ କ୍ରୀଡାବିତ , ବୁଦ୍ଧିଜିବୀ ଉପସ୍ଥିତ ଥିବା ବେଳେ, ସାଧାରଣ ସମ୍ପାଦକ ବିଜୟ ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କ୍ରୀଡାର କିକାଶ ଦିଗରେ ସେ ନିରନ୍ତର ପ୍ରୟାସ କରିବେ ବୋଲି ନିଜ ଅଭିଭାଷଣରେ କହିଛନ୍ତି ।

## ଓମିକ୍ରନ ପାଇଁ ସତର୍କ ରହିବାକୁ ପଡିବ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଓଡ଼ିଶାରେ ଏପର୍ଯ୍ୟନ୍ତ ଓମିକ୍ରନ ପ୍ରବେଶ କରିନାହିଁ । ତଥାପି ଓମିକ୍ରନର ଭୟାବହତାକୁ ଦେଖି ସୀମାନ୍ତ ଜିଲ୍ଲା ଉପରେ ଅଧିକ ଫୋକସ କରାଯାଉଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଏହି ଭାରିଆଂଟ ଅଧିକ ଘାତକ ହେଉ କି ନ ହେଉ ଆମକୁ ସତର୍କ ରହିବାକୁ ପଡ଼ିବ । ସେ କହିଛନ୍ତି ଯେ, ସର୍ଭିଲାନ୍ସ ଓ ଟିକାକରଣକୁ ଆମେ ଗୁରୁତ୍ୱ ଦେଉଛୁ । ବାହାରୁ ଆସୁଥିବା ଲୋକମାନଙ୍କର ସର୍ଭିଲାନ୍ସକୁ କଡାକଡି କରାଯାଇଛି । ଜିନମ ସିକ୍ୟୁଏନସିଂ କରାଯାଉଥିବା ସହ ଟିକାକୁ ଆମେ ଗୁରୁତ୍ୱ ଦେଉଛୁ । ଶୀଘ୍ର ଟିକାକରଣ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । 'ଆର୍ଟ ରିସ୍କ' ଦେଶରୁ ଯେଉଁମାନେ ଆସୁଛନ୍ତି ତାଙ୍କ ଉପରେ ନଜର ରଖାଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବର୍ତ୍ତମାନ ଏହା ଉପରେ ଅଧିକ ଗବେଷଣା ଚଳାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo